ପୁରୀ ଜଗନ୍ନାଥ ଧାମରୁ ପ୍ରକାଶିତ ଏକମାତ୍ର ଲୋକପ୍ରିୟ ଓଡ଼ିଆ ଦୈନିକ

# ତୀର୍ଥକ୍ଷେତ୍ର

TEERTHKHETRA ODIA DAILY

25 YEARS

■ RNI Regd. No.- ODIODI/2000/01251
■ Postal Regd.No. - PRI-34/2016-2018
■ E-mail : teerthkhetra@gmail.com

VOL-25 Issue No.-285, Wednesday 19 November 2025 Puri, Rs.3.00 (Page- 08) ୨୫-ବର୍ଷ ସଂଖ୍ୟା-୨୮୫, ବୁଧବାର, ୧୯ ନଭେମ୍ବର ୨୦୨୫, ପୁରୀ ମୁଲ୍ୟ: ୩.୦୦ (ପୃଷ୍ଠା-୦୮)

### ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ଲୋକଙ୍କ କଥା ଶୁଣନ୍ତୁ, ସମାଧାନ ପାଇଁ ଚେଷ୍ଟା କରନ୍ତୁ



ଭୁବନେଶ୍ୱର,୧୮।୧୧ : ଆମ୍ଭେମାନେ ଯିଏ ଯେଉଁ ପଦବୀରେ ଥାଉ ନା କାହିଁକି, ଆମେ ସମସ୍ତେ ଜନସେବା ପାଇଁ ଉତ୍ସର୍ଗୀକୃତ । ଆମର କାର୍ଯ୍ୟକଳାପ ପାଇଁ ଆମେ ଜନସାଧାରଣଙ୍କ ପାଖରେ ଉତ୍ତରଦାୟୀ। ସେଥିପାଇଁ ଆପଣମାନେ ଲୋକଙ୍କ ସହିତ ମିଶନ୍ତୁ। ସାଧାରଣ ଲୋକଟିର କଥା ଧୈର୍ଯ୍ୟର ସହ ଶୁଣନ୍ତୁ ଓ ତାଙ୍କ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରନ୍ତୁ। ଏହା ହିଁ ହେଉଛି ସୁଶାସନର ମୂଳଦୁଆ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀ ଉଦ୍ଘାଟନ ଅବସରରେ କହିଛନ୍ତି।

ଲୋକସଭା ଭବନ କନଭେନ ସେଣ୍ଟର ଠାରେ ଆୟୋଜିତ ଦୁଇ ଦିନିଆ ସମ୍ମିଳନୀର ଉଦଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତିଯେ, ଆମ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ମନ୍ତ୍ରରେ ରାଜ୍ୟର କଲ୍ୟାଣ ପାଇଁ ଅନେକ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି। ଯୋଜନା ଯେତେ ଅଭିନବ ହେଲେ ମଧ୍ୟ ଏହାର ପ୍ରକୃତ ସଫଳତା ଏହାର ସଠିକ୍ ରୂପାୟନ ଉପରେ ନିର୍ଭର କରେ। ତେଣୁ, ଲୋକଙ୍କ ସୁବିଧା ପାଇଁ ସମସ୍ତେ ସଚ୍ଚୋଟ ଓ କର୍ତ୍ତବ୍ୟନିଷ୍ଠ ହୁଅନ୍ତୁ ଏବଂ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ସମନ୍ୱୟ ରକ୍ଷା ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରନ୍ତୁ।

ଆମ ସରକାର ବର୍ତ୍ତମାନ ରାଜ୍ୟର ୩୦ଟି ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଯାଉଛନ୍ତି। ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନୀତି, ନିୟମ ପରିସରରେ ରହି ଉଦ୍ୟୋଗୀମାନଙ୍କୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସରକାରଙ୍କ ନୂତନ କାର୍ଯ୍ୟକ୍ରମ 'ମିଶନ ପାୱାର' ଅଧିନରେ ୨୦୨୭ ସୁଦ୍ଧା ରାଜ୍ୟର ପ୍ରତିଟି ଗ୍ରାମକୁ ସବୁ ଦିନିଆ ରାସ୍ତା, ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣର ଲକ୍ଷ୍ୟ ରହିଛି। ଏହି ଲକ୍ଷ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସାରିବା ପାଇଁ ଜିଲ୍ଲାପାଳମାନଙ୍କୁ ମିଶନ ମୋଡ୍ ରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସରକାରୀ ସ୍ତରରେ ନିଆଯାଇଥିବା ନିଷ୍ପତ୍ତି ଓ ଘୋଷଣା ସହିତ ଯୋଜନା ଗୁଡିକର କାର୍ଯ୍ୟକାରୀତାର ଅଗ୍ରଗତି ସମ୍ପର୍କରେ ନିୟମିତ ତଦାରଖ କରିବା ପାଇଁ ସେ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇଥିଲେ। ଏଥି ସହିତ କାର୍ଯ୍ୟକ୍ରମ ଓ ଯୋଜନା ବାବଦ ଖର୍ଚ୍ଚ ଓ ଏହାର ଅଗ୍ରଗତି ସମ୍ପର୍କରେ ପ୍ରତି ତିନି ଚାରି ମାସରେ ଥରେ ସମୀକ୍ଷା କରିବାକୁ କହିଥିଲେ। ଲଘୁ ଖଣିଜ ଦ୍ରବ୍ୟର ଚୋରା କାରବାରକୁ କଡାକଡି ଭାବେ ରୋକିବା, ଚୋରା ମଦ କାରବାର ବିରୁଦ୍ଧରେ ଏନଫୋର୍ସମେଣ୍ଟକୁ ଅଧିକ କଡାକଡି କରିବା, ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଗୁଡିକରେ ଜନଜାତି ସମ୍ପ୍ରଦାୟଙ୍କୁ ଜଙ୍ଗଲଜାତ ଲଘୁ ଦ୍ରବ୍ୟ ସଂଗ୍ରହ ଓ ବିକ୍ରୀବଟା କ୍ଷେତ୍ରରେ ଆଇନ ଅନୁଯାୟୀ ସହାୟତା ପ୍ରଦାନ କରିବା, ଧାନ ସଂଗ୍ରହ ଋତୁରେ ଧାନ ଚୋରାଚାଲଣ ପ୍ରତି ତିକ୍ଷ୍ଣ ନଜର ରଖିବା ଇତ୍ୟାଦି ବିଷୟରେ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ପାଇଁ କହିଥିଲେ।

ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ କ୍ଷମତାର ଉଚିତ୍ ବ୍ୟବହାର କରି ସବୁ ସ୍ତରରେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ଆଣିବା ପାଇଁ ପ୍ରୟାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଓ ବ୍ଲକ ସ୍ତରରେ ସମସ୍ତ ସରକାରୀ ନଥିପତ୍ର, ନୋଟିସ୍, ବିବରଣୀ ଓ ବିଜ୍ଞାପନ ଓଡିଆ ଭାଷାରେ କରିବା ସହିତ କାର୍ଯ୍ୟାଳୟକୁ ଆସୁଥିବା ଜନପ୍ରତିନିଧିମାନଙ୍କୁ ସମ୍ମାନର ସହିତ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡା ଜିଲ୍ଲାପାଳମାନଙ୍କୁ ଉଦ୍ବୋଧନ ଦେଇ କହିଥିଲେ ଯେ, ସରକାର ଓ ପ୍ରଶାସନର ଗତି ସମାନ୍ତରାଳ ଭାବେ ନ ରହିଲେ ସମାଜର ଶେଷଧାଡି ପର୍ଯ୍ୟନ୍ତ ଯୋଜନାର ସୁଫଳ ପହଞ୍ଚିବ ନାହିଁ। ତେଣୁ, ଲୋକଙ୍କ ସରକାରରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଯାହାସବୁ ଯୋଜନା ଓ କାର୍ଯ୍ୟକ୍ରମ ରହିଛି ତାକୁ ସଠିକ୍ ସମୟରେ ସାରି ଲୋକଙ୍କ ପାଖରେ ପହଞ୍ଚାନ୍ତୁ। ୧୬ ମାସ ମଧ୍ୟରେ ଅନେକ କଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରୀତା ପାଇଁ ଧନ୍ୟବାଦ ଜଣାଇ ସେ କହିଥିଲେ ଯେ, ଆପଣମାନେ ନିୟମିତ ଭାବେ ବ୍ଲକ କରି ଲୋକଙ୍କ ସମସ୍ୟା ଶୁଣନ୍ତୁ ଓ ତା'ର ସମାଧାନ କରନ୍ତୁ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଯେ, ବିଗତ ଦେଢ ବର୍ଷ ମଧ୍ୟରେ ରାଜ୍ୟବାସୀଙ୍କ ପାଇଁ ସଫଳତା ପୂର୍ବକ ଅନେକ କଲ୍ୟାଣକାରୀ ଯୋଜନାମାନ ପ୍ରଣୟନ କରାଯାଇଛି। ଲୋକଙ୍କୁ ମୌଳିକ ସୁବିଧା ତଥା ସେମାନଙ୍କୁ ସାଧାରଣ ସେବା ଯୋଗାଇଦେବା ପାଇଁ ଲୋକଙ୍କ ପାଖକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ରାଜସ୍ୱ ବିଭାଗ ହେଉଛି ସରକାରଙ୍କ ମେରୁଦଣ୍ଡ। ସାଧାରଣ ଜନତାଙ୍କ ପାଇଁ ରାଜସ୍ୱ ସେବାକୁ ଅଧିକ ସରଳ କରିବା ପାଇଁ ରାଜସ୍ୱ ଆଇନ ଗୁଡିକରେ ସଂଶୋଧନ କରାଯାଇଛି। ଏହା ଦ୍ୱାରା ଲୋକଙ୍କ ଅସୁବିଧା ଦୂର ହୋଇପାରିଛି । ଜିଲ୍ଲାମାନଙ୍କରେ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ଯାହା ସବୁ ପ୍ରସ୍ତାବ ଅଛି, ତାକୁ ତୁରନ୍ତ କାର୍ଯ୍ୟକାରୀ କରିବା, ଆଦିବାସୀ ଲୋକମାନଙ୍କ ପାଇଁ ଜଙ୍ଗଲ ଜମି ଅଧିକାର ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଜମି ଅଧିଗ୍ରହଣ ସମୟରେ ବିସ୍ଥାପିତ ଜନତାଙ୍କୁ ଉଚିତ୍ ରିଲିଫ୍ ଓ ଥଇଥାନ ପ୍ରଦାନ ଉପରେ ଗୁରୁତ୍ୱ ଦେବାକୁ ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ତୃଣମୂଳ ସ୍ତରରେ ପ୍ରତ୍ୟେକ ସ୍ଥାନକୁ ପ୍ରଶାସନ ପହଞ୍ଚିବା ଦରକାର ଏବଂ ପ୍ରତ୍ୟେକ ନାଗରିକଙ୍କୁ ଉଚିତ୍ ସମ୍ମାନର ସହିତ ସେବା ଯୋଗାଇଦେବା କ୍ଷେତ୍ରରେ ଯତ୍ନବାନ ହେବା ଆବଶ୍ୟକ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

## ଗଠନ ହେବ ୩ ମହାନଗରରେ ୪ ନୂଆ ତହସିଲ

ଭୁବନେଶ୍ୱର, ୧୮।୧୧ : ରାଜ୍ୟରେ ଗଠନ ହେବ ଆଉ ୪ ନୂଆ ତହସିଲ। ୩ ମହାନଗରରେ ହେବ ୪ ନୂଆ ତହସିଲ। ଭୁବନେଶ୍ୱର, କଟକ ଓ ସମ୍ବଲପୁର ମହାନଗର ନିଗମରେ ଏହି ୪ ନୂଆ ତହସିଲ ସୃଷ୍ଟି କରାଯାଇଛି। ଭୁବନେଶ୍ୱରରେ ଆଉ ୨ଟି ନୂଆ ତହସିଲ ହେବ। ସେହିପରି କଟକରେ ଗୋଟିଏ ନୂଆ ତହସିଲ ହେବ। ସମ୍ବଲପୁରରେ ମଧ୍ୟ ଗୋଟିଏ ନୂଆ ତହସିଲ କରାଯିବ । ନଗରାଞ୍ଚଳ ସୀମା ବଢିବାରୁ ରାଜସ୍ୱ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି।

## ରେଢ଼ାଖୋଲରେ ଦନ୍ତା ହାତୀର ମୃତ୍ୟୁର କାରଣ ଖୋଜୁଛି ବନ ବିଭାଗ

ରେଢ଼ାଖୋଲ,୧୮/୧୧; ଦନ୍ତା ହାତୀର ମୃତଦେହ ଉଦ୍ଧାର । କିପରି ହାତୀର ମୃତ୍ୟୁ ହେଲା କାରଣ ଅସ୍ପଷ୍ଟ । ରେଢ଼ାଖୋଲ ବନଖଣ୍ଡ ବଡବାହାଲ ରେଞ୍ଜ ବଡ଼କୁଡା ଗ୍ରାମ ନିକଟ ଜଙ୍ଗଲରେ ଏକ ଦନ୍ତା ହାତୀର ମୃତଦେହ ଜବତ କରିଛି ବନ ବିଭାଗ । ହାତୀର ମୃତ୍ୟୁ କେଉଁ କାରଣରୁ ହୋଇଛି ତାହା ଜଣାପଡିନାହିଁ । କାରଣ ଖୋଜୁଛି ବନ ବିଭାଗ । ଗତ କିଛି ଦିନ ହେବ ବନଖଣ୍ଡର ବିଭିନ୍ନ ଅଞ୍ଚଳରେ ହାତୀ ପଲ ଉପଦ୍ରବ କରି ଆସୁଛନ୍ତି । ଆଜି (ମଙ୍ଗଳବାର) ବଡ଼କୁଡା ଗ୍ରାମ ନିକଟ ଖେସରା ଜଙ୍ଗଲରେ ଏକ ଦନ୍ତାର ମୃତଦେହ ପଡିଥିବା ନେଇ ବନ ବିଭାଗ ଖବର ପାଇଥିଲା । ରେଢ଼ାଖୋଲ ଡ଼ିଏଫଓଙ୍କ ସମେତ ବନ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି । ହାତୀର ମୃତ୍ୟୁର କାରଣ ଜଣାପଡି ନାହିଁ । ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ବନ ବିଭାଗ ସୂଚନା ଦେଇଛି । ତେବେ ମୃତ ହାତୀର ବୟସ ପ୍ରାୟ ୨୦ବର୍ଷ ହେବ ବୋଲି ଜଣାପଡିଛି ।

## ସାଲିଆ ସାହିରେ ବୁଲିଲା ବୁଲଡୋଜର

ଭୁବନେଶ୍ୱର ୧୮/୧୧: ଭୁବନେଶ୍ୱର ସାଲିଆସାହିରେ ନାହିଁ ନଥିବା ଉତ୍ତେଜନା । ମଙ୍ଗଳବାର ବିଡିଏ ଓ ବିଏମସି ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ଉଚ୍ଛେଦ ଅଭିଯାନ ବେଳେ ପୁଲିସ ଓ ବସ୍ତି ବାସିନ୍ଦା ମୁହାଁମୁହିଁ ହୋଇଛନ୍ତି । ସେପଟେ ବସ୍ତି ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଥଇଥାନ ନ କରି ଉଚ୍ଛେଦ କରୁଛନ୍ତି। ଆମକୁ ଘର ଦେଇନାହାନ୍ତି। ବସ୍ତି ବାହାର ଲୋକଙ୍କୁ ସବୁ ଦିଆଯାଇଛି। ସାଲିଆ ସାହିରେ ବୁଲଡୋଜର ଭାଙ୍ଗିଲା ଘର । ନନ୍ଦନକାନନରୁ ଜୟଦେବ ବିହାରକୁ ଯୋଡିବାକୁ ଏକାମ୍ରକାନନରୁ ସମାନ୍ତରାଳ ବାମପାର୍ଶ୍ୱର ରାସ୍ତା କାମ ଅଧାରେ ଅଟକି ରହିଛି। ୨୦୦ ଫୁଟିଆ ଏ ରାସ୍ତାକାମରେ ବସ୍ତି ବାସିନ୍ଦାଙ୍କ ଘର ବାଧକ ସାଜୁଛି । ଏଥିପାଇଁ ସରକାରୀ ଘର ପାଇବା ପରେ ବି ଘର ଛାଡୁନଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବାକୁ ବିଡିଏ ବିଏମସିର ଯୁଗ୍ମ ଏନଫର୍ସମେଣ୍ଟ ଟିମ୍ ପହଞ୍ଚି ବହୁ ଘର ଭାଙ୍ଗିଛି । ବହୁ ଘର ଭଙ୍ଗା ବେଳେ ଲୋକମାନେ ପ୍ରତିବାଦ କରିଥିଲେ । ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ବେଳେ ପୁଲିସ ଓ ପ୍ରଶାସନିକ ଅଧିକାରୀ ଲୋକମାନଙ୍କୁ ବୁଝାସୁଝା କରିଛନ୍ତି। ବସ୍ତି ଉଚ୍ଛେଦ ଅଭିଯାନକୁ ବିରୋଧ କରି ଲୋକମାନେ ହୋହାଲ୍ଲା କରିବା ସହ ଅସନ୍ତୋଷ ପ୍ରକାଶ କରିଥିଲେ । ଉଚ୍ଛେଦ ଅଭିଯାନ ବେଳେ ଆଇନ ଶୃଙ୍ଖଳାକୁ ଆଖିରେ ରଖି ୫ ପ୍ଲାଟୁନ ପୁଲିସ ମୁତୟନ ହୋଇଛନ୍ତି । ଏକାମ୍ରକାନନ ଛକରୁ ହାତିଆସୁଣୀ ପଡ଼ିଆ ମଧ୍ୟରେ ସାଲିଆସାହି ଭିତରେ ବାକି ଥିବା ରାସ୍ତା କାମ ଆଗକୁ ନେବାକୁ ଏ ଉଚ୍ଛେଦ ଚାଲିଛି । ପ୍ରାୟ ୫୧୭ ଘର ଉଚ୍ଛେଦ କରିବାକୁ ବୁଲଡୋଜର ସହ ଏନଫୋର୍ସମେଣ୍ଟ ଟିମ୍, ପୁଲିସ ସହାୟତାରେ କାମ କରୁଛି ।

## ୧୨ ଘଣ୍ଟିଆ କେନ୍ଦୁଝର ଜିଲ୍ଲା ବନ୍ଦ



ଆନନ୍ଦପୁର, ୧୮/୧୧ : କେନ୍ଦୁଝର ଜିଲ୍ଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଦ୍ୱାରା ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ବିରୋଧ କରି ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ୧୨ ଘଣ୍ଟିଆ କେନ୍ଦୁଝର ଜିଲ୍ଲା ବନ୍ଦ ଡାକରା ଦିଆଯାଇଛି। ଆନନ୍ଦପୁର ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଘଷିପୁରା ଥାନା ବିଜି ମୋଟର୍ସ ନିକଟରେ ୨୦ ନଂ ଜାତୀୟ ରାଜପଥକୁ ଅବରୋଧ କରାଯାଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଛି।

### ପୁଲିସ ଏସ୍ଆଇ ପରୀକ୍ଷା କେଳେଙ୍କାରୀ

## ୩ ଆଇପିଏସ୍ ଅଧିକାରୀଙ୍କୁ ସମନ

ଭୁବନେଶ୍ୱର,୧୮/୧୧: ବହୁଚର୍ଚ୍ଚିତ ପୁଲିସ ସବ୍‌ଇନ୍ସପେକ୍ଟର (ଏସ୍ଆଇ) ପରୀକ୍ଷା କେଳେଙ୍କାରୀ ମାମଲାରେ ସିବିଆଇ ତଦନ୍ତକୁ ମୂଳରୁ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି । ପୁଲିସ ଅଧିକାରୀଙ୍କ ନିଯୁକ୍ତି ଦାୟିତ୍ୱ ମୁଣ୍ଡାଇଥିବା ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି)କୁ ଟାର୍ଗେଟ କରିଛି । ୨୦୨୦ ମସିହାଠାରୁ ଓପିଆରବି ଦାୟିତ୍ୱ ମୁଣ୍ଡାଇଥିବା ୩ଜଣ ଆଇପିଏସ୍ ଅଧିକାରୀଙ୍କୁ ସିବିଆଇରେ ହାଜର ହେବା ପାଇଁ ସମନ ପଠାଯାଇଥିବା ସୂଚନା ମିଳିଛି । ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଏହି ଆଇପିଏସ୍ ଅଧିକାରୀଙ୍କ ତାଲିକାରେ ୨ଜଣ ବରିଷ୍ଠ ଓ ଜଣେ କନିଷ୍ଠ ଅଛନ୍ତି । ଉପରୋକ୍ତ ଏସ୍ଆଇ ସ୍କାମରେ ସେମାନେ ସିଧାସଳଖ ସମ୍ପୃକ୍ତ ନଥିଲେ ହେଁ ପୂର୍ବରୁ ଯେତେଥର ପୁଲିସ ଅଧିକାରୀଙ୍କ ନିଯୁକ୍ତି ପ୍ରକ୍ରିୟା ସରିଛି । ସେସବୁ ବାବଦରେ ଆଇପିଏସ୍ ଅଧିକାରୀମାନଙ୍କୁ ପଚରାଉଚରା କରାଯାଇପାରେ । ବିଭିନ୍ନ ନିଯୁକ୍ତି ପ୍ରକ୍ରିୟାରେ ଲିଖିତ ପରୀକ୍ଷା ପାଇଁ କେଉଁ ସଂସ୍ଥା ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିଲା ? ବର୍ତ୍ତମାନର ଏସ୍ଆଇ ପରୀକ୍ଷା ସ୍କାମରେ ଏହାର କିଛି ଲିଙ୍କ୍ ଅଛି କି ସେନେଇ ତଦନ୍ତକାରୀ ଅଧିକାରୀମାନେ ତଦନ୍ତ କରିବେ । ଏହାପରେ ଓପିଆରବି ଅନ୍ୟ କିଛି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଜେରା ପାଇଁ ଡକାଯାଇପାରେ । ଓପିଆରବି ପକ୍ଷରୁ ନିଯୁକ୍ତି ପ୍ରକ୍ରିୟାର ଦାୟିତ୍ୱ କୋଲକାତାର ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ହସ୍ତାନ୍ତର କରାଯାଇଥିଲା । ଆଇଟିଆଇ ସଂସ୍ଥା ପରୀକ୍ଷା ପରିଚାଳନାର ଦାୟିତ୍ୱ ସିଲିକନ ଟେକଲ୍ୟାବ୍ ପ୍ରାଇଭେଟ ଲିମିଟେଡ୍‌କୁ ଦେଇଥିଲା । ଆଇଟିଆଇର କିଛି ଅଧିକାରୀଙ୍କୁ ସିବିଆଇ ପଚରାଉଚରା କରିପାରେ ବୋଲି ସୂଚନା ମିଳିଛି । ଏହାଛଡ଼ା କ୍ରାଇମବ୍ରାଞ୍ଚ ଓ ବ୍ରହ୍ମପୁର ପୁଲିସଠାରୁ ମାମଲା ସମ୍ପର୍କୀତ ସମସ୍ତ କାଗଜପତ୍ର ମିଳିସାରିଛି । ସିବିଆଇ ଅଧିକାରୀମାନେ ଏହାକୁ ତନ୍ନତନ୍ନ କରି ଯାଞ୍ଚ କରୁଛନ୍ତି । ଏହାସହ ଖୁବ୍‌ଶୀଘ୍ର ସିବିଆଇର ଏକ ଟିମ୍ ବ୍ରହ୍ମପୁର ଯାଇ ତନାଘନା କରିବ । ଅନ୍ୟ ଏକ ଟିମ୍ କୋଲକାତା ଯାଇପାରେ ।




### ଓଡିଶା ବିଧାନସଭା ପରିଦର୍ଶନ କଲେ

## ୧୨ ଦେଶର ୪୦ ବିଦେଶୀ ପ୍ରତିନିଧି

ଭୁବନେଶ୍ୱର, ୧୮।୧୧ : ନୂଆଦିଲ୍ଲୀ ସ୍ଥିତ ଲୋକ ସଭା ସଚିବାଳୟର ପାର୍ଲିଆମେଣ୍ଟାରୀ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ ଇନଷ୍ଟିଚ୍ୟୁଟ ଫର ଡେମୋକାର୍ସି (ପ୍ରାଇଡ) ତରଫରୁ ୧୨ଟି ଦେଶର ୪୦ ଜଣ ବିଦେଶୀ ପ୍ରତିନିଧି ଓଡିଶା ବିଧାନସଭା ପରିଦର୍ଶନ କରିଛନ୍ତି। ଏଥିସହ ସଚିବାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ବାଚସ୍ପତି ସୁରମା ପାଢୀ ଏହି ବୈଠକକୁ ଉଦଘାଟନ କରିଥିଲେ । ସେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ବିଧାନସଭାର ଗୌରବମୟ ଇତିହାସ ଓ ଏହାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ବିଧାନସଭାର ସଂସଦୀୟ କାର୍ଯ୍ୟ ପ୍ରଣାଳୀ ଭାରତର ସର୍ବଶ୍ରେଷ୍ଠ ।ଚଳିତ ୧୭ ତମ ବିଧାନସଭାର ପ୍ରଥମ ବର୍ଷରେ ମୋଟ ୬୨ ଦିନ ଅଧିବେଶନ କାର୍ଯ୍ୟ ଦିବସ ସମ୍ପାଦନ କରିବା ପାଇଁ ସକ୍ଷମ ହୋଇପାରିଛି । ଏତଦବ୍ୟତୀତ ଓଡିଶା ବିଧାନସଭାର ସମସ୍ତ କାର୍ଯ୍ୟ ଡିଜିଟାଇଜେସନ୍ ଏବଂ କମ୍ପ୍ୟୁଟରୀକରଣ ହେବା ସହ ନେଭା ପ୍ରୋଜେକ୍ଟ ଦ୍ୱାରା ସମସ୍ତ କାର୍ଯ୍ୟ କୁ କାଗଜ ଶୂନ୍ୟ କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି ବାଚସ୍ପତି କହିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଯୋଗ ଦେଇ ଓଡିଶା ବିଧାନସଭାର ବିଧି ବ୍ୟବସ୍ଥା ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ସମସ୍ତ ପ୍ରତିନିଧିମାନଙ୍କୁ ଅବଗତ କରିଥିଲେ । ସେହିପରି ବିଭିନ୍ନ ଦେଶର ଲୋକଙ୍କ ମଧ୍ୟରେ ସଂସଦୀୟ ଓ ସାଂସ୍କୃତିକ ପରମ୍ପରାର ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆହୁରି ନିବିଡ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ମାନ୍ୟବର ସାଂସଦ ସୁଜିତ କୁମାର ଭାରତୀୟ ସଂସଦୀୟ ପରମ୍ପରା ଓ କାର୍ଯ୍ୟ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ବିଧାନସଭାର ଗବେଷଣା ନିର୍ଦ୍ଦେଶକ ତ୍ରିବିକ୍ରମ ପ୍ରଧାନ, ପ୍ରଶାନ୍ତ ମଲ୍ଲିକ, ନିର୍ଦ୍ଦେଶକ ପ୍ରାଇଡ ଏବଂ ବିଧାନସଭାର ଅଧିକାରୀ ମାନେ ଉପସ୍ଥିତ ଥିଲେ ।



## ସ୍ୱୟଂ ସହାୟିକା ଗୋଷ୍ଠୀ ମା'ମାନଙ୍କୁ ୧୧୭କୋଟି ଟଙ୍କା ସୁଧ ଫେରସ୍ତ

ଭୁବନେଶ୍ୱର,୧୮/୧୧ : ମହିଳା ସଶକ୍ତିକରଣ ହେଉଛି ବିକଶିତ ଓଡ଼ିଶା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ମା' ମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ସହାୟକ ହୋଇଛି । ଏହା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଭିତ୍ତିକୁ ସୁଦୃଢ଼ କରିବା ସହ ଅଧିକ ବଜାର ସୁଯୋଗ ସୃଷ୍ଟି କରି ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଛି । ଆଜି ମିଶନ ଶକ୍ତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମ "ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସୁଧ ଫେରସ୍ତ"ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିଲେ। ସରକାର ମହିଳାମାନଙ୍କ ପାଇଁ ଜୀବିକାମୂଳକ ଅର୍ଥନୈତିକ ମଡେଲ୍ ମାଧ୍ୟମରେ ସଶକ୍ତ କରିବା ପାଇଁ ସଦା ପ୍ରତିବଦ୍ଧ ବୋଲି ସେ କହିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଜୀବନ ଜୀବିକାର ବିକାଶ ତଥା ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବ୍ୟାଙ୍କ ଋଣ ବ୍ୟବସ୍ଥା । ଗୋଷ୍ଠୀମାନଙ୍କ ଉପରେ ସୁଧ ପରିଶୋଧର ଭାର ହ୍ରାସ କରିବା ପାଇଁ ଓଡ଼ିଶା ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେଉଥିବା ବ୍ୟାଙ୍କ ଋଣ ରାଶିକୁ ବୃଦ୍ଧି କରିବା ସହ ୧୦ଲକ୍ଷ ପର୍ଯ୍ୟନ୍ତ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତକୁ ଆଣିଛନ୍ତି । ଏହି ସୁଧ ଫେରସ୍ତ ରାଶି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଯାଇଥାଏ । ଆଜିର କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ୨ ଲକ୍ଷ ୨୪ ହଜାର ୮୮୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ ୧୧୭ କୋଟି ୧୨ ଲକ୍ଷ ୫ ହଜାର ୧୬୪ ଟଙ୍କାର ସୁଧ ରାଶି ଫେରସ୍ତ କରିଥିଲେ। ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ରାଜ୍ୟର ବିକାଶ ଏବଂ ଆର୍ଥିକ ପ୍ରଗତି ପ୍ରତି ସରକାରଙ୍କ ସଂକଳ୍ପକୁ ପୁଣିଥରେ ସ୍ପଷ୍ଟ କରିଛି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକା ଡଃ ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଜ୍ୟୋତି ଶଙ୍କର ମହାପାତ୍ର ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ମିଶନ ଶକ୍ତି ବିଭାଗର ଏହି ପଦକ୍ଷେପ ମହିଳା ଉଦ୍ୟୋଗୀମାନଙ୍କ ଦକ୍ଷତା ବୃଦ୍ଧି, ବିକାଶ ଓ ମହିଳା ସଶକ୍ତିକରଣ ପ୍ରତି ଅଟଳ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି, ଯାହା ଓଡ଼ିଶାର ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣର ଯାତ୍ରାକୁ ଆହୁରି ଉଜ୍ଜ୍ୱଳ କରିବ ।



## କୃତ୍ରିମ ବୁଦ୍ଧିମତ୍ତା ବୁଝିବା ପାଇଁ ଏକ ମାଗଣା ଜାତୀୟ ପାଠ୍ୟକ୍ରମ ଯୁବା ଏଆଇ ଆରମ୍ଭ

ଭୁବନେଶ୍ୱର, ୧୮।୧୧ : ଇଣ୍ଡିଆ ଏଆଇ ମିଶନ ଅଧୀନରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଏମଇଆଇଟିୱାଇ) 'ସମସ୍ତଙ୍କ ପାଇଁ ଯୁବା ଏଆଇ' ଆରମ୍ଭ କରିଛି। ଏହା ଏକ ପ୍ରକାରର ପ୍ରଥମ ମାଗଣା ପାଠ୍ୟକ୍ରମ ଯାହା ସମସ୍ତ ଭାରତୀୟଙ୍କୁ, ବିଶେଷକରି ଯୁବପିଢ଼ିଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସହିତ ପରିଚିତ କରାଏ।ଏହି ପାଠ୍ୟକ୍ରମ ଛାତ୍ର, ବୃତ୍ତିଗତ ଏବଂ ଅନ୍ୟ ଜିଜ୍ଞାସୁ ଶିକ୍ଷାର୍ଥୀଙ୍କୁ ଏଆଇ ବିଷୟରେ ଅବଗତ କରିବା ଏବଂ ଏହା କିପରି ବିଶ୍ୱକୁ ପରିବର୍ତ୍ତନ କରୁଛି ତାହା ଦେଖାଇବା ପାଇଁ ଡିଜାଇନ୍ କରାଯାଇଛି । ଏହା ସରଳ, ବ୍ୟବହାରିକ ଏବଂ ବାସ୍ତବ ଜୀବନର ଭାରତୀୟ ପରିପ୍ରେକ୍ଷୀରେ ପରିପୂର୍ଣ୍ଣ ଯାହା ଶିକ୍ଷାକୁ ମଜାଦାର କରିଥାଏ। ଏହି ପାଠ୍ୟକ୍ରମ ପ୍ରମୁଖ ଶିକ୍ଷା ପ୍ଲାଟଫର୍ମ – ଫ୍ୟୁଚରସ୍କିଲସ ପ୍ରାଇମ୍, ଆଇଜିଓଟି କର୍ମଯୋଗୀ, ଏବଂ ଅନ୍ୟାନ୍ୟ ଲୋକପ୍ରିୟ ଶିକ୍ଷାର୍ଥୀ ପୋର୍ଟାଲରେ ମାଗଣାରେ ଉପଲବ୍ଧ। ପାଠ୍ୟକ୍ରମ ସମାପ୍ତ କରୁଥିବା ପ୍ରତ୍ୟେକ ଶିକ୍ଷାର୍ଥୀ ଭାରତ ସରକାରଙ୍କ ଠାରୁ ଏକ ସରକାରୀ ପ୍ରମାଣପତ୍ର ପାଇବେ।ଛଅଟି ଛୋଟ, ଆକର୍ଷଣୀୟ ମଡ୍ୟୁଲ୍ ମାଧ୍ୟମରେ, ଶିକ୍ଷାର୍ଥୀମାନେ ଏଆଇ ପ୍ରକୃତରେ କ'ଣ ଏବଂ ଏହା କିପରି କାମ କରେ ତାହା ଜାଣିବେ। ଏଆଇ ଶିକ୍ଷା, ସୃଜନଶୀଳତା ଏବଂ କାର ?ୟ୍ୟକୁ କିପରି ପରିବର୍ତ୍ତନ କରୁଛି ତାହା ପାଠ୍ୟକ୍ରମ ମାଧ୍ୟମରେ ଜାଣିବେ । ଏଆଇ ଉପକରଣଗୁଡ଼ିକୁ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ କିପରି ବ୍ୟବହାର କରିବେ ତାହା ବୁଝିବେ।



# ‘ସମସ୍ତଙ୍କ ପାଇଁ ଯୁବା ଏଆଇ’ ଆରମ୍ଭ କରିଛନ୍ତି ଭାରତ ସରକାର

ନୂଆଦିଲ୍ଲୀ : ଇଣ୍ଡିଆ ଏଆଇ ମିଶନ ଅଧୀନରେ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଏମଇଆଇଟିୱାଇ) ’ସମସ୍ତଙ୍କ ପାଇଁ ଯୁବା ଏଆଇ’ ଆରମ୍ଭ କରିଛି, ଏହା ଏକ ପ୍ରକାରର ପ୍ରଥମ ମାଗଣା



ପାଠ୍ୟକ୍ରମ ଯାହା ସମସ୍ତ ଭାରତୀୟଙ୍କୁ, ବିଶେଷକରି ଯୁବପିଢ଼ିଙ୍କୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସହିତ ପରିଚିତ କରାଏ।

ଏହି ଛୋଟ, ୪.୫ ଘଣ୍ଟାର ପାଠ୍ୟକ୍ରମ ଛାତ୍ର, ବୃତ୍ତିଗତ ଏବଂ ଅନ୍ୟ ଜିଜ୍ଞାସୁ ଶିକ୍ଷାର୍ଥୀଙ୍କୁ ଏଆଇ ବିଷୟରେ ଅବଗତ କରିବା ଏବଂ ଏହା କିପରି ବିଶ୍ୱକୁ ପରିବର୍ତ୍ତନ କରୁଛି ତାହା ଦେଖାଇବା ପାଇଁ ଡିଜାଇନ୍ କରାଯାଇଛି। ଏହା ସରଳ, ବ୍ୟବହାରିକ ଏବଂ ବାସ୍ତବ ଜୀବନର ଭାରତୀୟ ପରିପ୍ରେକ୍ଷୀରେ ପରିପୂର୍ଣ୍ଣ ଯାହା ଶିକ୍ଷାକୁ ମଜାଦାର କରିଥାଏ।

ଏହି ପାଠ୍ୟକ୍ରମ ପ୍ରମୁଖ ଶିକ୍ଷା ପ୍ଲାଟଫର୍ମ – ଫ୍ୟୁଚରସ୍କିଲସ ପ୍ରାଇମ୍, ଆଇଜିଓଟି କର୍ମଯୋଗୀ, ଏବଂ ଅନ୍ୟାନ୍ୟ ଲୋକପ୍ରିୟ ଶିକ୍ଷାର୍ଥୀ ପୋର୍ଟାଲରେ ମାଗଣାରେ ଉପଲବ୍ଧ। ପାଠ୍ୟକ୍ରମ ସମାପ୍ତ କରୁଥିବା ପ୍ରତ୍ୟେକ ଶିକ୍ଷାର୍ଥୀ ଭାରତ ସରକାରଙ୍କ ଠାରୁ ଏକ ସରକାରୀ ପ୍ରମାଣପତ୍ର ପାଇବେ।

ଛଅଟି ଛୋଟ, ଆକର୍ଷଣୀୟ ମଡ୍ୟୁଲ୍ ମାଧ୍ୟମରେ, ଶିକ୍ଷାର୍ଥୀମାନେ ଏଆଇ ପ୍ରକୃତରେ କ’ଣ ଏବଂ ଏହା କିପରି କାମ କରେ ତାହା ଆବିଷ୍କାର କରିବେ। ଏଆଇ ଶିକ୍ଷା, ସୃଜନଶୀଳତା ଏବଂ କାର୍ଯ୍ୟକୁ କିପରି ପରିବର୍ତ୍ତନ କରୁଛି ତାହା ଜାଣନ୍ତୁ। ଏଆଇ ଉପକରଣଗୁଡ଼ିକୁ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ଭାବରେ କିପରି ବ୍ୟବହାର କରିବେ ତାହା ବୁଝନ୍ତୁ। ଭାରତରୁ ଆକର୍ଷଣୀୟ, ବାସ୍ତବ-ବିଶ୍ୱ ଏଆଇ ବ୍ୟବହାର ମାମଲାଗୁଡ଼ିକୁ ଅନୁସନ୍ଧାନ କରନ୍ତୁ। ଏଆଇର ଭବିଷ୍ୟତ ଏବଂ ଆଗାମୀ ନୂତନ ସୁଯୋଗ ବିଷୟରେ ଏକ ଝଲକ ଦେଖନ୍ତୁ।

’ସମସ୍ତଙ୍କ ପାଇଁ ଯୁବା ଏଆଇ ’ କାହିଁକି ? ଏହା ୧୦୦ ପ୍ରତିଶତ ମାଗଣା ଏବଂ ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ଏହା ଯେକୌଣସି ସମୟରେ, ଯେକୌଣସି ସ୍ଥାନରେ ନିଜ ଗତିରେ ଶିଖିବାକୁ ସୁଯୋଗ ଦିଏ । ଶିକ୍ଷାର୍ଥୀମାନେ ଭାରତ ସରକାରଙ୍କ ପ୍ରମାଣପତ୍ର ପାଇପାରିବେ । ଏପରି ଦକ୍ଷତା ହାସଲ କରିପାରିବେ ଯାହା ଦ୍ୱାରା ଜଣେ ଭବିଷ୍ୟତ ପାଇଁ ପ୍ରସ୍ତୁତ ହୋଇପାରିବେ । ଏହା ଏକ ଏଆଇ-ଚାଳିତ ରାଷ୍ଟ୍ର ହେବା ଦିଗରେ ଭାରତର ଯାତ୍ରାର ଏକ ଅଂଶ । ଭାରତର ଏଆଇ ଭବିଷ୍ୟତ ନିର୍ମାଣ । ଏହି ପଦକ୍ଷେପ ସହିତ, ଏମଇଆଇଟିୱାଇ ୧ କୋଟି (୧୦ ନିୟୁତ) ନାଗରିକଙ୍କୁ ମୌଳିକ ଏଆଇ ଦକ୍ଷତା ସହିତ ସଶକ୍ତ କରିବାର ଲକ୍ଷ୍ୟ ରଖିଛି। ଏହା ଡିଜିଟାଲ୍ ବିଭାଜନକୁ ଦୂର କରିବାରେ ସାହାଯ୍ୟ କରିବା, ନୈତିକ ଏଆଇ ଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଭବିଷ୍ୟତ ପାଇଁ ଭାରତର କର୍ମଶକ୍ତିକୁ ପ୍ରସ୍ତୁତ କରିବାରେ ସହାୟତା କରୁଛି।

ସଂଗଠନ, ସ୍କୁଲ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଇଣ୍ଡିଆ ଏଆଇ ସହିତ ସହଭାଗୀ ହୋଇପାରିବେ ଯାହା ଦ୍ୱାରା ପାଠ୍ୟକ୍ରମ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିବ। ଅଂଶୀଦାରମାନେ ପାଠ୍ୟକ୍ରମକୁ ଏକୀକୃତ କରିପାରିବେ, ଶିକ୍ଷାର୍ଥୀମାନଙ୍କ ପାଇଁ ଏହାକୁ ପ୍ରୋତ୍ସାହିତ କରିପାରିବେ ଏବଂ କୋ-ବ୍ରାଣ୍ଡ ପ୍ରମାଣପତ୍ର ପାଇପାରିବେ।

ପ୍ରସିଦ୍ଧ ଏଆଇ ବିଶେଷଜ୍ଞ ଏବଂ ଲେଖକ, ଏଆଇ ଆଣ୍ଡ ବିୟଣ୍ଡ ଏବଂ ଟେକ୍ ହ୍ୱିସ୍ପର ଲିମିଟେଡ ର ପ୍ରତିଷ୍ଠାତା ଜସପ୍ରୀତ ବିନ୍ଦ୍ରାଙ୍କ ଦ୍ୱାରା ଇଣ୍ଡିଆ ଏଆଇ ମିଶନ ପାଇଁ ବିକଶିତ, ଏହି ପାଠ୍ୟକ୍ରମଟି ଭାରତର ସନ୍ଦର୍ଭ ସହିତ ବିଶ୍ୱ ଜ୍ଞାନକୁ ମିଶ୍ରଣ କରେ ଏବଂ ନୈତିକ, ଦାୟିତ୍ୱପୂର୍ଣ୍ଣ ତଥା ସମନ୍ୱିତ ଏଆଇ ବ୍ୟବହାର ଉପରେ ଧ୍ୟାନ ଦିଏ।

## ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଷଷ୍ଠ ଜାତୀୟ ଜଳ ପୁରସ୍କାର ଏବଂ ଜଳ ସଞ୍ଚୟ ଜନ ଭାଗିଦାରୀ ପୁରସ୍କାର ପ୍ରଦାନ

# ଓଡିଶାର ୫ଟି ଜିଲ୍ଲାଙ୍କୁ ପୁରସ୍କାର

ନୂଆଦିଲ୍ଲୀ : ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଷଷ୍ଠ ଜାତୀୟ ଜଳ ପୁରସ୍କାର, ୨୦୨୪ ଏବଂ ଜଳ ସଂଚୟ ଜନ ଭାଗୀଦାରୀ ପୁରସ୍କାର ପ୍ରଦାନ କରିଛନ୍ତି। ଜଳ ସଂରକ୍ଷଣ ଏବଂ ପରିଚାଳନା କ୍ଷେତ୍ରରେ ଅନୁକରଣୀୟ କାର୍ଯ୍ୟ ପାଇଁ ୧୦ଟି ବର୍ଗର ମିଳିତ ବିଜେତାଙ୍କ ସମେତ ୪୬ ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ କିଛି ବର୍ଗରେ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା।

ଚଳିତ ବର୍ଷ ମୋଟ ୧୦୦ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏଥିରେ ତିନୋଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ, ୬୭ ଜିଲ୍ଲା, ଛଅଟି ନଗର ନିଗମ, ଗୋଟିଏ ପୌର ସଂସ୍ଥା, ଦୁଇଟି ସହଭାଗୀ ମନ୍ତ୍ରଣାଳୟ / ବିଭାଗ, ଦୁଇଟି ଶିକ୍ଷ, ତିନୋଟି ଏନଜିଓ, ଦୁଇ ସ୍ୱେଚ୍ଛାସେବୀ ବ୍ୟକ୍ତି ବିଶେଷ ଏବଂ ୧୪ ଜଣ ନୋଡାଲ ଅଧିକାରୀ ଅନ୍ତର୍ଭୁକ୍ତ। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲାଗୁଡ଼ିକୁ ବର୍ଗ ୧ ରେ ପ୍ରତ୍ୟେକଙ୍କୁ ୨ କୋଟି ଟଙ୍କା, ବର୍ଗ ୨ ଏବଂ ୩ ରେ ଥିବା ଜିଲ୍ଲାଗୁଡ଼ିକୁ ଯଥାକ୍ରମେ ୧ କୋଟି ଟଙ୍କା ଏବଂ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ମଧ୍ୟରେ ଓଡିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ତୃତୀୟ ବର୍ଗରେ ପୁରସ୍କୃତ ହୋଇଛନ୍ତି। ଏସବୁ ଜିଲ୍ଲାରେ ବିଭିନ୍ନ ଜଳପ୍ରକଳ୍ପକୁ ସଫଳତାର ପୂର୍ବକ କାର୍ଯ୍ୟକାରୀ କରିବା ଲାଗି ପ୍ରତ୍ୟେକ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲ୍ଲାରେ ୯,୪୦୨ ଟି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡା, କଟକ ଜିଲ୍ଲାରେ ଯଥାକ୍ରମେ ୧୫,୧୪୧, ୬,୬୭୮, ୮,୨୩୭, ୫,୫୭୨ ଟି ଲେଖାଏଁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏହା ସହିତ, ଜଳ ସଞ୍ଚୟ ଜନ ଭାଗୀଦାରୀ (ଜେଏସଜେବି) ପ୍ରୟାସରେ ଭୂତଳ ଜଳ ପୁନଃଚାର୍ଜ ଢାଞ୍ଚା ବିକାଶରେ ଅନୁକରଣୀୟ ଅବଦାନ ପାଇଁ ୧୦୦ ଜଣ ପ୍ରତିଷ୍ଠିତ ପୁରସ୍କାର ପ୍ରାପ୍ତ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମଟି ପାରମ୍ପରିକ ’ଜଳ କଳସ’ ସମାରୋହ ସହିତ ଆରମ୍ଭ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ପୁରସ୍କାର ବିଜେତାମାନଙ୍କୁ ପ୍ରଶଂସା କରି କହିଥିଲେ ଯେ, ସେମାନେ ନିଜ ନିଜ କ୍ଷେତ୍ରରେ ଜଳ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ ନେଇଛନ୍ତି ଏବଂ ସେମାନଙ୍କ ପ୍ରୟାସ ମାଧ୍ୟମରେ ସମାଜରେ ଜଳ ବିଷୟରେ ଏକ ନୂତନ ପ୍ରକାରର ସଚେତନତା ସୃଷ୍ଟି କରିଛନ୍ତି। ରାଷ୍ଟ୍ରପତି ସମସ୍ତ ପରିବାର ପାଇଁ ନିରାପଦ ପାନୀୟ ଜଳ ସୁନିଶ୍ଚିତ କରିବା, ଗ୍ରାମାଞ୍ଚଳରେ ଖୋଲା ମଳତ୍ୟାଗ ଦୂର କରିବା ଏବଂ ଜଳ ସଂରକ୍ଷଣ ଭଳି ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମଗୁଡ଼ିକୁ ଅନ୍ତର୍ଭୁକ୍ତ କରି ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ମଧ୍ୟ ପ୍ରଶଂସା କରିଥିଲେ। ସେ ‘ଜଳ ସଞ୍ଚୟ ଜନ ଭାଗୀଦାରୀ‘ ଯୋଜନାକୁ ପ୍ରଶଂସା କରିଥିଲେ ଏବଂ ଗତ ବର୍ଷ ଯୋଜନା ଆରମ୍ଭ ହେବା ପରଠାରୁ ୩୫ ଲକ୍ଷରୁ ଅଧିକ ଭୂତଳ ଜଳ ପୁନଃଚାର୍ଜ ଢାଞ୍ଚା ସମାପ୍ତ କରିଥିବାରୁ ମନ୍ତ୍ରଣାଳୟକୁ ଅଭିନନ୍ଦନ ଜଣାଇଥିଲେ।



ସେ ଆଲୋକପାତ କରିଥିଲେ ଯେ, ୭ ନଭେମ୍ବର ଠାରୁ ସମଗ୍ର ଦେଶ ଆମର ଜାତୀୟ ଗୀତ ‘ବନ୍ଦେ ମାତରମ୍‘ ରଚନାର ୧୫୦ତମ ବାର୍ଷିକୀ ପାଳନ କରୁଛି। ଏହି ଜାତୀୟ ଗୀତରେ, ଭାରତ ମାତାଙ୍କୁ ନମସ୍କାର କରିବା ସମୟରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ପ୍ରଥମ ଶବ୍ଦ ହେଉଛି ‘ସୁଜଳାମ୍‘ – ଯାହାର ଅର୍ଥ ଉତ୍ତମ ଜଳସମ୍ପଦରେ ସମୃଦ୍ଧ। ଏହା ଆମ ଦେଶ ପାଇଁ ଜଳର ପ୍ରାଥମିକତାକୁ ପ୍ରତିଫଳିତ କରେ। ଏହା ସହିତ, ‘ସୁଜଳାମ୍ ଭାରତ‘ ଏକ ଜାତୀୟ ଦୃଷ୍ଟିକୋଣ ଏବଂ ପଦକ୍ଷେପ ଯାହା ଜଳ ଉତ୍ସର ପୁନରୁଦ୍ଧାର, ଦକ୍ଷ ଜଳ ପରିଚାଳନା ଏବଂ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ଜଳ ସୁରକ୍ଷା ଉପରେ କେନ୍ଦ୍ରିତ। ଏଥିରେ ବିଭିନ୍ନ ସରକାରୀ ବିଭାଗ ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସାମୁଦାୟିକ ଅଂଶଗ୍ରହଣ, ପ୍ରଯୁକ୍ତି ବିଦ୍ୟା ସମନ୍ୱୟ ଏବଂ ନୀତି ସମନ୍ୱୟ ଅନ୍ତର୍ଭୁକ୍ତ। ସେ ଭାରତର ପ୍ରତ୍ୟେକ ଗ୍ରାମାଞ୍ଚଳ ପରିବାରକୁ ନିରାପଦ ଏବଂ ନିର୍ଭରଯୋଗ୍ୟ ଟ୍ୟାପ୍ ପାଣି ଯୋଗାଇବା ପାଇଁ ବିଶ୍ୱର ସର୍ବବୃହତ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ, ଜଳ ଜୀବନ ମିଶନକୁ ମଧ୍ୟ ପ୍ରଶଂସା କରିଥିଲେ। ଗତ ଛଅ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳରେ ପରିବାରକୁ ପାନୀୟ ଜଳ ଯୋଗାଣ ୧୭ ପ୍ରତିଶତରୁ ୮୧ ପ୍ରତିଶତକୁ ବୃଦ୍ଧି ପାଇଥିବାରୁ ସେ ଖୁସି ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ମହିଳାମାନଙ୍କୁ ମଧୁର ଜଳ ଆଣିବା ଭଳି ଦୈନନ୍ଦିନ କାର୍ଯ୍ୟକଳାପରୁ ମୁକ୍ତି ଦେଇ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିଛି।

ଜଳ ସମୃଦ୍ଧି ମୂଲ୍ୟ ଶୃଙ୍ଖଳକୁ ସମର୍ଥନ ଯୋଗାଇବା ପାଇଁ ରାଜ୍ୟ, ପଞ୍ଚାୟତ, ଜିଲ୍ଲା, ବିଦ୍ୟାଳୟ, ବ୍ୟକ୍ତି ଏବଂ ସଂଗଠନଗୁଡ଼ିକୁ ଉତ୍ସାହିତ ଏବଂ ସ୍ୱୀକୃତି ଦେବା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ‘ଜନ ଶକ୍ତି‘ ‘ଜଳ ଶକ୍ତି‘ର ସଂରକ୍ଷଣ ଏବଂ ପରିଚାଳନାରେ ସାହାଯ୍ୟ କରିପାରିବ। କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଶ୍ରୀ ସି.ଆର. ପାଟିଲ୍ ଜଳ ପରିଚାଳନା ଏବଂ ସଂରକ୍ଷଣ କ୍ଷେତ୍ରରେ ପୁରସ୍କାର ବିଜେତାମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି କହିଛନ୍ତି ଯେ, ଏହି ପୁରସ୍କାରଗୁଡ଼ିକ ଜଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରେ ଗଭୀର ପ୍ରଭାବ ପକାଇଛି ଏବଂ ଏକ ସୁସ୍ଥ ପ୍ରତିଯୋଗିତାମୂଳକ ପରିବେଶ ସୃଷ୍ଟି କରିଛି। ଶ୍ରୀ ପାଟିଲ୍ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ସରକାରଙ୍କ ଆର୍ଥିକ ସହାୟତା ବିନା ଜନସାଧାରଣଙ୍କ ଦ୍ୱାରା ବନସକଣ୍ଠା ଜିଲ୍ଲାରେ କରାଯାଇଥିବା ଜଳ ସଂରକ୍ଷଣ ପ୍ରୟାସ ଏହି ଅଞ୍ଚଳରେ ସଫଳ ଜଳ ସଂରକ୍ଷଣ ଏବଂ ପରିଚାଳନାର ଏକ ଉଦାହରଣ ସୃଷ୍ଟି କରିଛି। ମନ୍ତ୍ରୀ ’ଜଳ ସମୃଦ୍ଧ ଭାରତ’ ସରକାରଙ୍କ ସ୍ୱପ୍ନକୁ ହାସଲ କରିବାରେ ଦେଶବ୍ୟାପୀ ବିଭିନ୍ନ ଅଂଶୀଦାରଙ୍କ ଦ୍ୱାରା କରାଯାଇଥିବା ଭଲ କାର୍ଯ୍ୟ ଏବଂ ପ୍ରୟାସର ସ୍ୱୀକୃତି ଭାବରେ ଜାତୀୟ ଜଳ ପୁରସ୍କାର ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ।

ଜଳଶକ୍ତି ମନ୍ତ୍ରଣାଳୟର ଜଳସମ୍ପଦ, ଆରଡି ଏବଂ ଜିଆର ବିଭାଗର ସଚିବ ଶ୍ରୀ ଭିଏଲ କଣ୍ଠ ରାଓ ତାଙ୍କ ଅଭିଭାଷଣରେ ଜଳ ଆମ ଜୀବନର ଆଧାର ଏବଂ ଜଳଶକ୍ତି ମନ୍ତ୍ରଣାଳୟ ଜନସାଧାରଣଙ୍କ ସହଯୋଗରେ ଜଳ ସଂରକ୍ଷଣ ଏବଂ ପରିଚାଳନା ଉପରେ ଧ୍ୟାନ ଦେଉଛି, ଯାହା ଦ୍ୱାରା ଏହାକୁ ଏକ ଜନ ଆନ୍ଦୋଳନରେ ପରିଣତ କରାଯାଇପାରିବ ବୋଲି ଉଲ୍ଲେଖ କରିଥିଲେ। ସେ ଜଳ ଜୀବନ ମିଶନ, ନମାମି ଗଙ୍ଗେ, ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଅଟଳ ଭୂଜଳ ଯୋଜନାର ସଫଳତା ସମ୍ପର୍କରେ ଉଲ୍ଲେଖ କରି ଜଳଶକ୍ତି ମନ୍ତ୍ରଣାଳୟ ଦ୍ୱାରା ହାତକୁ ନିଆଯାଇଥିବା ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଜଳ ଶକ୍ତି ମନ୍ତ୍ରଣାଳୟର ପାନୀୟ ଜଳ ଏବଂ ପରିମଳ ବିଭାଗର ସଚିବ ଶ୍ରୀ ଅଶୋକ କେ.କେ. ମୀନା ତାଙ୍କ ସମାପନୀ ଭାଷଣରେ, ଏହି କାର୍ଯ୍ୟକ୍ରମର ଉଦଘାଟନ ଏବଂ ଜାତୀୟ ଜଳ ପୁରସ୍କାର ବିଜେତାମାନଙ୍କୁ ଉତ୍ସାହିତ କରିବା ପାଇଁ ଭାରତର ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ବିଶେଷ ଭାବରେ ପୁରସ୍କାର ବିଜେତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ସେମାନେ ଜଳ ସଂରକ୍ଷଣ ଏବଂ ପରିଚାଳନାର ବାର୍ତ୍ତାକୁ ଆଗକୁ ବହନ କରିବାରେ ଏକ ନୂତନ ପଥ, ଏକ ନୂତନ ଶକ୍ତି ଏବଂ ଏକ ନୂତନ ଉତ୍ସାହ ଦେଖାଇଛନ୍ତି। ଜଳ ଶକ୍ତି ମନ୍ତ୍ରଣାଳୟ ପୁରସ୍କାର ବିଜେତାଙ୍କ ଦ୍ୱାରା କରାଯାଇଥିବା ଉଦାହରଣୀୟ କାର୍ଯ୍ୟରୁ ଅଧିକ କିଛି ଶିଖିଛି, ଯାହା ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡିବ ଏବଂ ଜନସାଧାରଣଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଅଧିକ କାମ କରିବାକୁ ପଡିବ। ଜଳ ଶକ୍ତି ମନ୍ତ୍ରୀ ଏବଂ ମଞ୍ଚରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଜାତୀୟ ଭୂତଳ ଜଳ ସମ୍ପଦ ମୂଲ୍ୟାଙ୍କନ, ୨୦୨୫ ଏବଂ ଜାତୀୟ ଭୂତଳ ଜଳ ଗୁଣବତ୍ତା ମୂଲ୍ୟାଙ୍କନ, ୨୦୨୫ ଉପରେ ରିପୋର୍ଟ ମଧ୍ୟ ଉନ୍ମୋଚନ କରିଥିଲେ। ଏହି ରିପୋର୍ଟଗୁଡ଼ିକ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଏବଂ ରାଜ୍ୟ ଭୂତଳ ଜଳ ସଂଗଠନଗୁଡ଼ିକର ଏକ ସହଯୋଗ ପ୍ରୟାସକୁ ଉନ୍ମୋଚନ କରେ, ଯାହା ଆମ ଦେଶର ସବୁଠାରୁ ମୂଲ୍ୟବାନ ସମ୍ପଦ ମଧ୍ୟରୁ ଗୋଟିଏର ସ୍ୱାସ୍ଥ୍ୟ ଯାଞ୍ଚ ସମ୍ପର୍କରେ ସୂଚନା ପ୍ରଦାନ କରେ ଏବଂ ଗୁଣବତ୍ତାର ସମାନ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନକୁ ସମାଧାନ କରେ।

ଷ ଗ୍ଧ ଗ୍ଧ କ୍ସ ଗ୍ଧ : / / ଙ୍ଗ ଙ୍ଗ ଙ୍ଗ . ହ ବ କ୍ଷ ଗ୍ଧ ଷ ବ ଳ ଗ୍ଧ ସ - ୟକ୍ଟଙ୍ଗକ୍ସ.ଶକ୍ଟଙ୍ଗ.ସଭ/ ରେ ଉପଲବ୍ଧ ।

ଜଳ ସଂଚୟ ଜନ ଭାଗିଦାରୀ (ଜେଏସଜେବି) ପଦକ୍ଷେପ ବିଷୟରେ : ଜେଏସଜେବି ପଦକ୍ଷେପ ୬ ସେପ୍ଟେମ୍ବର ୨୦୨୪ ରେ ଗୁଜରାଟର ସୁରତରେ ଆରମ୍ଭ କରାଯାଇଥିଲା। ଏକ ସମ୍ପୂର୍ଣ୍ଣ ସରକାର ଏବଂ ସମଗ୍ର ସମାଜ ଆଭିମୁଖ୍ୟ ଦ୍ୱାରା ପରିଚାଳିତ ଏହି ପଦକ୍ଷେପ ତୃଣମୂଳ ସ୍ତରରେ ଅଂଶଗ୍ରହଣମୂଳକ ପରିଚାଳନା ଏବଂ ସ୍ଥାୟୀ ଜଳ ଶାସନକୁ ପ୍ରୋତ୍ସାହିତ କରେ। ଇଂରାଜୀରେ ୩ସି’ର ମନ୍ତ୍ର – ସମ୍ପ୍ରଦାୟ (କମ୍ୟୁନିଟି), କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର), ଏବଂ ମୂଲ୍ୟ (କଷ୍ଟ) ଦ୍ୱାରା ପରିଚାଳିତ ଏହା ଏକ ଅନ୍ତର୍ଭୁକ୍ତ ମଡେଲ ଗ୍ରହଣ କରେ ଯାହା ଦୀର୍ଘକାଳୀନ ଜଳ ସୁରକ୍ଷା ଏବଂ ଜଳକୁ ନେଇ ରହିଥିବା ସମସ୍ୟାର ସମାଧାନକୁ ପ୍ରୋତ୍ସାହିତ କରେ। ଏହି ପଦକ୍ଷେପ ଅଧୀନରେ, ରାଜ୍ୟଗୁଡ଼ିକୁ ପାଞ୍ଚଟି ଜୋନରେ ବିଭକ୍ତ କରାଯାଇଛି, ଏବଂ ଜିଲ୍ଲାଗୁଡ଼ିକୁ ସର୍ବନିମ୍ନ ୧୦,୦୦୦ କୃତ୍ରିମ ଜଳ ରିଚାର୍ଜ ବା ଜଳ ଅମଳ ଏବଂ ସଂରକ୍ଷଣ ଢାଞ୍ଚା ନିର୍ମାଣ କରିବାକୁ ଉତ୍ସାହିତ କରାଯାଇଛି। ଉତ୍ତର-ପୂର୍ବ ଏବଂ ପାହାଡ଼ିଆ ରାଜ୍ୟଗୁଡ଼ିକର ଜିଲ୍ଲାଗୁଡ଼ିକ ପାଇଁ ଏହି ସଂଖ୍ୟା ୩,୦୦୦, ଯେତେବେଳେ କି ଦେଶବ୍ୟାପୀ ନଗର ନିଗମ ପାଇଁ ଏହା ୧୦,୦୦୦ ରହିଛି। ଏହି ସଂରଚନାଗୁଡ଼ିକ ମଧ୍ୟରେ ଛାତ ଉପରେ ବର୍ଷାଜଳ ଅମଳ, ହ୍ରଦ, ପୋଖରୀ ଏବଂ କ୍ଷେପଦ୍ୱେଲର ପୁନରୁଦ୍ଧାର ଅନ୍ତର୍ଭୁକ୍ତ।

## ବୃହତ୍ ସିମେଣ୍ଟ ପରିବହନ ଶୁଳ୍କ କମାଇ, ଗରିବ ଏବଂ ମଧ୍ୟବିତ୍ତଙ୍କ ପାଇଁ ସୁଲଭ ବାସଗୃହ ଯୋଗାଇ ଦେଉଛି ରେଳବାଇ

ନୂଆଦିଲ୍ଲୀ : ନୂଆଦିଲ୍ଲୀର ରେଳ ଭବନରେ ଏହି ନୀତିର ଉନ୍ମୋଚନ କରି କେନ୍ଦ୍ରମନ୍ତ୍ରୀ ଏହି ମୁହୂର୍ତ୍ତକୁ ଏକ ଗେମ ଚେଞ୍ଜର ଭାବେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଏହି ସଂସ୍କାରଗୁଡ଼ିକ ମଧ୍ୟବିତ୍ତ ଏବଂ ଗରିବ ପରିବାରମାନଙ୍କ ପାଇଁ ସିମେଣ୍ଟ ମୂଲ୍ୟ ହ୍ରାସ କରିବ, କାରଣ ସେମାନେ ନିଜ ସ୍ୱପ୍ନର ଘର ନିର୍ମାଣ କରୁଛନ୍ତି। ନୂତନ ନୀତି ଅନୁଯାୟୀ, ଦୂରତା ଏବଂ ଓଜନ ସ୍ଲାବକୁ ହଟାଇ ଦିଆଯାଇଛି। ନୂତନ ଦରରେ ସିଧାସଳଖ ଭାବେ



କିଲୋମିଟରରେ କିଲୋମିଟର ଟନ୍ ପିଛା ୦.୯୦ ଟଙ୍କାକୁ ଯୁକ୍ତିସଙ୍ଗତ କରାଯାଇଛି।

ଶ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ବୃହତ୍ ପରିମାଣର ସିମେଣ୍ଟ ପରିବହନ ପାଇଁ ଟ୍ୟାଙ୍କ କଣ୍ଟେନରଗୁଡ଼ିକ ପ୍ରଦୂଷଣ ମୁକ୍ତ ଲଜିଷ୍ଟିକ୍ସ ସମାଧାନର ଏକ ଅନ୍ତିମ ପର୍ଯ୍ୟାୟ ହେବ। ଯୁକ୍ତରାଷ୍ଟ୍ର ଆମେରିକାକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ମାଲ ପରିବହନକାରୀ ରାଷ୍ଟ୍ର ହୋଇପାରିଛି। ରେଳ ନେଟୱାର୍କ ସମ୍ପ୍ରସାରଣ ଦୈନିକ ୪ କି. ମି. ରୁ (୨୦୦୪-୧୪ ସମୟ) ରୁ ୧୨-୧୪ କି. ମି. କୁ ବୃଦ୍ଧି ପାଇଛି, ଯାହା ଏହାକୁ ତିନି ଗୁଣରୁ ଅଧିକ କରିଛି। ବ୍ରଡ-ଗଜ୍ ରେଳ ନେଟୱାର୍କ ବର୍ତ୍ତମାନ ପ୍ରାୟ ୧୦୦ ପ୍ରତିଶତ ବିଦ୍ୟୁତକରଣ ହୋଇଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସାରା ଦେଶରେ ୧,୩୦୦ ରୁ ଅଧିକ ଅମୃତ ଷ୍ଟେସନ ବିକଶିତ କରାଯାଉଛି।

ଟ୍ୟାଙ୍କ କଣ୍ଟେନରରେ ବୃହତ୍ ପରିମାଣର ସିମେଣ୍ଟ ପାଇଁ ମାଲ ପରିବହନର ଯୁକ୍ତିସଙ୍ଗତକରଣ

ଟ୍ରେନର ମୋଟ ଟନ କିଲୋମିଟର (ଜିଟିକେଏମ) ଭାବରେ ଗଣନା କରାଯାଇଥିବା ପ୍ରକୃତ ଟନ ଉପରେ ଆଧାର କରି ଦର ପ୍ରବର୍ତ୍ତନ କରି ନୂତନ ହାର ଢାଞ୍ଚାକୁ ସରଳ ଏବଂ ଯୁକ୍ତିସଙ୍ଗତ କରାଯାଇଛି। ବ୍ୟବସାୟିକ ସୁଗମତାକୁ ବୃଦ୍ଧି କରିବା ପାଇଁ, ପୂର୍ବବର୍ତ୍ତୀ ଦୂରତା ଏବଂ ଓଜନ ସ୍ଲାବଗୁଡ଼ିକୁ ହଟାଇ ଦିଆଯାଇଛି। ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, କଭର କରାଯାଇଥିବା ପ୍ରକୃତ ଦୂରତା ପାଇଁ କିଲୋମିଟର ପିଛା ଟନ୍ ପିଛା ୦.୯୦ ଟଙ୍କା ସ୍ଥିର ହାରରେ ମାଲ ପରିବହନ ଶୁଳ୍କ ଆଦାୟ କରାଯାଇଥାଏ।

ଏହି ନୀତି ବୃହତ୍ ସିମେଣ୍ଟ ପାଇଁ ଦକ୍ଷ ବହୁମୁଖୀ, ଶେଷ ସ୍ଥାନ ପର୍ଯ୍ୟନ୍ତ ଲଜିଷ୍ଟିକ୍ସକୁ ସମର୍ଥନ କରିବା ପାଇଁ ଟ୍ୟାଙ୍କ କଣ୍ଟେନରଗୁଡ଼ିକର ବ୍ୟବହାରକୁ ପ୍ରୋତ୍ସାହିତ କରେ। ଟ୍ୟାଙ୍କ କଣ୍ଟେନର୍ ହେଉଛି ବୃହତ୍ ପରିମାଣର ସିମେଣ୍ଟ ପରିବହନ ପାଇଁ ଏକ ପ୍ରଭାବଶାଳୀ ଏଣ୍ଡ-ଟୁ-ଏଣ୍ଡ ଲଜିଷ୍ଟିକ୍ସ ସମାଧାନ ଏବଂ ଏହା ଏକ ଗର୍ବିତ ‘ମେକ୍ ଇନ୍ ଇଣ୍ଡିଆ‘ ଉତ୍ପାଦ। ଏହା ୨୦ ଫୁଟ୍ ୮ ଫୁଟ୍ ୮.୫ ଫୁଟ ମାନକ ଆକାର ସହିତ ଡିଜାଇନ୍ ହୋଇଛି, ଯାହା ୨୬ ଟନର ଭର୍ତ୍ତି କ୍ଷମତା ଏବଂ ୩୧ ଟନର ମୋଟ ଓଜନ ପ୍ରଦାନ କରେ । ପ୍ରତ୍ୟେକ କଣ୍ଟେନର୍ କେବଳ ୨୫-୩୦ ମିନିଟର ଲୋଡିଂ ଏବଂ ଅନଲୋଡିଂ ସମୟ ସହିତ ଦକ୍ଷ ପରିଚାଳନାକୁ ଅନୁମତି ଦିଏ । ଏହାର ଡିଜାଇନ୍ ଏହାକୁ ନିରବଚ୍ଛିନ୍ନ ବହୁମୁଖୀ ପରିବହନ ପାଇଁ ସହଜ କରିଥାଏ-ଟ୍ରେନରୁ ଟ୍ରେଲରକୁ ସହଜରେ ଯିବା ଏବଂ ଟ୍ରେନକୁ ଫେରିବା- ଉତ୍ପାଦନ ସ୍ଥାନରୁ ଉପଯୋଗ ସ୍ଥାନ ପର୍ଯ୍ୟନ୍ତ ସହଜ ବିତରଣକୁ ସକ୍ଷମ କରିଥାଏ ।

ବଲକ୍ ସିମେଣ୍ଟ ଟର୍ମିନାଲ ପାଇଁ ନୀତି

ସ୍ୱତନ୍ତ୍ର ୱାଗନ ବ୍ୟବହାର କରି ଉତ୍ପାଦନ କାରଖାନାରୁ ଉପଭୋକ୍ତା କେନ୍ଦ୍ର ନିକଟରେ ଥିବା ଟର୍ମିନାଲକୁ ବୃହତ୍ ପରିମାଣର ସିମେଣ୍ଟ ପରିବହନ ଉଭୟ ବ୍ୟୟବହୁଳ ଏବଂ ପରିବେଶ ଅନୁକୂଳ। ଦକ୍ଷ ଲଜିଷ୍ଟିକ୍ସ ଦିଗରେ ଏହି ପରିବର୍ତ୍ତନକୁ ଆହୁରି ସମର୍ଥନ କରିବା ପାଇଁ, ଭାରତୀୟ ରେଳବାଇ ‘ବଲ୍କ୍ ସିମେଣ୍ଟ ଟର୍ମିନାଲ୍‘ ନୀତି ଅଧୀନରେ ସାରା ଦେଶରେ ବଲ୍କ୍ ସିମେଣ୍ଟ ଟର୍ମିନାଲର ବିକାଶକୁ ସୁଗମ କରିବ, ଯାହା ସିମେଣ୍ଟର ସହଜ ପରିଚାଳନା, ସଂରକ୍ଷଣ ଏବଂ ବିତରଣକୁ ସକ୍ଷମ କରିବ।

ନିରବଚ୍ଛିନ୍ନ ଲଜିଷ୍ଟିକ୍ସ ସୁନିଶ୍ଚିତ କରିବା ପାଇଁ ରେଳ ନେଟୱାର୍କ ସହିତ ସିଧାସଳଖ ସଂଯୋଗ ସହିତ ବଲ୍କ୍ ସିମେଣ୍ଟ ଟର୍ମିନାଲ୍ ନିର୍ମାଣ, ପରିଚାଳିତ ଏବଂ ରକ୍ଷଣାବେକ୍ଷଣ କରାଯିବ। ଏହି ଟର୍ମିନାଲଗୁଡ଼ିକରେ ହପର, ସାଇଲୋ, ବ୍ୟାଗିଂ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ଭିତ୍ତିଭୂମି ଭଳି ଅତ୍ୟାବଶ୍ୟକ ସୁବିଧା ରହିବ, ଯାହାଦ୍ୱାରା ବୃହତ୍ ପରିମାଣର ସିମେଣ୍ଟର ଦକ୍ଷ ପରିଚାଳନା, ସଂରକ୍ଷଣ ଏବଂ ବିତରଣରେ ସହାୟତା ମିଳିପାରିବ। ଏହି ନୀତି ଅନେକ ଗୁରୁତ୍ୱପୂର୍ଣ୍ଣ ଲାଭ ପ୍ରଦାନ କରିଥାଏ, ଯେଉଁଥିରେ ସିମେଣ୍ଟ ପରିବହନ ଖର୍ଚ୍ଚରେ ଯଥେଷ୍ଟ ହ୍ରାସ ଏବଂ ସଡ଼କ ପରିବହନ ତୁଳନାରେ କାର୍ବନ ନିର୍ଗମନ ଉଲ୍ଲେଖନୀୟ ଭାବେ କମ୍, ଯାହାଦ୍ୱାରା ପରିବେଶ ସ୍ଥିରତା ଏବଂ ସଡ଼କ ଭିଡ଼ ହ୍ରାସ କରିବାରେ ସହାୟତା ମିଳିଥାଏ। ଏହା ଗୋଟିଏ ମାଲରେ ବଡ଼ ପରିମାଣର ସିମେଣ୍ଟର ଗତିବିଧିକୁ ସକ୍ଷମ କରିଥାଏ ଏବଂ ସ୍ପିଲେଜ୍ ଦ୍ୱାରା ସାମଗ୍ରୀର କ୍ଷତିକୁ ହ୍ରାସ କରିବା ସହିତ ପ୍ୟାକେଜିଂ ଆବଶ୍ୟକତାକୁ ସର୍ବନିମ୍ନ କରିଥାଏ। ଏହାବ୍ୟତୀତ, ଏହି ନୀତି ଯାନ୍ତ୍ରିକ ଲୋଡିଂ ଏବଂ ଅନଲୋଡିଂ ମାଧ୍ୟମରେ ଦ୍ରୁତ ପରିବର୍ତ୍ତନ ସମୟ ସୁନିଶ୍ଚିତ କରିଥାଏ, ଯାହା ସିମେଣ୍ଟ ପରିବହନରେ ସାମଗ୍ରିକ ଦକ୍ଷତା ବୃଦ୍ଧି କରିଥାଏ।

## ଶ୍ରୀମନ୍ଦିରରେ ଆରମ୍ଭ ହେଲା ଦେବଦୀପାବଳି ନୀତି, ଆଜି ଅଦିତି ଓ କାଶ୍ୟପଙ୍କୁ ଶ୍ରାଦ୍ଧ ଦେବେ ମହାପ୍ରଭୁ

ପୁରୀ : ଶ୍ରୀମନ୍ଦିରରେ ଆଜିଠାରୁ ତିନିଦିନ ବ୍ୟାପି ମହାପ୍ରଭୁଙ୍କ ଦେବଦୀପାବଳି ନୀତି ଆରମ୍ଭ ହୋଇଛି । ଏହି ତିନିଦିନ ମହାପ୍ରଭୁ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ଶ୍ରାଦ୍ଧ ମଧ୍ୟ ଦେଇଥାନ୍ତି। ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ପ୍ରତିପଦା ତିନିଦିନ ଧରି ମହାପ୍ରଭୁ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବାର ପରମ୍ପରା ରହିଆସିଛି । ଆଜି ପ୍ରଥମ ଦିନ ମାର୍ଗଶିର କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ସନ୍ଧ୍ୟାଧୂପ ନୀତି ବଢିବା ପରେ ମହାପ୍ରଭୁ ଅଦିତି ଓ କଶ୍ୟପଙ୍କ ଉଦ୍ଦେଶ୍ୟରେ ଦୀପଦାନ ସହ ଓ ଶ୍ରାଦ୍ଧ ଦେବେ । ଆସନ୍ତାକାଲି ଦ୍ୱିତୀୟ ଦିନ ଅମାବାସ୍ୟା ତିଥିରେ ଦଶରଥ ଓ କୌଶଲ୍ୟାଙ୍କ ଉଦ୍ଦେଶ୍ୟରେ, ତୃତୀୟ ଦିନ ପ୍ରତିପଦା ତିଥିରେ ମହାପ୍ରଭୁ ଦେବକୀ,ବସୁଦେବ,ନନ୍ଦ,ଯଶୋଦା, ମହାରାଜା ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚା ରାଣୀଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିବା ସହ ଶ୍ରାଦ୍ଧ ଦେବାର ପରମ୍ପରା ରହିଛି । ଏହିଦିନ ମାନଙ୍କରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ରାଦ୍ଧ ବେଶ ଧାରଣ କରିଥାନ୍ତି । ସଂଧ୍ୟାଧୂପ ପରେ ପୁଷ୍ପାଳକ ସେବାୟତ ମାନେ ମହାପ୍ରଭୁଙ୍କୁ ଶ୍ରାଦ୍ଧ ବେଶରେ ନାଗପୁରୀ ଶାଢୀ ଚାଦରରେ ଭୂଷିତ କରାଇଥାନ୍ତି ।ଏହି ବେଶରେ ଶ୍ରୀବିଗ୍ରହମାନେ ଧଳାବସ୍ତ୍ର ପରିଧାନ କରିଥାନ୍ତି । ଶ୍ରୀଜଗନ୍ନାଥ ମହାପ୍ରଭୁ ୧୬ ହାତ ,ଶ୍ରୀବଳଭଦ୍ର ୧୪ ହାତ ଓ ଦେବୀ ସୁଭଦ୍ରା ୧୨ ହାତ ଲମ୍ବ ବିଶିଷ୍ଟ ସୂତା ଶାଢୀ ବା ନାଗପୁରୀ ଶାଢୀ ପରିଧାନ କରିଥାନ୍ତି। ଶ୍ରାଦ୍ଧ ବେଶରେ ଠାକୁର ମାନେ ତଡଗୀ,ନଳୀଭୂଜ,ଚନ୍ଦ୍ର,ସୂର୍ଯ୍ୟ, କୁଣ୍ଡଳୀ,ଆଡକାନି,ହରିଡା ମାଳି, କମରପଟି ପ୍ରଭୃତି ସ୍ୱର୍ଣ୍ଣ ଅଳଙ୍କାର ରେ ବିଭୂଷିତ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଆଜି ମଧ୍ୟ ନୀଳଚକ୍ର ନିକଟସ୍ଥ ଅଁଳା ବେଢାରେ ମହାଦୀପ ମଧ୍ୟ ପ୍ରଜ୍ୱଳିତ ହୋଇଥାଏ । ମହାପ୍ରଭୁଙ୍କ ଏହି ପର୍ବକୁ ଦେବ ଦୀପାବଳି କୁହାଯାଏ ।



# ଦେଶ ବିଦେଶର ଦୃଷ୍ଟି ଆକର୍ଷଣ କରୁଛି ଓଡ଼ିଶା ପାଭିଲିୟନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୮/୧୧ : ଚଳିତ ନଭେମ୍ବର ୧୪ ରୁ ୨୭ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍ ପରିସରରେ ଆୟୋଜିତ ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଖୋଲାଯାଇଥିବା ଓଡ଼ିଶା ପାଭିଲିୟନ ଦେଶ ବିଦେଶର ବୃହତ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସହ ବାଣିଜ୍ୟିକ ସମ୍ପର୍କ ସ୍ଥାପନ କରିବାରେ ସଫଳ ହୋଇଛି । ଚଳିତ ବର୍ଷର ବିଷୟ ବସ୍ତୁ ’ଏକ ଭାରତ, ଶ୍ରେଷ୍ଠ ଭାରତ’ର ସାର୍ଥକତାକୁ ପ୍ରତିପାଦନ କରିବାକୁ ଯାଇ, ସ୍ୱଦେଶୀ ଜ୍ଞାନକୌଶଳରେ ଉତ୍ପାଦିତ ଓଡ଼ିଶାର କୃଷିଜାତ ସାମଗ୍ରୀଠାରୁ ଆରମ୍ଭ କରି ବୟନ ଓ ହସ୍ତଶିଳ୍ପ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ, ଦେଶ ବିଦେଶର ବଡ଼ବଡ଼ ବ୍ୟବସାୟୀ ସମେତ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନ ଗୁଡ଼ିକର ଦୃଷ୍ଟି ଆକର୍ଷଣ କରୁଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ’ଏକ ଭାରତ, ଶ୍ରେଷ୍ଠ ଭାରତ’ ଏବଂ ’ଆତ୍ମନିର୍ଭର ଭାରତ’ ଆହ୍ୱାନ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ’ଓଡ଼ିଶା ଭିଜନ ୨୦୩୬’ ପାଇଁ ଶିଳ୍ପାୟନ ଓ ପୁଞ୍ଜି ବିନିଯୋଗ ମାର୍ଗଦର୍ଶନର ପ୍ରତିଫଳନ ସ୍ୱରୂପ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ପ୍ରଥମ ପାଞ୍ଚ ଦିନ ଅର୍ଥାତ ୧୪ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ନିର୍ଦ୍ଧାରିତ ବ୍ୟବସାୟିକ ଅବଧିରେ ଓଡ଼ିଶା ପାଭିଲିୟନ ଏହି ସଫଳତା ହାସଲ କରିଛି । ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଏହି ବ୍ୟବସାୟିକ ଅବଧିରେ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ତରଫରୁ ଓଡ଼ିଶା ପାଭିଲିୟନରେ ଅଂଶଗ୍ରହଣ କରିଥିବା ବରଗଡ଼ର ଗୌମୟ ପେଣ୍ଟସ ଇତିମଧ୍ୟରେ ତ୍ରିପୁରାର ଶିଳ୍ପ ବିଭାଗ, ରୋହତକ ହରିୟାନାର ଅରିହନ୍ତ ପେଣ୍ଟସ, ନୂଆଦିଲ୍ଲୀର ଏ.ଏଲ୍.ଏମ୍. ଏଣ୍ଟରପ୍ରାଇଜେସ ଓ ଆର.କେ.ଜି.ଡି. ଏଣ୍ଟରପ୍ରାଇଜେସ ସହ ବାର୍ତ୍ତାଳାପ କରିଥିବାବେଳେ ନୂଆଦିଲ୍ଲୀର ହରମିତ ସିଂହଙ୍କ ସହିତ ଓଡ଼ିଶା ରାଜ୍ୟ




ତାଳଗୁଡ ସମବାୟ ସଂଘ ଲିମିଟେଡ ସହିତ ବ୍ୟବସାୟିକ ଆଲୋଚନା କରିଛନ୍ତି । ସେହିପରି, ବ୍ରହ୍ମପୁରର ଇଲେଟ କ୍ରଞ୍ଚିସ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷ, ପାୱାର ଗ୍ରୀଡ଼ କର୍ପୋରେସନ, ନୂଆଦିଲ୍ଲୀର ଅଶୋକା ହୋଟେଲ ଓ ନଟ୍ ସେକ୍ ସହିତ ବାର୍ତ୍ତାଳାପ କରିଛନ୍ତି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଅଂଶଗ୍ରହଣ କରିଥିବା ମୟୂରଭଞ୍ଜ ଜିଲ୍ଲାର ଯଶିପୁର କୃଷି ଉତ୍ପାଦକ ସଂଘର ଷ୍ଟଲ କେରଳ ରାଜ୍ୟ ସହ ଏବଂ ଓରମାସ ତରଫରୁ ତୁମ୍ବା ହସ୍ତଶିଳ୍ପକୁ ନେଇ ମେଳାରେ ଅଂଶଗ୍ରହଣ କରିଥିବା ରାୟଗଡ଼ାର ପ୍ରେରଣା ସ୍ୱୟଂ ସହାୟକ ଗୋଷ୍ଠୀ ନୂଆଦିଲ୍ଲୀର ରୁଦ୍ରଶୀଳ ପ୍ରଡ଼କ୍ଟ ସହିତ ବାର୍ତ୍ତାଳାପ କରିଛନ୍ତି । ଏତଦବ୍ୟତୀତ, ଧାନ କଳାକୃତି, ସଉରା ଓ ଗଣ୍ଡ ଜନଜାତି ଚିତ୍ରକଳା, କୋରାପୁଟ କଫି ଓ ଜନଜାତି ସମୁଦାୟଙ୍କ ଦ୍ୱାରା ସଂଗୃହିତ, ଉତ୍ପାଦିତ ଓ ପ୍ରକ୍ରିୟାକୃତ ସାମଗ୍ରୀକୁ ନେଇ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିଭାଗ ତରଫରୁ ଅଂଶଗ୍ରହଣ କରିଥିବା ଷ୍ଟଲ ସମେତ ଓରମାସ ଓ ମିଶନ ଶକ୍ତି ଆନୁକୂଲ୍ୟରେ ଅଂଶଗ୍ରହଣ କରିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ଓ ପ୍ରସ୍ତୁତ ବିଭିନ୍ନ ସୁଦୃଶ୍ୟ ସାମଗ୍ରୀ ମଧ୍ୟ ବାଣିଜ୍ୟ ମେଳାରେ ଅଂଶଗ୍ରହଣ କରିଥିବା ରାଜ୍ୟ ଓ ଦେଶସମୂହର ବ୍ୟବସାୟୀମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁରେ ପରିଣତ ହୋଇଛି । ବିଭିନ୍ନ ରାଜ୍ୟ ଓ ମନ୍ତ୍ରାଳୟର ଉଚ୍ଚ ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ କର୍ମକର୍ତ୍ତାଙ୍କ ସହ ଓଡ଼ିଶା ପାଭିଲିୟନକୁ ଆସି ସାମଗ୍ରୀ ଗୁଡ଼ିକର ଉତ୍ପାଦନ, ଯୋଗାଣ ଓ ବିତରଣ ସମ୍ପର୍କରେ ଷ୍ଟଲ୍ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି । ପାଭିଲିୟନର ସାମଗ୍ରିକ ଦାୟିତ୍ୱରେ ଥିବା ଅଧିକାରୀମାନେ ଉଭୟ ଗୋଷ୍ଠୀଙ୍କୁ ସନ୍ତୁଷ୍ଟିଜନକ ଉଚ୍ଚମାନର ସହଯୋଗ ପ୍ରଦାନ କରିବା ଦ୍ୱାରା ଓଡ଼ିଶାରେ ଉତ୍ପାଦିତ ସାମଗ୍ରୀ ପ୍ରତି ସେମାନଙ୍କ ଆଭିମୁଖ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଗତ ୧୪ତାରିଖରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏହାକୁ ଉଦଘାଟନ କରିଥିବାବେଳେ ଗତକାଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା ପାଭିଲିୟନ ସମେତ ଭାରତ ସରକାରଙ୍କ ଶକ୍ତି ମନ୍ତ୍ରାଳୟ ଏବଂ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟ ପାଭିଲିୟନ ପରିଦର୍ଶନ କରି ସେମାନଙ୍କ ସମ୍ମୁଖରେ ଏହି ଉଭୟ କ୍ଷେତ୍ରରେ ଓଡ଼ିଶାର ଆଭିମୁଖ୍ୟ ଓ ସମ୍ଭାବନାର ସ୍ୱଷ୍ଟ ଚିତ୍ର ଉପସ୍ଥାପନ କରିଥିଲେ । ଏତଦବ୍ୟତୀତ, ବ୍ୟବସାୟିକ ଅବଧିର ବିଭିନ୍ନ ଦିବସରେ ତ୍ରିପୁରାର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ସନ୍ତନା ଚକମା, ମଣିପୁରର ଅତିରିକ୍ତ ଶାସନ ସଚିବ ଅନୁରାଗ ବାଜପେୟୀ ପ୍ରମୁଖ ଓଡ଼ିଶା ପାଭିଲିୟନ ପରିଦର୍ଶନରେ ଆସି ସମ୍ପୃକ୍ତ ରାଜ୍ୟମାନଙ୍କ ସହିତ ସେମାନଙ୍କ ବାଣିଜ୍ୟିକ ସମ୍ଭାବନାକୁ ସୁଦୃଢ କରିଛନ୍ତି ।

# ପୁରୀ ଜିଲ୍ଲା ସ୍ତରୀୟ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ



ପୁରୀ : ପୂର୍ବାହ୍ନରେ ଟାଉନ ହଲ ପରିସରରେ ସମବାୟ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲ୍ଲା ସ୍ତରୀୟ ୭୨ ତମ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହୋଇଥିଲା ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅର୍ଥନୀତି ସୁଦୃଢୀକରଣ ରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ ।ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ ଓ ସଶକ୍ତ କରିବାରେ ସମବାୟ ସମିତିର ଭୂମିକା ସର୍ବଦା ଗୁରୁତ୍ୱ ବହନ କରି ଆସିଛି । କୃଷକ ମାନଙ୍କୁ ବିବିଧ ସରକାରୀ ଯୋଜନା ରେ ସାମିଲ କରିବା, ସେମାନଙ୍କ ଆବଶ୍ୟକତା ଅନୁସାରେ କମ ସୁଧରେ ଋଣ ପ୍ରଦାନ, ସେମାନଙ୍କ ଉତ୍ପାଦ ର ସଠିକ ବିକ୍ରି ବ୍ୟବସ୍ଥା ଉପରେ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ପୂର୍ବରୁ ବ୍ୟବସାୟୀ ମାନେ କମ ଦାମରେ ଚାଷୀ ମାନଙ୍କ ଠାରୁ ସେମାନଙ୍କ ଉତ୍ପାଦକ ନେଇ ଯାଉଥିଲେ, କିନ୍ତୁ ବର୍ତ୍ତମାନ ସମୟରେ ଚାଷୀ ମାନଙ୍କୁ ସେମାନଙ୍କ ଉତ୍ପାଦକର ସଠିକ ମୂଲ୍ୟ ବ୍ୟାଙ୍କ ଆକାଉଂଟ ମାଧ୍ୟମରେ ପ୍ରଦାନ କରାଯାଉଛି ଯାହା ସେମାନଙ୍କ ହକ ବୋଲି ଶ୍ରୀ ବେହେରା କହିଥିଲେ । ଉପ ଜିଲ୍ଲାପାଳ ରାଜ କିଶୋର ଜେନା ସମବାୟ ଆନ୍ଦୋଳନ ର ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଧାନ ସଂଗ୍ରହ ସମୟରେ ନିରପେକ୍ଷତା ବଜାୟ ରଖିବା, ମଣ୍ଡି ଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା, ପାକ୍ସ କୃଷକ ମାନଙ୍କୁ ସହଯୋଗ କରିବା ପାଇଁ ମତ ବ୍ୟକ୍ତ କରିଥିଲେ । ପୁରୀ ନିମାପଡା ସମ୍ମିଳିତ ବ୍ୟାଙ୍କର ସଭାପତି କିଶୋର କୁମାର ଛୋଟରାୟ ସମବାୟ ସମିତିକୁ ଅଧିକ କ୍ରିୟାଶୀଳ କରିବା, ସମସ୍ତଙ୍କ ସହଯୋଗ ନେବା, ନିର୍ବାଚିତ ସମବାୟ ପ୍ରତିନିଧି ମାନଙ୍କୁ ଉପଯୁକ୍ତ ସମ୍ମାନ ଓ ପରାମର୍ଶ ନେବା ସମ୍ପର୍କରେ ସେ ଆଲୋକପାତ କରିଥିଲେ । ଡିଆରସିଏସ ସୁନୀତା ପତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ନାବାର୍ଡର ଡିଡିଏମ ସସ୍ମିତା ପୃଷ୍ଟି, ବ୍ୟାଙ୍କ ସମୂହର ସିଇଓ ବନଶ୍ରୀ ମଲ୍ଲିକ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ହସ୍ତଶିଳ୍ପ ର ଉପ ନିର୍ଦ୍ଦେଶକ ବିଷ୍ଣୁ ପଦ ମାରାଣ୍ଡି, ଅତିରିକ୍ତ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗ ଦେଇ ସମବାୟ ଆନ୍ଦୋଳନର ଆବଶ୍ୟକତା, ଆତ୍ମନିର୍ଭର ଭାରତ ପାଇଁ ସମବାୟର ଯୋଗଦାନ, କୃଷକ, ପାକ୍ସ ମାନଙ୍କ ର ସମସ୍ୟା, ସହାୟତା ସମ୍ପର୍କରେ ଆଲୋଚନା କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଓ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ବିଭିନ୍ନ ସମବାୟ ସମିତିର କର୍ମକର୍ତ୍ତା ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଅତିଥି ମାନେ ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସଂଚାଳକ ଶ୍ୟାମ ପ୍ରକାଶ ସେନାପତି ମଂଚ ପରିଚାଳନା କରିଥିଲେ ।

# ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତା ଆମର ଦାୟିତ୍ୱ : ଏସପି ପ୍ରତୀକ ସିଂ




କୋଣାର୍କ : କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତା ନେଇ ପୁରୀ ଆରକ୍ଷୀ ଅଧିକ୍ଷକ ଆଇପିଏସ ପ୍ରତୀକସିଂଙ୍କ ଅଧ୍ୟକ୍ଷତାରେ ଯାତ୍ରୀ ନିବାସ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଦେଶ ବିଦେଶରୁ ଆସୁଥିବ ପର୍ଯ୍ୟଟକ ଆମ ପାଇଁ ଅତିଥି ସଦୃଶ । ସେମାନଙ୍କ ସୁରକ୍ଷା ଓ ନିରାପତା ଆମର ଦାୟିତ୍ୱ ବୋଲି ଏସପି ଶ୍ରୀ ସିଂ କହିଥିଲେ । ସୂର୍ଯ୍ୟ ମନ୍ଦିରରେ ଗାଇଡ ଓ ଫୋଟୋ ଗ୍ରାଫର୍ ମାନଙ୍କ ସୁ ବ୍ୟବହାର, ଅଟୋ ଓ ଟ୍ୟାକ୍ସି ଚାଳକ ମାନଙ୍କ ସହଯୋଗ, ରେଷ୍ଟୁରାଂଟ, ହୋଟେଲ୍ ଓ ଲଜ୍ ମାନଙ୍କରେ ସୁନ୍ଦର ଆତିଥେୟ ପ୍ରଦାନ କରାଯିବା ଉଚିତ୍ । ଏଥି ସହିତ ସହରରେ ସିସିଟିଭି ମୁତୟନ, ଅଧିକ ପିଟୋଲିଂ ବ୍ୟବସ୍ଥା, ବ୍ୟବସାୟୀ ମାନଙ୍କ ଉଚିତ୍ ବ୍ୟବସାୟ ଆଦି ଠିକ ରହିବା ଉଚିତ୍ ବୋଲି ଆଲୋଚନା କରାଯାଇଥିଲା । ଏହି ଅବସରରେ ନିମାପଡ଼ା ଏସଡିପିଓ ଜନାର୍ଦ୍ଦନ ପାଢ଼ୀ, ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ଯୋଗ ଦେଇ ପର୍ଯ୍ୟଟକ ସୁରକ୍ଷା ଓ ନିରାପତା ଉପରେ ଆଲୋକପାତ କରିଥିଲେ । ବୈଠକ ପୂର୍ବରୁ ଏସପି ଶ୍ରୀ ସିଂ କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତା ଉପରେ ତାଦରଖ କରିଥିଲେ । ଏହି ଅବସରରେ କୋଣାର୍କ ଥାନା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ହୋଟେଲ ସଙ୍ଘ ସଭପତି ସୁବାସ ନାୟକଙ୍କ ସମେତ ହୋଟେଲ୍ ମାଲିକ ଓ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ଶିକ୍ଷାବିତ୍ ରାମକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ରାଜ୍ୟ ସ୍ତରୀୟ ଦୁଇ ଦିନିଆ କର୍ମଶାଳା ଅନୁଷ୍ଠିତ



ପୁରୀ : ନର୍ସିଂ ନିର୍ଦ୍ଦେଶାଳୟ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ ତଥା ସରକାରୀ ସହକାରୀ ନର୍ସିଂ ମିଡଓ୍ୱାଇଫ ତାଲିମ କେନ୍ଦ୍ର (ଏଏନ୍ଏମ୍ ଟ୍ରେନିଂ ସେଂଟର), ପୁରୀର ସହଭାଗିତାରେ ରାଜ୍ୟ ସ୍ତରୀୟ ଦୁଇ ଦିନର ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏହି କର୍ମଶାଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡାକ୍ତର ବିଜୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରରେ ବିସ୍ତୃତରେ ଅବଗତ କରାଇଥିଲେ । ନର୍ସିଂ ନିର୍ଦ୍ଦେଶକ ଡାକ୍ତର ରାଜ୍ୟଶ୍ରୀ ପଟ୍ଟନାୟକ ଓ ଡାକ୍ତର ଅମରେନ୍ଦ୍ର ସ୍ୱାଇଁ ମଧ୍ୟ କର୍ମଶାଳାରେ ଉପସ୍ଥିତ ରହି ନିଜର ଅଭିଭାଷଣ ରଖିଥିଲେ । ଶ୍ରୀ ଜଗନ୍ନାଥ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୌଶିକ ମିଶ୍ର ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅକ୍ଷୟ କୁମାର ଶତପଥି ଏବଂ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡ. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ମଧ୍ୟ ଉପସ୍ଥିତ ଥିଲେ । ଏହି କର୍ମଶାଳାର ମୁଖ୍ୟ ପ୍ରସଙ୍ଗ ନର୍ସିଂ ଶିକ୍ଷା ଏବଂ ସେବାରେ ନେତୃତ୍ୱର ବିସ୍ତାର ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହା ପରେ କାର୍ଯ୍ୟଭାର ଚାପ ପରିଚାଳନା, ଗୁଣବତା ସେବା ବିଷୟରେ ମଧ୍ୟ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କର୍ମଶାଳାରେ ଜାତୀୟ ସ୍ତର,ରାଜ୍ୟସ୍ତରର ଅନେକ ବିଖ୍ୟାତ ଶିକ୍ଷାବିତ (ନର୍ସିଂ ଶିକ୍ଷା) ତଥା ପ୍ରାଧ୍ୟାପକ ଓ ପ୍ରାଧ୍ୟାପିକା ମାନେ ମଧ୍ୟ ଯୋଗଦାନଦେଇ ନର୍ସିଂ ଶିକ୍ଷା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ସମସ୍ତ ଜିଲ୍ଲାର ନର୍ସିଂ ଶିକ୍ଷା ବିଜ୍ଞାନରେ ସ୍ନାତକ ଏବଂ ନର୍ସିଂ ଶିକ୍ଷା ବିଜ୍ଞାନରେ ମାଷ୍ଟର ଡିଗ୍ରୀର ମେଧାବୀ ଛାତ୍ର ଓ ଛାତ୍ରୀ ମାନଙ୍କୁ ମାନପତ୍ର ଓ ଉପଢ଼ୌକନ ସହିତ ପୁରସ୍କାର କରାଯିବା ସହିତ ଉପସ୍ଥିତ ସମସ୍ତଙ୍କୁ ଉତ୍ସାହିତ ମଧ୍ୟ କରାଯାଇଥିଲା । କର୍ମଶାଳାରେ ରାଜ୍ୟସ୍ତରୀୟ ଅନେକ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।ପୁରୀ ନର୍ସିଂ ମିଡଓ୍ୱାଇଫ ତାଲିମ କେନ୍ଦ୍ରର ଅଧ୍ୟାପିକା ମାନେ କର୍ମଶାଳାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ପରିଶେଷରେ ସରକାରୀ ସହକାରୀ ନର୍ସ ମିଡଓ୍ୱାଇଫ ତାଲିମ କେନ୍ଦ୍ରର ଅଧକ୍ଷା ଶ୍ରୀମତୀ ନୟନ ସାମଲ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବ୍ୟବସ୍ଥା ଘେରରେ ବାଲିଗୁଡା ଉପଖଣ୍ଡ ଡାକ୍ତରଖାନା, ଡାକ୍ତରଙ୍କ ଅନୁପସ୍ଥିତ, ରୋଗୀ ହନ୍ତସନ୍ତ



କନ୍ଧମାଳ : ବାଲିଗୁଡ଼ା ଉପଖଣ୍ଡ ଡାକ୍ତରଖାନାରେ ଶିଶୁ ଡାକ୍ତର ତିନିଦିନ ଧରି ଅନୁପସ୍ଥିତ । ମେଡିକାଲ ପରିଚାଳନା ସର୍ବଦା ଢିଲ । କନ୍ଧମାଳ ଜିଲ୍ଲାର ବଡ ସବଡ଼ିଭିଜ ବାଲିଗୁଡା, ଏହି ସବଡ଼ିଭିଜନ ରେ ୯ ଗୋଟି ବ୍ଲକ ରହିଁଛି । କୋଟଗଡ଼, ତୁମୁଡିବନ୍ଧ, ରାଇକିଆ, ଓ ବାଲିଗୁଡ଼ାରୁ କେତାକାଂଶ ଅଂଚଳ ଉପାନ୍ତ ଓ ଦୁର୍ଗମ ଅଗ୍ନାଗ୍ନୀ ଅଂଚଳ ରହିଁଛି । ଏସବୁ ଅଂଚଳ ର ରୋଗୀ ୫୫କିମି ରୁ ୮୦ କିମି ଦୂରରୁ ବାଲିଗୁଡା ସବଡିଭିଜନ ଡାକ୍ତର ଖାନାକୁ ଚିକିତ୍ସା ପାଇଁ ଆସିଥାନ୍ତି । ଅଧିକାଂଶ ରୋଗୀ ଗରିବ ଶ୍ରେଣୀର ହୋଇଥିବାବେଳେ ସାମାନ୍ୟ ସ୍ୱଚଳ ବର୍ଗର ଅଟନ୍ତି । ଡାକ୍ତରଖାନାରେ ଚିକିତ୍ସା ସେତେ ଭଲ ନଥିଲେ ମଧ୍ୟ ଡାକ୍ତର ସର୍ବଦା ଅନୁପସ୍ଥିତ ରହୁଥିବା ଅଭିଯୋଗ ହେଇ ଆସୁଛି । ଶିଶୁ ଡାକ୍ତର ଦୁଇ ତିନି ଦିନ ଧରି ନ ଥିଲେ ଶିଶୁ ରୋଗୀ ଫେରିଯାଆନ୍ତି । ଅନ୍ୟାନ୍ୟ ଡାକ୍ତର ରୋଗୀ ଆସିବାର ଦେଢ଼ ଘଂଟା ପରେ ଡାକ୍ତର ଆସିଥାନ୍ତି ଧାଡିରେ ରୋଗୀ ଠିଆ ହୋଇଥାନ୍ତି । ସତେଯେପରି ଡାକ୍ତର ମାନେ ରୋଗୀଙ୍କୁ ଦୟା କରୁଛନ୍ତି ଡାକ୍ତର ମାନେ ଭୁଲିଯାଉଛନ୍ତି ଜେ ବାଲିଗୁଡା ଡାକ୍ତର ଖାନା ସରକାରୀ ଦାତବ୍ୟ ଡାକ୍ତରଖାନା ବୋଲି ।

# କଟଡି ସରକାରୀ ଆଶ୍ରମ ବିଦ୍ୟାଳୟ ଠାରେ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଦିବସ ପାଳନ




କନ୍ଧମାଳ : ଟିକାବାଲି ବ୍ଲକ ଗାର୍ଡିଙ୍ଗିଆ ପଂଚାୟତର କଟଡି ସରକାରୀ ଆଶ୍ରମ ବିଦ୍ୟାଳୟ ଠାରେ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମଜୟନ୍ତୀ ପାଳନ ତଥା ଜନଜାତୀୟ ଗୌରବ ଦିବସ ଅବସରରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହିସଭା ଟିକୁ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅରୁଣ ବେହେରାଙ୍କ ତତ୍ୱାବଧାନରେ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ସି ଆର ସିସି ଉମେଶ କୁମାର ଦିଗାଲ, ସମ୍ମାନିତ ଅତିଥି ଭାବେ ମାନେଶ୍ୱର ପ୍ରଧାନ , ସହକାରୀ ଶିକ୍ଷକ ସନତ କୁମାର ନାୟକ, ଲିଟୁ କୁମାର ବେହେରା, ସାମ୍ବାଦିକ ପୂର୍ବତନ ସରପଂଚ ସଂଗ୍ରାମ ସିଂହ ପ୍ରଧାନ, ବକ୍ତା ଭାବେ ଏସ ଏମ୍ ସି କମିଟି ସଭାପତି ଅଶୋକ ପ୍ରଧାନ, ୱାଡ ମେମ୍ବର ଅମ୍ବିକା ପ୍ରଧାନ ଉପସ୍ଥିତ ରହିଥିଲେ । ଏଥିରେ ପ୍ରଧାନ ଶିକ୍ଷକ ଅଭିଭାବକ ମାନଙ୍କୁ ଛାତ୍ରଛାତ୍ରୀ ମାନଙ୍କ ର ଆସୁଥିବା ସରକାରୀ ସୁବିଧା ଓ ବିଭିନ୍ନ ଯୋଜନା ଠିକ୍ ଭାବରେ ପାଇ ପାରୁଛନ୍ତି କି ନାହିଁ ସେହି ବିଷୟରେ ଅବଗତ କରାଇଥିଲେ । ଅନୁଷ୍ଠାନ ରେ ପିଲାଙ୍କ ଶୈକ୍ଷିକ ଅଗ୍ରଗତି ସହ କିଭଳି ଭାବରେ ସ୍କୁଲ ଅଧିକ ରୁ ଅଧିକ ଉନ୍ନତି ହୋଇପାରିବ ତାହାରି ଉପରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ କଟଡି, ଗିରୁଟି ତଥା ଅଭିଭାବକ ମାନେ ଉପସ୍ଥିତ ରହିଥିଲେ । ଶେଷରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପ୍ରମାଣ ପତ୍ର ସହ କିଛି ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ପ୍ରଧାନ ଶିକ୍ଷକ ପରିଚାଳନା କରିବା ସହ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମାଲକାନଗିରି ଜିଲ୍ଲାରେ ଜାତୀୟ ପ୍ରେସ ଦିବସ ମର୍ଯ୍ୟାଦା ପୂର୍ଣ୍ଣ ଭାବରେ ପାଳିତ




ମାଲକାନଗିରି : ଜିଲ୍ଲା ପ୍ରଶାସନ ଓ ଜିଲ୍ଲାରେ କାର୍ଯ୍ୟରତ ପ୍ରେସ ସଂସ୍ଥା ଗୁଡିକ ଦ୍ୱାରା ଉଭୟ ପୂର୍ବାହ୍ନ ଓ ଅପରାହ୍ନରେ ଜାତୀୟ ପ୍ରେସ ଦିବସକୁ ଆନୁଷ୍ଠାନିକ ଭାବେ ପାଳନ କରାଯାଇଥିଲା । ବିଶ୍ୱ ନିୟନ୍ତା । ଜଗନ୍ନାଥ ଙ୍କ ସମୀପରେ ପ୍ରଦୀପ ପ୍ରଜ୍ୱଳନ, ପୁଷ୍ପାଞ୍ଜଳି ପ୍ରଦାନ ଓ ପ୍ରାଦେଶିକ ସଙ୍ଗୀତ ସମର୍ପଣ ସହ ପ୍ରାସାସନିକ ଅଧିକାରୀ, ସମ୍ବାଦ ସରବରାହ ସଂସ୍ଥା ଗୁଡିକର ବହୁ ବରିଷ୍ଠ ବ୍ୟକ୍ତି, ନିମନ୍ତ୍ରିତ ଅତିଥି ଓ ସାମ୍ବାଦିକ / ପତ୍ରକାର ଗଣ ବହୁ ସଂଖ୍ୟାରେ ଯୋଗ ଦେଇ ଅଧୁନାତନ ଡିଜିଟାଲ ଯୁଗରେ ରାଷ୍ଟ୍ରର ଚତୁର୍ଥ ସ୍ତମ୍ଭ ଭାବରେ ସ୍ୱାସ୍ଥ୍ୟକର ସମ୍ବାଦ ପରିବେଷଣ ଓ ତାର ବିଶ୍ୱସନୀୟତା ର ସଂରକ୍ଷଣ ଉପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯୁକ୍ତ ଆଲୋଚନା କରିଥଲେ । ଏହି ଦିବସର ଅବ୍ୟବହିତ ପୂର୍ବରୁ ଏଥିନିମନ୍ତେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ମାନଙ୍କର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଂକ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜିଲ୍ଲାର ବହୁ ବୁଦ୍ଧିଜୀବୀ ଓ ନିମନ୍ତ୍ରିତ ଅତିଥି ଏଥିରେ ସକ୍ରିୟ ଭାବେ ଯୋଗଦାନ କରିଥିଲେ । ଆୟୋଜିତ ଏହି ଉତ୍ସବରେ ଜଳପାନ ଓ ଖାଦ୍ୟ ପରିଶେଷଣ ସହ ଉତ୍କୃଷ୍ଟ ଶୈଳୀରେ ମନୋରଞ୍ଜନ ପୂର୍ଣ୍ଣ ମଂଚ ପରିଚାଳନା କରାଯାଇଥିଲା ।

# ନେତା ପ୍ରବଳକୁ ଗାଁ ରାସ୍ତା ଦୁର୍ବଳ



ପୁରୁଷୋତମପୁର : ପୁରୁଷୋତମପୁର ବ୍ଲକ ଅନ୍ତର୍ଗତ ଆଛୁଲି ମୁଖ୍ୟ ରାସ୍ତା ଟି ମା ତାରାତାରିଣୀଙ୍କ ପୀଠକୁ ଯିବା ପାଇଁ ଏକ ମୁଖ୍ୟ ରାସ୍ତା । ବିଗତ ସରକାର ଅମଳରେ ମାଆଙ୍କ ନିକଟକୁ ଯିବା ପାଇଁ ଲୋକ ମାନେ ବାଲିରେ ସାଇକେଲ ଦ୍ୱାରା ପଶି ମନ୍ଦିରକୁ ଯାଉଥିଲେ । ବେଳେବେଳେ ଋଷିକୂଲ୍ୟା ନଦୀରେ ପାଣି ଆସିବା ସମୟରେ ଡ଼ଙ୍ଗା ସାହାଯ୍ୟରେ ଅଂଚଳବାସୀ ନଦୀ ପରା ହୋଇ ମନ୍ଦିରକୁ ଯାଉଥିଲେ ଜନସାଧାରଙ୍କ ଏପରି କଷ୍ଟକୁ ଉପଲବ୍ଧ କରି ବିଜେଡି ସରକାର ପୋଲ ନିର୍ମାଣ କରିଛନ୍ତି କିନ୍ତୁ ଦୁଃଖ ଓ ପରିତାପର ବିଷୟ ହେଲା ସେହି ରାସ୍ତାଟି ବର୍ତ୍ତମାନ ଜନସଧାରଣଙ୍କ ପାଇଂ ମରଣଯନ୍ତା ପାଲଟି ଯାଇଛି । ରାସ୍ତାଟି ବହୁଦିନ ହେଲା ମରାମତି ହୋଇପାରୁନି । ସେହି ରାସ୍ତା ଦେଇ ବହୁ ଭାରି ଜାନ ଯିବାଆସିବା କରୁଛି ଯେଉଁଥିପାଇଁ ରାସ୍ତାଟି ଆହୁରି ଦୁର୍ବଳ ହୋଇ ପଡ଼ିଲାଣି । ପରିତାପର ବିଷୟ ହେଲା ବ୍ଲକରେ ଏତେ ବଡ ବଡ ନେତା ଥାଇ ବି ରାସ୍ତାଟିକୁ ସାମାନ୍ୟ ମରାମତି କରିବା ପାଇଁ ମଧ୍ୟ ଆଗ୍ରହ ଦେଖାଉ ନାହାନ୍ତି । ଯାହାଫଳରେ ସେହି ରାସ୍ତା ଦେଇ ହଜାର ହଜାର ଲୋକ ଯିବା ଆସିବା କରିବାରେ ବହୁ ସମସ୍ୟା ସୃଷ୍ଟି ହେଉଛି । ଏହି ବ୍ଲକ ରେ ପ୍ରତିଷ୍ଠିତ ରାଜନେତା ମାନେ ପ୍ରବଳ ଅଛନ୍ତି କିନ୍ତୁ ରାସ୍ତାଟି ବହୁ ଦୁର୍ବଳ ଅବସ୍ଥାରେ ପଡି ରହିଛି । ସେଥିପାଇଁ ଅଂଚଳବାସୀ ଦୁଃଖ ପ୍ରକାଶ କରିବା ସହିତ ତୁରନ୍ତ ରାସ୍ତା ଟିକୁ ମରାମତି କରିବା ପାଇଂ ଅଂଚଳବାସୀ ଦାବି ଜଣାଇଛନ୍ତି ।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ



ଗଞ୍ଜାମ : ଭଞ୍ଜନଗର ଜଳ ସମ୍ପଦ ବିଭାଗ ଡାକ ବଙ୍ଗଳା ଠାରେ ମଙ୍ଗଳବାର ଭଞ୍ଜନଗର ବ୍ଲକ୍ ?ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍ ?ଘାଟନ କରି ପୂର୍ବ ସରକାରରେ କିଭଳି ସରକାରୀ ଯୋଜନା ବାଟମାରଣା ହେଉଥିଲା କହିବା ସହ ପୂର୍ବ ସରକାର ଉପରେ ବର୍ଷିଥିଲେ । ଚାଷୀଙ୍କ ଉନ୍ନତି ପାଇଁ ଆମ ସରକାର ଅଙ୍ଗୀକାରବଦ୍ଧ । ଆମ ଅଂଚଳର ଯୁବକ ବାହାର ରାଜ୍ୟକୁ ଦାଦନ ଖଟିବାକୁ ନଯାଇ କିଭଳି ନିଜ ଅଂଚଳରେ ସମସ୍ତ ସରକାରୀ ଯୋଜନା ସମେତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋପାଳକ କିଭଳି ଲାଭବାନ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ ।ବର୍ତ୍ତମାନ ଚାଷୀଙ୍କୁ ସର୍ବାଧିକ ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ପ୍ରଦାନ କରାଯାଉଛି । ଆଗାମୀ ଦିନରେ ତାହାକୁ ୫ କୋଟି ପର୍ଯ୍ୟନ୍ତ ବଢ଼ାଇବା ଯୋଜନା ଅଛି ବୋଲି ମନ୍ତ୍ରୀ କହିଥିଲେ । ଏଥିସହ ସେ କହିଥିଲେ ଯେ, କୃଷି କ୍ଷେତ୍ରରେ ମହିଳା ମାନଙ୍କୁ ଆଗକୁ ଆଣିବା ପାଇଁ ସେମାନଙ୍କୁ ପୁରୁଷ ଅପେକ୍ଷା ଅଧିକ ୧୦ ପ୍ରତିଶତ ଛାଡ ଦିଆଯାଉଛି । ଗାଇ ଚାଷୀଙ୍କୁ ୬୦ ଟଙ୍କା ବାନ୍ଧିଲେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିମା ପ୍ରଦାନ କରାଯାଉଛି । ଚାଷୀକୁଳ ହସିଲେ ରାଜ୍ୟ ଆଗକୁ ବଢ଼ିବ । ତେଣୁ ସେମାନଙ୍କ ବିକାଶ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଇଛି । ପୂର୍ବରୁ ବିଜେଡି ଶାସନ ସମୟରେ ନେଳିଆ ଗାମୁଛା ବାଲା ସରକାରଙ୍କ ଯୋଜନା କୁ ଲୁଟି ନେଉଥିଲେ । ପୋଲିସ ମଧ୍ୟ ନେଳିଆ ଗାମୁଛା ବାଲା ହତ୍ୟାକାରୀଙ୍କୁ ଛାଡ଼ି ଦେଉଥିଲା । ବର୍ତ୍ତମାନ ଆଉ ସେହି ସୁବିଧା ନାହିଁ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଥିଲେ । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏଥି ସହିତ କୃଷକ ଓ ବୈଜ୍ଞାନିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ମେଳାରେ ମତ୍ସ୍ୟ, ପ୍ରାଣୀସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମ ପ୍ରଦର୍ଶନୀ, ଚାଷୀ- ବିଶେଷଜ୍ଞ ଆଲୋଚନା ଚକ୍ର, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଭଞ୍ଜନଗର ବ୍ଲକର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଏହି ଅବସରରେ ଚାଷୀଙ୍କୁ ସରକାରୀ ରିହାତି ପ୍ରଦାନ ସହ ସଫଳ ଋଷୀଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ,ଜିଲ୍ଲା ମତ୍ସ୍ୟ ଅଧିକାରୀ ଭାରତ ଭୂଷଣ ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା.ଅଞ୍ଜନ କୁମାର ଦାସ,ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତି ଦେବୀ, ଘୁମୁସର ଜିଲ୍ଲା ସଭାପତି ନିଳମାଧବ ପାତ୍ର, ବ୍ଲକ ସାସଂଦ ପ୍ରତିନିଧି ରବିନ୍ଦ୍ର କୁମାର ଗୌଡ଼, ନଗର ସାସଂଦ ପ୍ରତିନିଧି ସନ୍ତୋଷ କୁମାର ତିଆଡି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।ମେଳାରେ ବ୍ଲକର ୨୨ ଟି ପଂଚାୟତର କିଛି ହାତଗଣତି ଚାଷୀ ଯୋଗ ଦେଇଥିଲେ । ପ୍ରାଣୀ ଚିକିତ୍ସା ତାଲିମ କେନ୍ଦ୍ରର ପ୍ରଶିକ୍ଷକ ସୋମ୍ୟରଞ୍ଜନ ପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଭାରପ୍ରାପ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିଶିସ୍ୱପ୍ନା ଗରନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦେଖିଲେଖ ପ୍ରତିଯୋଗିତା ଅନୁଷ୍ଠିତ




ପୁରୀ : ପୋଲିସ ହାଇସ୍କୁଲରେ ଅଷ୍ଟମ ଓ ନବମ ଶ୍ରେଣୀ ଛାତ୍ରୀ ଛାତ୍ରମାନଙ୍କ ମଧ୍ୟରେ ଟିକିତାରା ଭ୍ରାମ୍ୟମାଣ ସାହିତ୍ୟ ସଂସ୍ଥା ପକ୍ଷରୁ ଦେଖିଲେଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଅଷ୍ଟମ ଶ୍ରେଣୀର ଆଦ୍ୟାଶା ସାହୁ, ସୋନାଲୀ ସ୍ୱାଇଁ, ଆଦ୍ୟାଶା ଷଡ଼ଙ୍ଗୀ ଏବଂ ନବମ ଶ୍ରେଣୀର ରବିନାରାୟଣ ବାରିକ, ତୃପ୍ତିମୟୀ ଦାସ, ସ୍ନେହଲତା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପ୍ରମାଣପତ୍ର ଗ୍ରହଣ କରିଥିଲେ । ପ୍ରଧାନ ଶିକ୍ଷକ ଶିବରାମ ମିଶ୍ରଙ୍କ ନିର୍ଦ୍ଦେଶନାରେ ଦେବବ୍ରତ ବେଦମତା, ପ୍ରଭାତ କୁମାର ଦାଶ, ନିର୍ମଳା ଫତେସିଂହ, ହିରଣ୍ମୟୀ ସେଠୀ, ରଞ୍ଜନ କୁମାର ଷଡଙ୍ଗୀ, ଅନିମା ତ୍ରିପାଠୀ, କ୍ରିଷ୍ଣା କୁମାରୀ ପରିଡ଼ା, ସଞ୍ଜୀବତୀ ପରିଡା, ସ୍ମୃତି ସଙ୍ଗୀତା ପ୍ରଧାନ, ଗୀତାଞ୍ଜଳି ଦେବୀ, କବିଚନ୍ଦ୍ର ପ୍ରଧାନ ଏବଂ ମହେନ୍ଦ୍ର କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ଟିକିତାରାର ସମ୍ପାଦକ ବିପିନ ବିହାରୀ ଦଳାଇ ଏ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ ।

# ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ ସାମଗ୍ରୀ ଓ ଉପକରଣ ବଂଟନ




ସେମିଳିଗୁଡ଼ା : ସେମିଳିଗୁଡା ସ୍ଥିତ ରମା ପଡାଲ ଫାଉଣ୍ଡେସନ ତରଫରୁ ଅସହାୟ ଲୋକ ମାନଙ୍କୁ କମ୍ବଳ ଓ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟ ସାମଗ୍ରୀ ବଂଟନ କରାଯାଇଛି । ରମା ପଡାଲ ଫାଉଣ୍ଡେସନର ଅଧକ୍ଷା ଡ. ରଜନୀ ପଡାଲଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ପଟାଙ୍ଗି ବ୍ଲକସ୍ଥିତ ପୁକାଲି ଗ୍ରାମର ରେଲି ସାହିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅସହାୟ ମାନଙ୍କୁ କମ୍ବଳ ବଂଟନ କରିଥିଲେ ଓ ସେହି ଗ୍ରାମରେ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ସ୍କୁଲ ବ୍ୟାଗ ପ୍ରଦାନ କରି ଭଲ ପାଠ ପଢିବା ଓ ଭଲ ଲୋକ ହେବାପାଇଁ ପରାମର୍ଶ ଦେଇଥିଲେ । ସେହିପରି ଏହି ସଂସ୍ଥା ଦ୍ୱାରା ଶିଶୁ ଦିବସ ଉପଲକ୍ଷେ ସେମିଳିଗୁଡା ବ୍ଲକର ପୁଟସିଲ ବିଦ୍ୟାଳୟରେ ଡ. ରଜନୀ ପଡାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ରୀମତୀ ପିୟମ୍ବଦା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ପାଠ୍ୟ ଉପକରଣ ବଂଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରମା ପଡାଲ ଫାଉଣ୍ଡେସନ ସମ୍ପାଦକ ଡ. ପ୍ରଦୀପ କୁମାର ବେହେରା, ସଦା ମୁଦୁଲି, ମହେଶ୍ୱର ଜାନୀ, ଘନଶ୍ୟାମ ଜାନୀ, ସୂରଜ ପଡାଲ, ସୁଶ୍ରୀ ପ୍ରଭାତୀ, ପ୍ରସାଦ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଟିଆପାର, ଚକଡିପଦର, ହଳଦୀବାଡ ଗ୍ରାମର ପିଲାମାନଙ୍କୁ ବିଭିନ୍ନ ସାମଗ୍ରୀ ବଂଟନ କରିଥିଲେ । ପୂର୍ବତନ ବିଧାୟକ ରଘୁରାମ ପଡାଲ ରମା ପଡାଲ ଫାଉଣ୍ଡେସନ କାର୍ଯ୍ୟକ୍ରମକୁ ପ୍ରଶଂସା କରି ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି କାମନା କରିଥିଲେ ।

## ସମ୍ପାଦକୀୟ

# ଭୋଜନରେ ତାମସିକ ଭାବ ଶୂନ୍ୟ

ଧର୍ମୀୟ ଅପରାଧ ଜାତି ଭାଇରେ ଅପରାଧ, ସାମାଜିକ ଅପରାଧ ଏସବୁରୁ ଦଣ୍ଡ ଓ ତାର ମୁକ୍ତି ପାଇଁ ଲୋକଚାରରେ ଅନେକ ବିଧାନ ପୂର୍ବେ ବଳବତ୍ତର ଥିଲା । ଏଥିରେ ସମ୍ପୃକ୍ତ ଅପରାଧି ପୁଣି ଧର୍ମ ପରମ୍ପରା ଜାତି ଭାଇ ପରମ୍ପରା ସାମାଜିକ ପରମ୍ପରାରେ ମିଶି ଯିବା ପାଇଁ ତାକୁ କିଛି ସମାଜ ରକ୍ଷକ ମୁରବୀ ଓ ଜାତି ଭାଇଙ୍କୁ ଏକାଠି କରି କ୍ଷମା ମାଗିବାକୁ ପଡ଼େ । କ୍ଷମା ଖାଲି ମାଗିବାକୁ ହୁଏ ନାହିଁ ପଂକ୍ତି ଭୋଜନରେ ଆପ୍ୟାୟିତ କରିବାକୁ ହୁଏ । ଏମିତି ବିବାହ, ସନ୍ତାନ ଜନ୍ମ ମୃତାନ୍ନରେ ବି ପଂକ୍ତି ଭୋଜନର ବ୍ୟବସ୍ଥା କରାଯାଏ । ଏ ପାଇଁ ଛାମୁଡ଼ିଆର ବ୍ୟବସ୍ଥା କରାଯାଏ । ରାଜା ରାଜୁଡ଼ାଙ୍କର ସବୁଠିକ ମାଷ୍ଟର ଇଜ ଅଲୁଏଜ କରେକ୍ଟ ଅତଏବ ଏହା ଅସିମିତ ପ୍ରଜା ଏମାନଙ୍କ ପାଇଁ ଛାମୁଡ଼ିଆ ବାନ୍ଧିବା ହୁଏ ନାହିଁ । ଏହାଙ୍କ ପାଇଁ ଅସ୍ଥାୟୀ ଭୋଜନ ମଣ୍ଡପ କପଡ଼ା କନାରେ ସଜା ଯାଇଥାଏ । କେହି କେହି ଚାନ୍ଦୁଆ ଚନ୍ଦ୍ରାତପ ଛାୟା କରିଥାନ୍ତି । ବର୍ଷା ଦିନେ କ୍ୟାନଭାସ ଟାଙ୍ଗି ଏ କାର୍ଯ୍ୟ କରାଯାଉଛି ତଥାପି ବିବାହ ବେଦୀରେ ଛାମୁଡ଼ିଆ ସଂସ୍କୃତି ବ୍ରାହ୍ମଣ ଓ କ୍ଷତ୍ରୀୟଙ୍କ ଜାତିରେ ଏବେ ବି ରହିଛି । କଲ୍ୟାଣ ମଣ୍ଡପରେ ବିବାହ ଅଭିନୟ ମଣ୍ଡପ ବିବାହ ପରି ବରକନ୍ୟା ଅଭିନୟ ପେଣ୍ଟିଂ ହୋଇ ଆସୁଛନ୍ତି ସମସ୍ତଙ୍କ ଘର ସାଜସଜା ବି କୃତ୍ରିମ ରାଜ ମହଲ ସାଜସଜାରେ ଏବେ ବିବାହ ବ୍ରତରେ ଝଲସୁଛି । ରାଜ ଉପଚାର ବାଜା ବାଜୁଛି ।

ବର୍ତ୍ତମାନ ଯୁଗ ସାଙ୍ଗରେ ତାଳ ଦେଇ ସମସ୍ତେ ଚାଲିଲେଣି ଦେଖା ଶିଖାରେ ଜନ ସମୁଦାୟ । ପରମ୍ପରା ଭଙ୍ଗ ହୋଇ ଆଧୁନିକ ମାନ୍ୟତାରେ ସମସ୍ତେ ବ୍ରତୀ । ରାଜପୁତ୍ର ରାଜକନ୍ୟା ବିବାହ ସବୁ ବିବାହରେ ଜଣାପଡୁଛି ପୂର୍ବର ଗରିବ ଏବେ ଗରିବ ନୁହନ୍ତି । ଚୁଡ଼ାକୁ ନେଇ ପରେ ବହୁ ପ୍ରକାର ଖାଦ୍ୟ ଯେ ହୋଇପାରେ ଏକଥା ଖାଦ୍ୟ ବିଶେଷଜ୍ଞମାନେ ବାହାର କଲେ । ପାକ ପ୍ରଣାଳୀ ଦେଖିଲେ ଏପରି ତଥ୍ୟ ମିଳିପାରିବ । ଚୁଡ଼ାଗୁଣ୍ଡରେ ଉତ୍ତମ ଖାଦ୍ୟ ପୁରୀ ଗଲାବେଳେ ବାଟରେ ଚନ୍ଦନପୁର ବଜାର ହୋଟେଲରେ ଏବେ ବି ମିଳୁଛି ଚୁଡ଼ାଗୁଣ୍ଡ ଶିଶୁ ମାନଙ୍କର ଏକ ଭୋଜ୍ୟ ଦ୍ରବ୍ୟ । ତାର ନାମ ଚୁଡ଼ା । ଏହାପଛରେ ବି କଥା ଅଛି । ବଙ୍ଗଳାରେ ଚୁଡ଼ା ଚିଡ଼ା ହିନ୍ଦୀ ଚିପିଟକ ଏହାର ଆକ୍ଷରିକ ଅର୍ଥ ଚାପି ପତଳା ନରମ କରାଯାଇଛି । ଧାନକୁ ଭିଜାଇ ଉଷେଇଁ ନରମ କରି ଢ଼ିଙ୍କିରେ ଭାଜନ କରି କୁଟିଲେ ଏପରି ଚୁଡ଼ା ଚେପା ହୋଇ ମିଳେ । ରାଜାଘର ଖାନା ଉପରେ ଏକ ଓଡ଼ିଆ ଗୀତ ଅଛି । ଏଥିରେ ଓଡ଼ିଶାର ସ୍ଥାନ ସହିତ ଏକ ଏକ ସ୍ଥାନର ବିଶେଷ ସମ୍ବନ୍ଧ ରହିଛି । ଏ ମଧ୍ୟରେ ଅଛି ଧାମନଗର ଚୁଡ଼ାର ସମ୍ବନ୍ଧ, ପ୍ରକୃତରେ ଏ ସ୍ଥାନର ଚୁଡ଼ା ଅନ୍ୟ ଠାରୁ କିଛି ଫରକର କାରଣ ଏ ଅଞ୍ଚଳରେ ଉତ୍ପାଦିତ ଜଳ ପ୍ଲାବିତ ବନ୍ୟାଞ୍ଚଳରେ ପଟୁ ମାଟିରେ ଉତ୍ପାଦିତ ଧାନ ଶଷ୍ୟ ଲବଣାକ୍ତ ସନ୍ତୁଳନର ଏ ମାଟ ଚୁଡ଼ା ପ୍ରସ୍ତୁତରେ ସହାୟକ । ରାଜାଘର ଖାନାରେ ଆହୁରୀ କେତେ ଅଞ୍ଚଳର ନାମ ଅଛି ବାରିପଦାର ଗରମ ମୁଢ଼ୀ, ଢ଼େଙ୍କାନାଳ ବରା ଏଥିରେ ବି ଭାଗୁଆଳୀ ରହିଛି । ଚୁଡ଼ା ଖାଦ୍ୟର ବିକଳ୍ପ ଏବେ କୋଇଲା ଗ୍ୟାସରେ ସମସ୍ତଙ୍କ ରୋଷେଇ ଏହାର ମହଙ୍ଗାକୁ ନିୟନ୍ତ୍ରଣ ପାଇଁ ଚୁଡ଼ାର ଜଳଖିଆ ଭୋଜନରେ କରାଯାଇପାରେ । ବହୁ ସ୍ଥାନରେ ଏ ସମୟରେ ରୁଟି ପ୍ରସ୍ତୁତ ହୋଇ ବିକ୍ରୟ ଉପଲବ୍ଧ । ପୂର୍ବେ ନାନବାଇଗେଲି ଏକ ସଂଜ୍ଞା ବା ଟାଇଟଲ ବା ଜାତି ଥିଲା । ଏମାନେ ଏପରି ରୁଟି ବା ନାନ ପ୍ରସ୍ତୁତ କରିବା ଜଣାପଡୁଥିଲା । ଏବେ ରାତ୍ରୀ ଭୋଜନର ଝାମେଲ ଅନେକ ଗୃହସ୍ଥଙ୍କୁ ରକ୍ଷା ପାଇଁ ଏମିତି ବୃତ୍ତି ସବୁ ଉପଲବ୍ଧ ହେବାରେ ଲାଗିଲାଣି । ତେବେ ଚୁଡ଼ାରେ ଏପରି ଦୋଷ କମ । ଭୋଜନରେ ତାମସିକ ଭାବ ଶୂନ୍ୟ ।

# ସିରିଆ ଅସ୍ଥିରତାର ପ୍ରଭାବ

**ସୌମେନ୍ଦ୍ର ଜେନା**

ଆମେରିକାର ଷଡଯନ୍ତ୍ରକୁ ଅନେକ ବର୍ଷ ଧରି ସାମ୍ନା କରିବା ପରେ ଶେଷରେ ଅସଦଙ୍କ ସରକାରର ପତନ ହୋଇଛି । ରାଜଧାନୀ ଦାମାସ୍କସ୍ ବିଦ୍ରୋହୀମାନଙ୍କ ହାତକୁ ଯିବା ପରେ ପରେ ସିରିଆର ଗୋଲାନ ହାଇଟ ଅଞ୍ଚଳକୁ ଇସ୍ରାଏଲ ସେନା ୫୦ବର୍ଷ ପରେ ରାଜାରାତି ଦଖଲ କରି ନେଇଛନ୍ତି । ଆରବ ବସନ୍ତର ଆନ୍ଦୋଳନ ଯାହା ୨୦୧୧ରେ ମଧ୍ୟ ପ୍ରାଚ୍ୟରେ ଆରମ୍ଭ କରି ଆମେରିକା ଅସ୍ଥିରତା ସୃଷ୍ଟିକରି ଲିବିୟାର ଗଦ୍ଦାଫି ସରକାରକୁ ଗାଦିଚ୍ୟୁତ କରିବା ସହ ଆଜିଯାଏ ଏହି କ୍ଷେତ୍ରକୁ ଅଶାନ୍ତ କରି ରଖିଛି । ଆମେରିକା ବନାମ୍ ରୁଷିଆର ସଂଘର୍ଷରେ ବିଗତ ଦିନରେ ଅନେକ ରାଷ୍ଟ୍ର ଧ୍ୱଂସର ଶିକାର ହୋଇଆସିଛନ୍ତି । ଏବେ ସିରିଆ ସେହି କ୍ରିକେଟ ଭୂମିର ଆଉ ଏକ ୱିକେଟ୍, ମାତ୍ର ଯାହାର ପତନ ଘଟିଛି । ଅଶିଦଶକରୁ ଆଫଗାନିସ୍ଥାନ, ଇରାନରୁ ଆରମ୍ଭ କରି ବର୍ତ୍ତମାନର ସୁଦାନ ସେହି ଷଡଯନ୍ତ୍ରକୁ ସାମନା କରି କ୍ଷତିଗ୍ରସ୍ତ ହୋଇଆସିଛନ୍ତି । ସୁଦାନର ବିଭାଜନ ହୋଇଥିଲାବେଳେ ଆଫଗାନିସ୍ଥାନ ନାହିଁ ନଥିବା କ୍ଷତିକୁ ସାମ୍ନା କରିଆସିଛି । ଆଗାମୀ ଦିନରେ ବଙ୍ଗଳାଦେଶ ମଧ୍ୟ ସେହିପରି ଅବସ୍ଥା ଭୋଗିବାକୁ ଯାଉଛି ।

ଏକଥା ସତ ଯେ ସିରିଆରେ ଅସଦଙ୍କ ସରକାର ଦୀର୍ଘ ୫୦ବର୍ଷରୁ ଅଧିକ କାଳ ଶାସନରେ ରହିଆସିଥିଲା । ସିରିଆର ରୁଷିଆକୁ ସମର୍ଥନ କରିବା ନୀତିକୁ ଆମେରିକା ଆଦୌ ଗ୍ରହଣ କରିପାରୁ ନଥିଲା । ବିଗତ ବର୍ଷମାନଙ୍କରେ ଆମେରିକା ଅସଦଙ୍କ ସରକାରର ପତନ ପାଇଁ ଏକ ଦୀର୍ଘସୂତ୍ରୀ ଯୋଜନା ନେଇ ଦେଶର ବିରୋଧୀ ଦଳଗୁଡ଼ିକୁ ଏବଂ ସଶସ୍ତ୍ର ଗୋଷ୍ଠୀଗୁଡ଼ିକୁ ସଂଗଠିତ କରି ଆସୁଥିଲା, ଠିକ୍ ଭାରତର 'ଇଣ୍ଡି' ଗୋଷ୍ଠୀକୁ ମୋଦୀଙ୍କ ସରକାରକୁ ହଟାଇବା ପାଇଁ ଯେମିତି ପ୍ରସ୍ତୁତ କରୁଛି । ୨୦୧୧ରୁ ସିରିଆରେ ଚାଲିଆସିଥିବା ଗୃହଯୁଦ୍ଧ ଯୋଗୁ ଅନେକ ଲୋକ ତୁର୍କୀ, ଲେବାନନ, ଜୋର୍ଡାନ ପରି ପଡୋଶୀ ରାଷ୍ଟ୍ର ଏବଂ ଜର୍ମାନୀ ପରି ୟୁରୋପର ଅନେକ ରାଷ୍ଟ୍ରରେ ଶରଣାର୍ଥୀ ଜୀବନଯାପନ କରୁଛନ୍ତି । କେବଳ ଜର୍ମାନୀରେ ପ୍ରାୟ ୧୦ଲକ୍ଷ ସିରିଆବାସୀ ରହିଥିବାର ଆକଳନ କରାଯାଉଛି । ୨୦୧୧ଠାରୁ ଆମେରିକା ଯୋଜନାରେ ଆମେରିକା, ୟୁରୋପୀୟ ସଂଘ, ସ୍ୱିଜରଲାଣ୍ଡ, ଅଷ୍ଟ୍ରେଲିଆ, କାନାଡା ଆଦି ରାଷ୍ଟ୍ର ସିରିଆ ଉପରେ କଟକଣା ଲଗାଇ ଆସିଛନ୍ତି । ତେବେ ୨୦୧୫ରେ ସିରିଆର ସରକାର ରୁଷକୁ ସନ୍ତ୍ରାସବାଦୀ ଆଇଏସ୍ ଗୋଷ୍ଠୀ ବିରୁଦ୍ଧରେ ଲଢ଼ିବା ପାଇଁ ସହାୟତା ଲୋଡିବା ପରେ ରୁଷିଆର ସରକାର ସେହି ସିରିଆର ମାମଲାରେ ସଂପୃକ୍ତ ହୋଇଥିଲେ । ଆମେରିକା ସରକାର ସିରିଆ ସରକାର ଏବଂ ଇସଲାମିକ ଷ୍ଟେଟର ବିରୋଧୀ କୁର୍ଦ୍ଦଗୋଷ୍ଠୀକୁ ସମର୍ଥନ ଦେଉଥିଲାବେଳେ ତୁର୍କୀ କୁର୍ଦ୍ଦ ଗୋଷ୍ଠୀ ବିରୁଦ୍ଧରେ ଲଢ଼ି ଆସିଛି । ସିରିଆ ରାଷ୍ଟ୍ରପତି ବସର ଅଲ-ଅସଦ୍‌ଙ୍କୁ ଇରାନ, ରୁଷିଆ, ଲେବାନନ୍‌ର ହେଜବୋଲ୍ଲା, ସିରିଆର ପାଲେଷ୍ଟାଇନ ଗୋଷ୍ଠୀ ସମର୍ଥନ କରିଆସିଛନ୍ତି । ସିରିଆର ବିରୋଧୀ ଗୋଷ୍ଠୀ ସିରିଆ ଜାତୀୟ ସାମ୍ମୁଖ୍ୟ ସପକ୍ଷରେ ସୁନ୍ନିରାଷ୍ଟ୍ର ସାଉଦି ଆରବ, କାତାର, ତୁର୍କୀ, ଆମେରିକା, ଫ୍ରାନ୍ସ ଏବଂ ବ୍ରିଟେନ ରହିଆସିଛନ୍ତି । ସନ୍ତ୍ରାସବାଦୀ ଗୋଷ୍ଠୀ ଯେପରି ଅବଦୁଲ୍ଲା ଆଜମ ସହିଦ ବ୍ରିଗେଡ, ଅଲ୍ ନୁସରା ଫ୍ରଣ୍ଟ, ଫତହ ଅଲ୍ - ଇସଲାମ ଆଦି ସିରିଆରେ ଅସଦଙ୍କୁ ବିରୋଧ କରି ଆସିଛନ୍ତି । ଆମେରିକାର ଅସ୍ତ୍ରଶସ୍ତ୍ର ସିରିଆର ସନ୍ତ୍ରାସବାଦୀଙ୍କ ହାତକୁ ଯାଇଥିବା କଥା ୨୦୧୨ ଅକ୍ଟୋବରରେ ଆମେରିକା ସରକାର ସ୍ୱୀକାର କରିଥିଲେ । ଉତ୍ତର ରୁଷିଆର ଚେଚେନ୍ ବିଦ୍ରୋହୀଙ୍କୁ ଆଇଏସ୍ ଗୋଷ୍ଠୀ ନିଯୁକ୍ତ କରିଥିବା ବିଷୟ ଜୁଲାଇ ୨୦୧୬ରେ ପ୍ରକାଶ ପାଇଥିଲା । ୧୯୭୩ରୁ ୨୦୧୭ ପର୍ଯ୍ୟନ୍ତ ଇସ୍ରାଏଲର ସେନା ସିରିଆ ମାମଲାରୁ ଦୂରେଇ ରହିଥିଲେ ବୋଲି କୁହାଗଲେ ମଧ୍ୟ ସିରିଆରେ ଇରାନ ସମର୍ଥିତ ହେଜବୋଲ୍ଲାର ଉପସ୍ଥିତି ଇସ୍ରାଏଲ ସେନାକୁ ଚିନ୍ତାରେ ପକାଇଥିଲା । କିନ୍ତୁ ଡିସେମ୍ବର ୨୦୧୭ରେ ଇସ୍ରାଏଲୀ ବାୟୁସେନା ୧୦୦ଥର ସିରିଆରେ ଆକ୍ରମଣ କରିଥିବା କଥା ସ୍ୱୀକାର କରିଥିଲେ ।

ସିରିଆରେ ସରକାର ସମର୍ଥକ ଏବଂ ବିଦ୍ରୋହୀ ସନ୍ତ୍ରାସବାଦୀଙ୍କ ସମର୍ଥକ ଲେବାନନ୍ ମଧ୍ୟରେ ପରସ୍ପର ସହ ସଂଘର୍ଷ କରିବା ଦେଖାଯାଇଛି । କାରଣ ଅସଦ ସିହା ଗୋଷ୍ଠୀର ସମର୍ଥନ ଲାଭ କରିଥିବା ବେଳେ ସୁନ୍ନିଗୋଷ୍ଠୀ ଅସଦଙ୍କୁ ବିରୋଧ କରିଆସୁଥିଲେ । କିନ୍ତୁ ୧୫ଲକ୍ଷ ସିରିଆ ଶରଣାର୍ଥୀ ଲେବାନନ୍‌ରେ ରହୁଥିବା ହେତୁ ସେଠାରେ ସିରିଆର ଉତ୍ତେଜନା ଦେଖାଦେବା ସ୍ୱାଭାବିକ ।

ସିରିଆ ମାମଲାରେ ଆମେରିକାର ଭୂମିକା ଦୋ'ମୁଣ୍ଡିଆ ସାପ ସଦୃଶ । ଗୋଟିଏ ପଟେ ଏହା ୧୯୭୯ରୁ ସିରିଆକୁ ସନ୍ତ୍ରାସବାଦୀ ଗୋଷ୍ଠୀର ସମର୍ଥକ କହି ବିରୋଧ କରି ଆସୁଥିଲାବେଳେ ୨୦୨୪ରେ ଖୋଦ୍ ଆମେରିକା ସିରିଆର ସନ୍ତ୍ରାସବାଦୀ ଗୋଷ୍ଠୀର ସମର୍ଥକ ହୋଇ ଛିଡା ହୋଇଛି । ଏଥିରୁ ଆମେରିକାର ବିଦେଶ ନୀତି ବୋଲି କିଛି ଥିବା ଜଣାଯାଏ ନାହିଁ, ଯାହା କେବଳ ସୁବିଧା ଓ ସ୍ୱାର୍ଥ ଆଧାରରେ ଚାଲିଥିବା ଜାଣି ହେବ। ଆମେରିକାର ଏହି ଧୂର୍ତ୍ତାମିଯୋଗୁ ସାରା ବିଶ୍ୱରେ ଆମେରିକାରୁ ଘୃଣା କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଦେଖାଯାଉଛି ।

ଫଳରେ ସିରିଆ ଅନେକ ଦେଶପାଇଁ ଯୁଦ୍ଧର କ୍ରୀଡାଙ୍ଗନ ହେବା ଯୋଗୁ ଗତ ୧୪ବର୍ଷରେ ପ୍ରାୟ ୭ଲକ୍ଷ ଲୋକଙ୍କ ପ୍ରାଣହାନୀ ହୋଇଛି । ହୟାତ ତହରିର ଅଲ୍ ସାମ୍ (ଏଚ.ଟି.ଏସ) ଗୋଷ୍ଠୀ ହାତରେ ଏବେ ସିରିଆର ଶାସନ ପଡିବାକୁ ଯାଉଥିବା ସମୟରେ ଏହି ଗୋଷ୍ଠୀର ସହଯୋଗୀ ଅଲ୍-କାୟଦା ପୁଣିଥରେ ଶକ୍ତିଶାଳୀ ହେବାକୁ ଯାଉଛି । ଏହା ହେଲେ ସିରିଆରେ ଗୃହଯୁଦ୍ଧର ସମାପ୍ତି ହୋଇପାରେ । ମାତ୍ର ସମ୍ମୁଖ ଯୁଦ୍ଧ ନୁହେଁ, କାରଣ ନିଜ ପଡୋଶୀ ରାଷ୍ଟ୍ରରେ କୌଣସି ଏକ ସନ୍ତ୍ରାସବାଦୀ ଗୋଷ୍ଠୀର ଶାସନକୁ ଇସ୍ରାଏଲ ଗ୍ରହଣ କରିବ ନାହିଁ । ଗୋଲାନ ହାଇଟର ଅଞ୍ଚଳରେ ଇସ୍ରାଏଲର ସ୍ଥଳସେନା ପ୍ରବେଶ କରି ସେହି ଅଞ୍ଚଳକୁ ନିଜ ଦଖଲକୁ ନେବା ପରେ ସିରିଆର ଅନ୍ୟାନ୍ୟ ଅଞ୍ଚଳକୁ ଦଖଲକୁ ନେବାର ସମ୍ଭାବନା ରହିଛି । ନିଜ ସୀମାନ୍ତରେ ସନ୍ତ୍ରାସବାଦୀ ଗୋଷ୍ଠୀ ବିରୁଦ୍ଧରେ ଲଢୁଥିବା ଇସ୍ରାଏଲର ଟାର୍ଗେଟରେ ସିରିଆର ସନ୍ତ୍ରାସବାଦୀ ରହିବେ ଏବଂ ଆଗାମୀ ଦିନରେ ଟ୍ରମ୍ପ ସରକାର ଆମେରିକାରେ କ୍ଷମତାକୁ ଆସିବାପରେ ଏହି ଆକ୍ରମଣ ଅଧିକ ଭୟଙ୍କର ହେବ । କାରଣ ଟ୍ରମ୍ପ ମୂଳରୁ ଅଲ-କାୟଦା ଏବଂ ଆଇଏସ୍ ପରି ଗୋଷ୍ଠୀର ପ୍ରବଳ ବିରୋଧୀ ରହିଆସିଛନ୍ତି । ହୁଥୀ, ହମାସ, ହେଜବୋଲ୍ଲା ଗୋଷ୍ଠୀ ବିରୁଦ୍ଧରେ ଲଢୁଥିବା ଇସ୍ରାଏଲର ଲକ୍ଷ୍ୟ ହେବ ସିରିଆରୁ ସନ୍ତ୍ରାସୀଙ୍କୁ ହଟାଇବା । ଏହି ପ୍ରକ୍ରିୟାରେ ଗାଜା ପରି ବୋମାମାଡ କରି ଇସ୍ରାଏଲ ସିରିଆର କୋଠାବାଡିକୁ ମାଡକଲେ ଶ୍ମଶାନରେ ପରିଣତ ହେବା ସାର ହେବ । ସିରିଆର ସୁନ୍ନି ପ୍ରଧାନ୍ୟଥିବା ହୟାତ୍ ଗୋଷ୍ଠୀକୁ ସିହା ପ୍ରାଧାନ୍ୟଥିବା ହେଜବୋଲ୍ଲା ବିରୋଧ କରୁଥିବା ହେତୁ ଆକାଶମାର୍ଗରୁ ଆମେରିକା- ଇସ୍ରାଏଲ ଏବଂ ତଳେ ହେଜବୋଲ୍ଲା ଗୋଷ୍ଠୀ ହୟାତ୍‌ର ବିରୁଦ୍ଧରେ ଯୁଦ୍ଧ କଲେ ସ୍ଥିତି ଅଧିକ ସଙ୍ଗୀନ ହେବ ଏଥିରେ ସନ୍ଦେହ ନାହିଁ । ନିଜର ପରିସୀମାକୁ ବଦଳାଇବାକୁ ଚାହୁଁଥିବା ଇସ୍ରାଏଲ ପାଇଁ ଏହା ଏକ ସୁଯୋଗ ସୃଷ୍ଟି କରିଛି । ସିରିଆର ଦୁର୍ବଳ ନେତୃତ୍ୱର ଫାଇଦା ଉଠାଇ ଅଧିକ ଅଞ୍ଚଳକୁ ଇସ୍ରାଏଲ ନିଜ ହାତକୁ ନେବାଲାଗି ଚେଷ୍ଟା କରିବ । ତେଣେ ମସ୍କୋରେ ଆଶ୍ରୟ ନେଇଥିବା ଅସଦ୍ ମଧ୍ୟ ୟୁକ୍ରେନ ସମସ୍ୟାର ସମାଧାନ ପରେ ରୁଷିଆର ସହାୟତାରେ ପୁନର୍ବାର କ୍ଷମତା ଦଖଲ କରିବାକୁ ଚାହିଁବେ । ସେ ପରିସ୍ଥିତିରେ ଷଣ୍ଢ଼ଆସୀ ଆକ୍ରମଣ ବେଳେ ସନ୍ତ୍ରାସବାଦୀ ଗୋଷ୍ଠୀ କିପରି ସାମ୍ନା କରିବେ ତାହା ହେବ ବଡକଥା । ଏହି ସୁଯୋଗରେ ପୂର୍ବରୁ ତୁର୍କୀ ଯେପରି କିଛି ଅଞ୍ଚଳ ସିରିଆର ହାତରୁ ନିଜ ପକ୍ଷକୁ ନେଇଛି । ସେମିତି ଅଧିକ ଅଞ୍ଚଳକୁ ଦଖଲ କରିବାକୁ ଚାହିଁବ । ତେଣୁ ସିରିଆରୁ ବସିରଙ୍କ ସରକାର ହଟିଲେ ମଧ୍ୟ ଅଶାନ୍ତି ହଟିବାର ସମ୍ଭାବନା ଦେଖାଯାଉନାହିଁ ବରଂ ଅଧିକ ହେବାର ସମ୍ଭାବନା ରହିଛି । ଏକଦା ମଧ୍ୟପ୍ରାଚ୍ୟର ସ୍ୱିଜରଲ୍ୟାଣ୍ଡର ମାନ୍ୟତା ଲାଭ କରିଥିବା ଲେବାନନ୍ ଆଜି ଇସଲାମୀକରଣ ପରେ ଯେପରି ଭିକାରୀ ରାଷ୍ଟ୍ର ହୋଇଛି ଆଗାମୀ ଦିନରେ ସିରିଆ ମଧ୍ୟ ସେହି ଅବସ୍ଥା ଭୋଗିବ । ତେଣୁ ଦେଖିବାକୁ ଗଲେ ସିରିଆର ପ୍ରଭାବ ମଧ୍ୟପ୍ରାଚ୍ୟର ଅନେକ ରାଷ୍ଟ୍ର ଉପରେ ପଡିବ । ଆଗାମୀ ଦିନରେ ବହୁ ଅଧିକ ଶରଣାର୍ଥି ସିରିଆରୁ ପଡୋଶୀ ରାଷ୍ଟ୍ରରେ ଶରଣ ପାଇଁ ପ୍ରବେଶ କରିବେ । ଏସବୁର ପ୍ରଭାବ ଅନ୍ୟ ରାଷ୍ଟ୍ରଗୁଡିକରେ ଅର୍ଥନୀତି ଉପରେ ପଡିବ । ମାନବ ସଂକଟ ସୃଷ୍ଟି ହେଲେ ମଧ୍ୟପ୍ରାଚ୍ୟର ରାଷ୍ଟ୍ରଗୁଡିକ ତଦ୍ୱାରା ପ୍ରଭାବିତ ହେବେ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

**ଅକ୍ଷୟ କୁମାର ରାଉତ**




ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ । ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ । ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ । ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଆରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ । ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି । ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ । ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି । ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି ।

ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ । ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି । ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ ।

ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା । ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା । ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ । ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରୀତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା । ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ । ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ । ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ । ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍‌ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ । ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ । ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୁ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ । ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ । ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା । ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ । ତାଙ୍କ ନିରବଚ୍ଛିନ୍ନ ଅଧବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ । ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ । ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ । ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ । ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ । ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର' ।

ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ରଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ କେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା । ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ ।

'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା । ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ । ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ । ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ । ତେଣୁ ତାଙ୍କ ନାମ ହେଲା 'ମହାମହୋପାଧାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ । ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି ।

*ପାରାଦ୍ୱୀପଗଡ଼*
*ମୋ: ୯୯୩୭୬୯୧୪୭୫*

ପ୍ରଥମ ପ୍ରକାଶିତ
କ୍ଷେତ୍ରତରଙ୍ଗ ତୀର୍ଥକ୍ଷେତ୍ର ୬୭୨
TEERTHKHETRA
ODIA DAILY ଓଡ଼ିଆ ଦୈନିକ ଖବରକାଗଜ

## କହରେ କାଳିଆ, ତୁ ସୁଖୀ ନା ମୁଁ ସୁଖୀ

( ଶିଶୁ ସଙ୍ଗୀତ )

**ବୀରକିଶୋର ନାୟକ**

ଚକାଡୋଳିଆରେ ଜଗା କାଳିଆରେ
ବଡ଼ଦେଉଳେ ବସିଛୁ ,
ଶୁଣିଛି ତୁ କାଳେ ଭାରି ବଡ଼ଲୋକ
ମୋଠାରୁ ସୁଖେ କି ଅଛୁ
ବଡ଼ଦେଉଳେ ବସିଛୁ ।।୦॥
ପାଖେ ପାଖେ ମୋର ମୋ ବାପାବୋଉ
ରହିଛନ୍ତି ସଦାବେଳେ ,
ନିଦ ଆସିଗଲେ ରାତିରେ ମୁଁ ନିତି
ଶୁଅଇ ମୋ ବୋଉ କୋଳେ ।
ତୋ ବୋଉ ତୋ ପାଖେ ଅଛିକିରେ କହ
କେମିତି ନିଦେ ଶୋଉଛୁ
ମୋଠାରୁ ସୁଖେ କି ଅଛୁ ।।୧॥

ଯେବେ ଯାହା ଅଳି ଅଝଟ କରେ ମୁଁ
ବୋଉ ମୋ ମତେ ବୁଝାଏ,
ଯାହାବା ମାଗିଲେ ତା ପାଖେ ନଥିଲେ
କେଉଁଠୁ ବି ଆଣି ଦିଏ ।
ତୋ ମନର କଥା ଯାହା ଯେବେଲୋଡ଼ା
କାହାକୁ ତୁ କହୁଅଛୁ
ମୋଠାରୁ ସୁଖେ କି ଅଛୁ ।।୨॥
ବୋଉ ମୋର ତୋତେ ନିତି ଡାକୁଅଛି
ଆସୁନୁ ତୁ କାହିଁପାଇଁ ,
ମିଛ କହୁନିରେ ତୋପାଇଁ ତାହାର
ଆଖିରୁ ଲୁହ ଗଡଇ ।
ତୁ' ଜମା ଭଲ ନୋହୁରେ କାଳିଆ
ମୋ ବୋଉକୁ କନ୍ଦାଉଛୁ
ମୋଠାରୁ ସୁଖେ କି ଅଛୁ ।।୩॥
---- ୦ ----
ମୋ: ୯୪୩୭୧୬୫୫୨୯

## ପ୍ରାଣପ୍ରିୟା

**ସୁଜିତ୍ କୁମାର ମିଶ୍ର**

ଝରଝର ସମ ନିର୍ଝରିଣୀ ସିଏ
ବହୁଥାଏ ପୁଣ୍ୟ ଚିତ୍ତେ,
ପ୍ରଜ୍ଜ୍ୱଳିତଦୀପ ପରାଣ ହସ ତା
ପୁଲକିତ ପ୍ରେମସ୍ରୋତେ ।
ସଲିଳ ପରାଏ ନିମ୍ନଗା ସଧିରା
ସମ୍ମୋହିତ ଶ୍ରଦ୍ଧାଫୁଲ,
ସୂର୍ଯ୍ୟମୁଖୀ ସେହି ସମ୍ଭାବନା ନଇ
ସତ୍ୟତାର ଶତଦଳ ।

ଅନ୍ତର ଲଳିତ ପଦୁଅଁ ରାଗର
ଅସରନ୍ତି ମିଠାଭାବ,
ଅନିନ୍ଦ୍ୟ ସୁନ୍ଦରୀ ନିରହଂକାରୀ ସେ
ଅନୁପମ ବଇଭବ ।
ଏକ ଅଭିନ୍ନ ସେ ଗାଆଁର କନିଆଁ
ଅନୁରାଗ ଉଚ୍ଚାରଣ,
ଶରତ ଆକାଶ ପୂର୍ଣ୍ଣିମା ଇନ୍ଦୁ ସେ
ଇନ୍ଦ୍ରଧନୁ ମନକୋଣ ।

ସହଣୀର ଭୂଇଁ ପ୍ରୀତି ନୀଳକଇଁ
ଶ୍ରଦ୍ଧାଶିଳା ସୁନୟନା,
ପ୍ରଣୟ ବିଧୁରା ତପସ୍ୱିନୀ ସିଏ
ପ୍ରାଣପ୍ରିୟା ଆନମନା ।
ଶ୍ରାବଣର ଗୀତ ସରାଗେ ଝଂକୃତ
ବଇଶାଖେ ଅବିରତ,
ସୁନୀଳ ଆକାଶେ ପକ୍ଷୀର ଉଡାଣ
ସୁଦୂରରୁ ସୁଶୋଭିତ ।

ତଲ୍ଲୀନ ତନ୍ମୟ ସୌମ୍ୟା ତନୁପ୍ରିୟା
ତମସାରେ ଜ୍ୟୋତିଝର,
ସୁଭାବ ସୁନ୍ଦରୀ ଚିର ସୁଖଶିରୀ
ସ୍ନିଗ୍ଧ ଚିନ୍ତନର ସ୍ୱର ।
ବିରହିଣୀ ସିଏ ବାତୁଳୀ ପ୍ରେମିକା
ବିଶ୍ୱାସର ବଂଶୀସ୍ୱନ,
ଦୀର୍ଘ ପ୍ରତୀକ୍ଷାର ଦରଦୀ ବର୍ଷା ସେ
ଦିବାନିଶି ଦିବ୍ୟଧନ ।

କୂଳ ମଣ୍ଡନା ସେ ଅନିନ୍ଦ୍ୟ ଲଳିତା
ଶତରୂପା କମଳିନୀ,
ନୀରବ ସରସୀ ଭିଜାଭିଜା ଢେଉ
ନିମଜ୍ଜିତ ନିର୍ଝରିଣୀ ।
ମନ ବୀଣା ତାରେ ମହନୀୟା ସୁରେ
ମଧୁର ମଉନ ରାଗ,
ବିମୋହିତା ସିଏ ବିରାଙ୍ଗନାଟିଏ
ବିହ୍ୱଳିତ ବଇଭବ ।

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଗର୍ବ ବନାମ ଅହଂକାର

**ରତିନାରାୟଣ ରାଉତ**

ସୃଷ୍ଟି ମଧ୍ୟେ ସାର ମାନବ ଜୀବନ
ଅଟେ ଅତିବ ମହାନ
ଅନେକ ଗୁଣର ଅଧିପତି ସେହି
ଭଗବାନଙ୍କ ଭିଆଣ ॥୧॥
ତା ମଧ୍ୟରେ ଦୁଇ ଗର୍ବ ଅହଂକାର
ଦୁଇ ପଥ ମନୁଷ୍ୟର
ଅହଂକାର ଅଟେ ଶରୀର ଚିତ୍କାର
ଗର୍ବଟି ସ୍ୱର ଆତ୍ମାର ॥୨॥
ଗର୍ବ ସ୍ୱାଭିମାନ ଉତ୍ସାହ ମହିମା
ସେହି ଆତ୍ମବିଶ୍ୱାସର
ସତ୍ୟ ସକରାତ୍ମ ସାଧନା ଗୁଣର
ନିଜ ଆତ୍ମ ସମ୍ମାନର ॥୩॥
ସଫଳତା କଳା ସଂସ୍କୃତି ଉନ୍ନତି
ସମ୍ମାନ ଅନୁଭୁତିର
ନିଜ ଜାତି ଭାଷା ଦେଶ ପରମ୍ପରା
ଗୌରବ ସେବା ସତ୍ୟର ॥୪॥
ଗର୍ବ ଟି ଆଲୋକ ଗର୍ବ ଗୀତା ଜ୍ଞାନ
ଗର୍ବ ନମ୍ରତା ଜ୍ଞାନର
ଜ୍ଞାନ ଶୂନ୍ୟ ହେଲେ ହୃଦ ଅଭିମାନେ
ଜନମେ ଅହଂକାରର ॥୫॥
ଅହଂକାର ଭ୍ରମ ଅଜ୍ଞାନ ସେ ଅନ୍ଧ
କାରଣ ସେ ପତନର
ଅନ୍ୟର ମୂଲ୍ୟକୁ ବୁଝେ ନାହିଁ ସିଏ
ଅନ୍ଧ ଦାସ ସେ ମୋହର ॥୬॥
ପତନ ବିନାଶ ସଂଘର୍ଷର ମୂଳ
ଦାସ ସେ'ମୁଁ' ରାକ୍ଷସର
ଦିଏ ଅପମାନ ନିକୃଷ୍ଟ ଭାବନା
ରାଜା ସେହି ଦୁର୍ଗୁଣର ॥୭॥
ଶ୍ରୀରାମ ଧର୍ମର ଗର୍ବର ପ୍ରତିକ
ସୀତା ସହନ ଗୁଣର
କର୍ଣ୍ଣ ଦୁର୍ଯ୍ୟୋଧନ ରାବଣ ବିନାଶ
ଦାସ ସେ ଅହଂକାରର ॥୮॥
ଅତି ଗର୍ବ ମଧ୍ୟ ହୁଏ ଅହଂକାରୀ
ଅଛି ଟି ଆମ ଶାସ୍ତ୍ରର
ଅହଂକାର ଆଉ ଅତିରିକ୍ତ ଗର୍ବ
ହ୍ରାସ କରିବା ନିଜର ॥୯॥
ଧ୍ୟାନ,ସଂଜ୍ଞମତା,ବିଚାର ସମୀକ୍ଷା
ତତ୍ତ୍ୱ ଶାନ୍ତି ସମ୍ପର୍କର
ନିଜ ଆଚରଣ ନିଜ ଦୃଷ୍ଟିକୋଣ
ସାର ସକରାତ୍ମକର ॥୧୦॥

ବଳରାମପୁର,କେନ୍ଦୁଝର

## ଜାତୀୟ ଶିକ୍ଷା ଦିବସ

11 Nov.::National Education Day

( କବି ଶ୍ରୀ ଶମ୍ଭୁନାଥ ଦାସ, ଯାଜପୁର )

ଲେଖା-ପଢ଼ା ଜ୍ଞାନ ଅଟଇ ମାନବ
ଜୀବନ ଅଂଶ-ବିଶେଷ,
ସାକ୍ଷରତା ବିନା ଜୀବନେ ଶୂନ୍ୟତା
ପ୍ରତିକ୍ଷଣେ ଅବସୋସ ।

ଶିକ୍ଷା ଜୀବନର ଆଲୋକ ବର୍ତ୍ତିକା
ଚାଲିଚଳନ ସଂସାର,
ଦେଶ ସମ୍ବିଧାନେ ଶୁଭ ପ୍ରଚଳିତ
ଶିକ୍ଷାଗତ ଅଧିକାର ।

ଯେଉଁ ଦେଶେ ଶିକ୍ଷା ସାହିତ୍ୟ ସଂସ୍କୃତି
ଯେତେଦୂର ବିକଶିତ,
ସେହି ଦେଶ ସର୍ବ ସୁଖ ସମୃଦ୍ଧିରେ
ସେତେଦୂର ହିଁ ଉନ୍ନତ ।

ଶିକ୍ଷା-ଦୀକ୍ଷା ଜ୍ଞାନ ବୁଦ୍ଧି ବଳେ ସିନା
ସଂସାର ହୁଏ ସରସ,
ଜ୍ଞାନୀ-ମାନୀ ଜନ ଜାତି କର୍ଣ୍ଣଧାର
ବ୍ୟକ୍ତିତ୍ୱ ସଦା ହରଷ ।

ଅବୁଲ କାଲାମ ଆଜାଦ ପ୍ରଥମ
ଶିକ୍ଷାମନ୍ତ୍ରୀ ଭାରତର,
ଜନ୍ମ ଅଠର ଶ' ଅଠାଅଶି ସାଲ
ନଭେମ୍ବରର ଏଗାର ।

ନଭେମ୍ବର ମାସ ଏଗାର ତାରିଖ
ଜାତୀୟ ଶିକ୍ଷା ଦିବସ,
ମହାନ ବ୍ୟକ୍ତିତ୍ୱ ପ୍ରତି ଶ୍ରଦ୍ଧାଞ୍ଜଳି
ଜଣାଏ ଭାରତ ଦେଶ ।

ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ
ବିକଶିତ ହେଉ ଦେଶ,
ଶାନ୍ତି ପ୍ରୀତି ମୈତ୍ରୀ ମହକିତ ହେଉ
ଭାଳେ ଶମ୍ଭୁନାଥ ଦାସ ॥

## ଶୀତ ସକାଳ

**ରାଧାରାଣୀ ପଟ୍ଟନାୟକ**

ସୂରୁଜ ଉଅଁନ୍ତି ଥିରିଥିରି ପରା
ସୁନେଲି କିରଣ ଧରି
ସାରା ପୃଥିବୀଟା ଝଟକି ଉଠଇ
ସକାଳ ଆସଇ ଫେରି ।
କାହିଁ ଚାଲିଯାଏ ଘନ ଅନ୍ଧକାର
ଆଲୋକେ ଝଟକେ ଧରା
ଦଳ ଦଳ ପକ୍ଷୀ ଗଗନେ ଉଡନ୍ତି
ପାଇଣ କଅଁଳ ଖରା ।
ଋତୁ ଚକ୍ରେ ଶୀତ ହୁଏ ଶିହରିତ
ଛୁଇଁ ଯାଏ ଦେହ ମନ
ଥରିଉଠେ ଦେହ ଶିଶିର ଟୋପାରେ
ଶୀତେ ପ୍ରବାହିତ ମନ ।
ଗାଁ ମୁଣ୍ଡେ କ୍ଷେତ ଶୋରିଷ ଫୁଲରେ
ଦିଶେ କେଡେ ମନୋହର
କଅଁଳ ଖରାରେ ସାଙ୍ଗ ସାଥିଏ
ଖୋଲନ୍ତି ଗପ ଆସର ।
କାକରରେ ଭିଜି ଚାଷୀ ଗୀତେ ମଜି
ଧାଉଁ ଥାଏ ତାର କ୍ଷେତ
ଚତୁର୍ଦ୍ଦିଗେ ଫୁଲ ମହକ ଛୁଟାଏ
ଚୋରି ହୋଇ ଯାଏ ଚିତ ।
କମ୍ବଳ ଘୋଡାଇ ନିଆଁ ତାପି ହୋଇ
ଜମା ହୋଇ ଥାନ୍ତି ଲୋକେ
ଶୀତ ବସ୍ତ୍ର ପିନ୍ଧି ଦେହକୁ ଘୋଡାଇ
ଜଣକୁ ଆରକେ ଡାକେ
ଏଇ ଶୀତ ଦେଖି ମୋ ଅତୀତ କଥା
ସବୁ ସ୍ମୃତି ଆସେ ମନେ
ସକାଳ ସୂର୍ଯ୍ୟର ପହିଲି ଖରାରେ
ଦିଶି ଯାଏ ସବୁ ଧ୍ୟାନେ ॥

## ଭାସି ଯା'ରେ ଭାସି ଯା

**ଗୀତିକାର... ଡକ୍ଟର ଗୁରୁଗୌରବ ରବୀନ୍ଦ୍ର କୁମାର ବିଶ୍ୱାଳ**

ଭାସି ଯା'ରେ ଭାସି ଯା'
ବୋଇତ ମୋ ଭାସି ଯା'
ଆକା ମାଆ ବୈଇ ପାନ ଗୁଆ ଥୋଇ
ଗୀତି ଗାଇ ଗାଇ ଯା'
ଭାସି ଯା'ରେ ଭାସି ଯା'
ବୋଇତ ମୋ ଭାସି ଯା '
ଅରେ..ଉ ଅରେ..ଉ ଅରେ..ଉ...(୧)

ଭାସି ଭାସି ଯିବୁ ସାତ ସମୁଦର
ଭରସା ମଙ୍ଗଳା ମାଆ
ଝଡ଼ ବରଷା କୁ ନ ଥିବ ଡର ଲୋ
ସେ ପରା ହୋଇବ ସାହା
ସାଥେ ଥିବେ ପରା ସାଧବ ପୁଅରେ
ଦେଖିବ ସାରା ଦୁନିଆଁ
ଭାସି ଯା'ରେ ଭାସି ଯା'
ବୋଇତ ମୋ ଭାସି ଯା'ଅରେ...ଉ
ଅରେ..ଉ..ଅରେ..ଉ...(୧)

ବିଦେଶେ ବେପାର କରି ଫେରିବୁରେ
ଆଣିବୁ ଧନ ରତନ
ହିରା ନୀଳା ମୋତି ମାଣିକ ଦେଖିରେ
ନାଚିବ ସବୁରି ମନ
ଆମ ପରମ୍ପରା ଆମ ଐତିହ୍ୟ
ଆହେ କେଡ଼େ ମନଛୁଆଁ
ଭାସି ଯା'ରେ ଭାସି ଯା'
ବୋଇତ ମୋ ଭାସି ଯା
ଅରେ...ଉ ଅରେ...ଉଅରେ..ଓ...(୨)

ଭୁଲିବାନି କେବେ ଅତୀତର ଗାଥା
ଗାଇବା ତାହାର ଜୟ
ଓଡ଼ିଆ ଜାତିର ମାନ ରଖିଗଲେ
ଆମ ଏ ସାଧବ ପୁଅ
ଭୁଲି ଭେଦା ଭେଦ ବଢ଼ାଇବା ମାନ
ଆମେତ ସବୁ ଓଡିଆ
ଭାସି ଯା'ରେ ଭାସି ଯା'
ବୋଇତ ମୋ ଭାସି ଯା'
ଅରେ..ଉ ଅରେ..ଉ
ଅରେ..ଉ..(ଶେଷ)

ରୂପଖଣ୍ଡ, ଅଭଣା, ବାଲେଶ୍ୱର ।

## ଦୀନ ବାନ୍ଧବ ହେ

**ଭଗବାନ ଦାଶ**

ଦୀନ ବାନ୍ଧବ ହେ
ମୋତେ ତୋ ପ୍ରେମରେ ବାନ୍ଧି ଦିଅ,
ଯେବେ ଦରଶନ କରିବ ନୟନ
ସେ ନୟନେ ରହିଯାଅ ।ଘୋଷା ।
ମାୟା ମୋହ ଭରା ନିଜ ପୂର୍ବ ସ୍ଥାନ
ଫେରି ପାଇବାକୁ ନ କରୁ ଏ ମନ
ସବୁକୁ ହଜାଇ ଦିଅ ।
ନୀଳଚକ୍ରେ ବାନା ଉଡେ ଫର ଫର
ମୋ ମନୁଁ ଗରବ କରୁଁ ପରିହାର
ଚରଣେ ଶରଣ ଦିଅ ।
ପହଞ୍ଚି ପବିତ୍ର ଶ୍ରୀକ୍ଷେତ୍ର ଧାମରେ
ଥିବା ଦିନ ବିତୁ ନାମ ଭଜନରେ
ବିଷୟରୁ ମନ ନିଅ ।
ବୁଲି ବଡ଼ ଦାଣ୍ଡେ ଭୁଲେ ମୋ ସଂସାର
ମନ୍ଦିରରେ କଟୁ ସମୟ ମୋହର
ଦର୍ଶନେ ଆନନ୍ଦ ଦିଅ ।
ମହାପ୍ରସାଦକୁ ପ୍ରତିଦିନ ପାଇ
ସେବନରେ ପ୍ରାଣ ବଂାଇ ରଖାଇ
ବୈରାଗ୍ୟ ସଜାଇ ଦିଅ ।
ମନେ ବାସକଲେ ଭଜନ କୀର୍ତ୍ତନ
ଭୁଲିଯିବ ଦାସ ଭୋଜନର ଜ୍ଞାନ
ସଂସାରରୁ ମନ ନିଅ ।
ଅରଜିଲା କର୍ମଫଳର ବିଚାର
ପାଇଁକି ଏ ମନେ ନ ରହୁ ମୋ ଡର
ପ୍ରଭୁ ଆପଣାର ହୁଅ ।

ଗୁଣ୍ଡିଚା ବିହାର, ପୁରୀ
ମୋ. ନଂ. ୮୨୪୯୦୮୨୪୦୦

## ସମୟବଦଳୁଛି

**ଅକ୍ଷୟ ମହାନ୍ତି**

ଅଶ୍ଳୀଳ ଯାହାକୁ
କହୁଥିଲୁ ଆମେ
ଶ୍ଳୀଳ ହୋଇଗଲା ଆଜି
ଶାଢ଼ୀ ପିନ୍ଧୁଥିଲେ
ଗାଆଁ ଭୁଆସୁଣୀ
ମୁଣ୍ଡରେ ଓଢ଼ଣି ସାଜି ।

ଅତି ଧୀର ସ୍ୱରେ
କଥା କହୁଥିଲେ
ମୁହଁକୁ ଲୁଚାଉଥିଲେ
ଦେଢଶୁର ଆଉ
ଶଶୁରଙ୍କୁ ଦେଖି
ଆଡ ହୋଇ ଯାଉଥିଲେ ।

ଶାଶୁ ଶଶୁରଙ୍କୁ
ଘଷି ମୋଡ଼ି ଦେଇ
ଆଶୀର୍ବାଦ ନେଉଥିଲେ
ସଭିଏଁ ଶୋଇଲେ ଆମ କାଳ ବୋହୂ
ବିଛଣାକୁ ଯାଉଥିଲେ ।

ସଭିଙ୍କ ଆଗରୁ
ବିଛଣା ଛାଡ଼ି ସେ
ସ୍ନାନ କର୍ମ ସାରୁଥିଲେ
ସ୍ୱାମୀ ନଣନ୍ଦ ଓ
ଶାଶୁ ଶଶୁରଙ୍କ
କାମ ସିଏ କରୁଥିଲେ ।

ଏବେ ତ ସେ ସବୁ
ପୁରୁଣା ହେଲାଣି
ବୋହୂ ପିନ୍ଧନ୍ତିନି ଶାଢ଼ୀ
ଆଲଖାଲ ଖଣ୍ଡେ
ଗଳେଇ ପକାନ୍ତି
ଓଢଣି ଦେଲେଣି ଛାଡି ।

ଉଚ୍ଚସ୍ୱରେ ସିଏ
କଥା କହୁଛନ୍ତି
ଓଢଣି ତାଙ୍କର ନାହିଁ
ଦେଢଶୁର ଆଉ
ଶଶୁରଙ୍କ ସାଥେ
କଥା ହୋଇଥାନ୍ତି ଚାହିଁ ।

ପଦ ସ୍ପର୍ଶ କେବେ
କରନ୍ତିନି ସିଏ
ଶାଶୁ ଓ ଶଶୁରଙ୍କର
ରୋଷେଇଟା ସାରି
ଶାଶୁ ରହିଥାନ୍ତି
ଅପେକ୍ଷାରେ ବୋହୂଙ୍କର ।

ଶାଶୁ ଉଠିଥାନ୍ତି
ବୋହୂଙ୍କ ଆଗରୁ
କରିଥାନ୍ତି ଘର କାମ
ବୁଢ଼ୀ ହୋଇଲେଣି
ଏ ବୋହୂଙ୍କ ଶାଶୁ
କେତେ ଅଛି ଅବା ଦମ୍ ?

ଚମ ନୁଚୁକୁଚୁ
ଏ ଶାଶୁଗୁଡାକ
ଦେଖିବାକୁ ଅସୁନ୍ଦର
ଶାଶୁର ସମ୍ମାନ
ଦିଅନ୍ତିନି ତାଙ୍କୁ
ଛାଡି ଚାଲିଯାନ୍ତି ଘର ।

ପୁଅ ହୋଇ ଯାଏ
ସ୍ତ୍ରୀଇ ବୋଲକରା
ମୁଖୁ ବି ସ୍ଫୁରେନା ଭାଷା
ସ୍ତ୍ରୀଇ ବିରୋଧରେ
କଥା ବି କହିଲେ
କଟିଯିବ ତାର ନାଶା ।

ଶାଶୁର ଆକଟ
ବୋହୂ ପରେ ଥିଲା
ବଦଳି ଗଲାଣି ତାହା
ବୋହୂଙ୍କ ଆକଟ
ଶାଶୁଙ୍କ ଉପରେ
ଜରାଶ୍ରମକୁ ତା' ରାହା ।

ସମୟ ସାଥିରେ
ତାଳ ଦେଇ ସିନା
ସଭ୍ୟତା ବଦଳି ଯିବ
ଆଜିକାର ବୋହୂ
ଆଗାମୀ ଦିନରେ
ବୃଦ୍ଧାଶ୍ରମେ ରହିଥିବ ॥




## ହରେକୃଷ୍ଣ ପ୍ରଧାନୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଶ୍ରୀକ୍ଷେତ୍ର ସାହିତ୍ୟ ସାଂସଦ ର ୧୯୭ତମ ମାସିକ ଆସର ଓ ଅନୁଷ୍ଠାନର ସଭାପତି ହରେକୃଷ୍ଣ ପ୍ରଧାନୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ସୁଲେଖାର ସମ୍ପାଦକ ସଦାଶିବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ସାଧାରଣ ସମ୍ପାଦକ ରବୀନ୍ଦ୍ର ନାଥ ପଟ୍ଟନାୟକ ଆଭିମୁଖ୍ୟ ପ୍ରଦାନ କରିଥିଲେ ଆଲୋକ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଓ ଶିବସୁନ୍ଦର ମିଶ୍ର, ପଣ୍ଡିତ ଶ୍ରବୟବଶ୍ୱସଭବ ମିଶ୍ର, ସୁରେଶ କୁମାର ପଟ୍ଟନାୟକ, ସତ୍ୟଭାମା ପ୍ରଧାନୀ, ରାଧାକୃଷ୍ଣ ପ୍ରଧାନୀ, ଭାରତୀ ଭୂଷଣ ଦାସ, ଡ଼ ସୁଚିତ୍ରା ରଥ, ରୋଜ଼ାଲିନ ପଣ୍ଡା, ମନୋରମା ଆଚାର୍ଯ୍ୟ, ଯୋଗେନ୍ଦ୍ର ନାଥ ସାହୁ, ଯୋଗେସ୍ୱର ପ୍ରହରାଜ, ଡାକ୍ତର ପ୍ରମିଳ କୁମାର ନନ୍ଦ, ଉର୍ମିଳା ସାମନ୍ତରାୟ ଯୋଗେଶ୍ୱର ନାୟକ, ସତ୍ୟଭାମା ନାୟକ, ସ୍ୱାଗତିକା ନନ୍ଦ, କମଳ କୁମାର ଦାଶ, ମଞ୍ଜୁଳା ଦେବୀ, ଦୀନବନ୍ଧୁ ଦାଶ, ବିପିନବିହାରୀ ମିଶ୍ର, ପୂଜା ପ୍ରଧାନ, ଅଶୋକ କୁମାର ମିଶ୍ର, କାଶୀନାଥ ଖୁଣ୍ଟିଆ ପ୍ରମୁଖ ସ୍ୱର୍ଗତ ପ୍ରଧାନୀଙ୍କ ସ୍ମୃତି ଚାରଣ କରିଥିଲେ ।

ସ୍ୱର୍ଗତ ପ୍ରଧାନୀ ଏକା ଅଶୀ ବୟସରେ ଗତ ୭ତାରିଖରେ ଦେହାନ୍ତ ହୋଇ ଯାଇଛି ସେ ଜଣେ ଶ୍ରୀ ମନ୍ଦିର ସେବାୟତ ସେ **ଉଜୁଡା ନୀଡର ବିହଙ୍ଗ, ସ୍ମୃତି ଖୋଜେ ଜହ୍ନରାତି** ଓ **ଶାଶ୍ୱତ ଅନୁଭବ** କବିତା ସଂକଳନର ରଚୟିତା ॥

# ଭଏସ ଆଫ ମିଡ଼ିଆ ତରଫରୁ ଖୋର୍ଦ୍ଧା ଠାରେ ଜାତୀୟ ପ୍ରେସ ଦିବସ ପାଳନ




ଗଞ୍ଜାମ : ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷ ରେ ଭଏସ ଆଫ ମିଡ଼ିଆ ତରଫରୁ ରାଜ୍ୟ ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏଥିରେ ୨୩ଜିଲ୍ଲାର ୨୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଯୋଗ ଦେଇଥିଲା ବେଳେ ରାଜ୍ୟ ସଭାପତି ଡ ପ୍ରଭାତ କୁମାର ମିଶ୍ର, ଅବକାରୀ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ସୁମତି ତ୍ରିପାଠୀ ମୁଖ୍ୟଅତିଥି, ଡିଏସପି ଅନିଲ ମହାନ୍ତି ମୁଖ୍ୟ ବକ୍ତା, ସାଇବର ଇନ୍ସପେକ୍ଟର ସୁଚିତ୍ରା ଜେନା, ସୂଚନା ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ମହିଳା ମହାବିଦ୍ୟାଳୟର ଅଧକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ, ରାଜ୍ୟ ଉପସଭାପତି ଲଲାଟେନ୍ଦୁ ସେନାପତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଗଣମାଧ୍ୟମର ପରିଚାଳନା କ୍ଷେତ୍ରରେ ପ୍ରେସ୍ କାଉନ୍ସିଲର ଭୂମିକା ମହତ୍ୱପୂର୍ଣ୍ଣ ରହିଛି । ଏଣୁ ସ୍ୱାଧୀନତା , ଦାୟିତ୍ୱ ସାଙ୍ଗକୁ ଏଥିରେ ସଂପୃକ୍ତ ଲୋକମାନଙ୍କର ଅଧିକାର ବାବଦରେ ସମସ୍ତଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟ ରହିଛି ବୋଲି ଅତିଥି ମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । କିନ୍ତୁ ବିଭିନ୍ନ ସମୟରେ ଖବର ସଂଗ୍ରହ କରିବାକୁ ଗଲାବେଳେ ଅନେକ ଖଳ ଓ ଦୁର୍ନୀତିଖୋର ଲୋକଙ୍କ ହିଂସାର ଶିକାର ହେବା ସହିତ ଅନେକ ମିଥ୍ୟା ମାମଲାରେ ଫସିଯିବା ଦେଖାଯାଏ । ତେଣୁ ସାମ୍ବାଦିକଟି ନିର୍ଭୀକ ଭାବେ ସତ୍ୟ ଘଟଣା ଏବଂ ତୃଣମୁଳ ସ୍ତରରେ ତଦନ୍ତ କରି ନିରପେକ୍ଷ ଭାବେ ଖବରକୁ ପ୍ରକାଶ କରନ୍ତୁ ବୋଲି ମଂଚରେ ଥିବା ଅତିଥି ମାନେ ସୁଚନା ଦେଇଛନ୍ତି । ରାଜ୍ୟ ସଭାପତି ଡ ମିଶ୍ର ସଂଘର ଚାରି ଜଣ ବରିଷ୍ଠ ସାମ୍ବାଦିକଙ୍କୁ ମାସିକ ଭତା ବାବଦରେ ୧୫୦୦/ଟଙ୍କା ଅର୍ଥ ରାଶି ଆଜିର ଦିନରେ ପ୍ରଦାନ କରିଥିଲେ । ସୁଚନାଥାଉକି ଭଏସ ଆଫ ମିଡ଼ିଆ ଆସୋସିଏସନ ଆଗାମୀ ଦିନରେ ଉକ୍ତ ସାମ୍ବାଦିକଙ୍କ ଭତା ଟଙ୍କାକୁ ବ୍ୟାଙ୍କ ଆକାଉ[କୁ ପଠାଯିବା ଲାଗି ରାଜ୍ୟ ସଭାପତି ଡ ମିଶ୍ର ସୁଚନା ରହିଛି । ଭଏସ ଆଫ ମିଡ଼ିଆ ସଂଘ ତରଫରୁ ବରିଷ୍ଠ ସାମ୍ବାଦିକଙ୍କ ପାଇଁ ମାସିକ ଭତା ଓଡ଼ିଶାର ୪ଜଣଙ୍କୁ ପ୍ରଦାନ କରାଯାଇଛି । ତେବେ ସେଥିମଧ୍ୟରୁ ଜଣେ ଗଞ୍ଜାମ ଜିଲ୍ଲା ପୁରୋଷତମପୁର ବ୍ଲକର ବରିଷ୍ଠ ସାମ୍ବାଦିକ ପ୍ରଶନ୍ନ କୁମାର ଦାସ ନାମ ରହିଛି । ଯା ଫଳରେ ବରିଷ୍ଠ ସାମ୍ବାଦିକମାନଙ୍କ ପାଇଁ ଭଏସ ଆଫ୍ ମିଡ଼ିଆ ସଂଘ ଭତା ପ୍ରଦାନ କରିଥିବା ବ୍ୟବସ୍ଥାକୁ ନେଇ ଭଏସ ଆଫ ମିଡ଼ିଆ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସାମ୍ବାଦିକ (ଅରୁଣ କୁମାର ଗୌଡ଼), ସାମ୍ବାଦିକ ସୁଦର୍ଶନ ପରିଡା, ସାମ୍ବାଦିକ ଅମିତ କୁମାର ମହାପାତ୍ର, ସାମ୍ବାଦିକ ମାଧବାନନ୍ଦ ଦାଶ, ସାମ୍ବାଦିକ ଉମାକାନ୍ତ ମହାପାତ୍ର, ସାମ୍ବାଦିକ ଆଦିତ୍ୟ କୁମାର ମହାପାତ୍ର ସାମ୍ବାଦିକ କେ. ତ୍ରିଲୋଚନ ପାତ୍ର, ସାମ୍ବାଦିକ ରାଧାକୃଷ୍ଣ ବେହେରା, ସାମ୍ବାଦିକ ଶାନ୍ତନୁ କୁମାର ପଣ୍ଡା, ସାମ୍ବାଦିକ ତ୍ରିଲୋଚନ ଦାସ , ସାମ୍ବାଦିକ ଗଣେଶ ଡାକୁଆ, ସାମ୍ବାଦିକ ସୁର୍ଯ୍ୟ ନାରାୟଣ ବଡୁ , ସାମ୍ବାଦିକ ରାମକୃଷ୍ଣ ପାଣି , ସାମ୍ବାଦିକ ରଂଜିତ କୁମାର ପୋଲାଇ ଭଏସ ଆଫ ମିଡ଼ିଆ ସଂଘର ରାଜ୍ୟ ସଭାପତି ଡ ମିଶ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଏନ୍ ସି ସି ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ



ବ୍ୟାସନଗର : ମଙ୍ଗଳବାର ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟ ରେ ୭୭ତମ ଏନ୍ ସି ସି ଦିବସ ପାଳନ ଉପଲକ୍ଷେ କ୍ୟାପଟେନ୍ ପୂର୍ଣ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ବୈଠକରେ ୭ ଓଡ଼ିଶା ବାଟାଲିୟନ, ଭଦ୍ରକ ର ସିଟିଓ ଡଃ ଶଶିକାନ୍ତ ଲେଙ୍କା, ଏସ୍ ୟୁ ଓ ବିଶ୍ୱଜିତ୍ ଲାହା, ଜେ ୟୁ ଓ ପରେଶ ପ୍ରଧାନ, ୧ ଓଡ଼ିଶା ବାଳିକା ବାଟାଲିୟନ, ଭୂବନେଶ୍ୱର ର ଏସ୍ ୟୁ ଓ ଜଶବିନ୍ଦର କାଉର, ୧ ଓଡ଼ିଶା ବାଟାଲିୟନ, କଟକର ଏସ୍ ୟୁ ଓ ଶୁଭମ୍ ସ୍ୱାଇଁ ଓ ଜେୟୁଓ ପାୟଲ ଜେନା ଅଂଶଗ୍ରହଣ କରି ନିଜ ନିଜର ମତ ରଖିଥିଲେ । ଏ ବର୍ଷ ଏନ୍ ସି ସି ଦିବସ ପାଳନ ଅବସରରେ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିପାଇଁ ପ୍ରଥମେ ତା ୧୯/୧୧/୨୦୨୫ ଦିନ ଯାଜପୁର ରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅପରାହ୍ନ ୧୨.୩୦ ସମୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ୨୦/୧୧/୨୦୨୫ ରେ କଲେଜ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ ଓ ବୃକ୍ଷ ରୋପଣ ଅନୁଷ୍ଠିତ ହେବ । ୨୧/୧୧/୨୦୨୫ ରେ 'ବେଟି ବଚାଓ ବେଟି ପଢାଓ' ଶୀର୍ଷକ ସଚେତନତା ରାଲି ଅନୁଷ୍ଠିତ ହେବ । ୨୨/୧୧/୨୦୨୫ ରେ 'ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ସମାଜ' ଶୀର୍ଷକ ସଚେତନତା ରାଲି ଅନୁଷ୍ଠିତ ହେବ । ଶେଷରେ ୨୩/୧୧/୨୦୨୫ ରେ କଲେଜ୍ ପଡ଼ିଆରେ ରଙ୍ଗାରଙ୍ଗ ପ୍ୟାରେଡ୍ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ଏନ୍ ସି ସି ଦିବସ ପାଳିତ ହେବ ବୋଲି ୧ ଓଡ଼ିଶା ବାଟାଲିୟନର ଏନ୍ ସି ସି ଅଫିସର କ୍ୟାପଟେନ୍ ଶ୍ରୀଯୁକ୍ତ ସ୍ୱାଇଁ ସୁଚନା ଦେଇଛନ୍ତି ।

# ସାରଳା ପୀଠ ନବୀକରଣ ପାଇଁ, ଜମି ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ



ତିର୍ତୋଲ: ବିଗତ ସରକାରଙ୍କ ସମୟରେ ବୟାଳିଶି କୋଟି ଟଙ୍କା ବ୍ୟୟ ଅଟକଳରେ ଯେଉଁ ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା, ସେଥିପାଇଁ ଜମିଅଧିଗ୍ରହଣ ହୋଇ ନଥିବାରୁ, ରାସ୍ତା ଘାଟ ନିମନ୍ତେ ବହୁ ସମସ୍ୟା ଦେଖାଯାଇଥିଲା । ଏହି ଘଟଣାର ଆଶୁସମାଧାନ ପାଇଁ ବିଭିନ୍ନ ଗଣମାଧ୍ୟମ ରେ ଲଗାଦାର ଖବର ପ୍ରକାଶ ପାଇବା ପରେ, ପ୍ରଶାସନର ନିଦ୍ରାଭଙ୍ଗ ହୋଇଛି । ଯାହା ଫଳରେ ଗତ ଶନିବାର ଦିନ ମଧ୍ୟାହ୍ନରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସମେତ ତିର୍ତୋଲ ତହସିଲଦାର ମହେଶ୍ୱର ବେହେରା, କନକପୁର ରାଜସ୍ୱନିରୀକ୍ଷକ ଓ ସାରଳା ମନ୍ଦିର ପ୍ରଶାସନିକ ଅଧିକାରୀ ମାନେ, ସାରଳା ମନ୍ଦିରର ଚତୁଃପାର୍ଶ୍ୱ ରେ ମାପଚୁପ କରି, କିଳା ପୋତି ଥିବାର ଦେଖିବାକୁ ମିଳିଥିଲା । ସୂଚନାଯୋଗ୍ୟ ଏଥିପୂର୍ବରୁ ମଧ୍ୟ ଯେଉଁ ମାନଙ୍କ ବ୍ୟକ୍ତିଗତ ଜମିଜମା ଓ ବାସଗୃହ ଆଦି ଅଧିଗ୍ରହଣ କରିବାର ଥିଲା, ସେମାନଙ୍କୁ ଜିଲ୍ଲାପାଳ ତଥା ସାରଳାମନ୍ଦିର ପ୍ରଶାସନର ସୋଲଟ୍ରଷ୍ଟି, ନିଜ କାର୍ଯ୍ୟାଳୟକୁ ଦୁଇ ତିନିଥର ଡକାଇ, ସେଥିପାଇଁ କାହାକୁ କେତେ ଟଙ୍କା କ୍ଷତିପୂରଣ ଦିଆଯିବ, ସେ ବିଷୟରେ ଆଲୋଚନା ମଧ୍ୟ କରାଯାଇଥିଲା । ଜଣେ ଅଧେ ଛାଡିଦେଲେ, ଅନ୍ୟମାନେ ଏଥିରେ ସହମତି ପ୍ରକାଶ କରିଥିଲେ । ମାତ୍ର ପରବର୍ତୀ ସମୟରେ ପ୍ରଶାସନ ତରଫରୁ ଏହାକୁ ଆଗେଇନେବାକୁ ଆଦୌ ଗୁରୁତ୍ୱ ଦେଇନଥିଲେ । ଯାହା ଫଳରେ ଯାତାୟାତ ଓ ଯାନବାହାନ ଆଦି ସମସ୍ୟା ବଢ଼ିଚାଲିଲା । ସାରଳା ପୀଠର ସଂପ୍ରସାରଣ ନିମନ୍ତେ ଜମିଅଧିଗ୍ରହଣ ଅତ୍ୟନ୍ତ ଜରୁରୀ ହୋଇ ପଡିଲା । ଏସବୁ କଥାକୁ ଦୃଷ୍ଟିରେ ରଖି ବିଳମ୍ବରେ ହେଲେ ମଧ୍ୟ ଗତ ନଭେମ୍ବର ୧୫ ତାରିଖ ଦିନ, ପୁନଃଶ୍ଚ ଜମି ଅଧିଗ୍ରହଣ ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଦେଖିବାକୁ ବାକିରହିଲା, ଏଥର ଯେଉଁ ମାପଚୁପ ଓ ଡିମାରକେସନ କାର୍ଯ୍ୟ ଆରମ୍ଭ ହୋଇଛି, ବାସ୍ତବରେ ଏହା କେବେ କାର୍ଯ୍ୟକାରୀ ହେଉଛି ?

# ଉଦଳାରେ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ବାର୍ଷିକ ପାଳିତ



ଉଦଳା : ଉଦଳା ଠାରେ ସର୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ଏକତା ଦିବସ ଅତି ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ମୟୁରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ଉକ୍ତ ଉତ୍ସବ ରେ ଓଡ଼ିଶାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦାନ କରିଥିଲେ । ଅନ୍ୟମାନ୍ୟ ଗଣ୍ୟ ଅତିଥି ଭାବରେ ବର୍ତମାନର ଲୋକପ୍ରିୟ ବିଧାୟକ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ମଢେଇ, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ଏନ.ଏ.ସି ଅଧକ୍ଷ୍ୟା କରିତ କର୍ମା ପ୍ରମିଳା ପଣ୍ଡା , ବ୍ଲକ ଅଧକ୍ଷ୍ୟା ମଞ୍ଜୁଲତା ବିଶ୍ୱାଳ, କାନ୍ଦରରୁ ସୋରେନ, ଉପଖଣ୍ଡର ଉପଜିଲ୍ଲାପାଳ ଶ୍ରୀଯୁକ୍ତ ସୁଶାନ୍ତ କୁମାର ବାରିକ, ଆରକ୍ଷୀ ଅଧିକ୍ଷ୍ୟକ ଶ୍ରୀଯୁକ୍ତ ହୃଷିକେଶ ନାୟକ ଯୋଗଦାନ କରିଥିଲେ । ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ କରି କୋଟି ଓଡ଼ିଆଙ୍କ ମଉଡମଣୀ ପରମ ଆରାଧ ଦେବତା ଜଗତର ନାଥ ଶ୍ରୀ ଜଗନ୍ନାଥ ଓ ସର୍ଦାର ବଲ୍ଲଭ ଭାଇ ପଟେଲଙ୍କ ଫୋଟୋ ଚିତ୍ର ରେ ଧୂପ ଦୀପ ଓ ମାଲ୍ୟାର୍ପଣ କରିଥିଲେ । ପରେ ଉପସ୍ଥିତ ସମସ୍ତ ଅତିଥି ରାଷ୍ଟ୍ରିୟ ଏକତା ଲାଗି ଶପଥ ନେଇଥିଲେ । ଏହା ପରେ ଉଦଳା ହାଇସ୍କୁଲ ପଡିଆରୁ ତିନି ହଜାର ପଦ ଯାତ୍ରୀ ଦେଶାତ୍ମକ ସଂଗୀତ ଗାଁ ନ କରି ଉଦଳା ବଜାର ପରିକ୍ରମା କରି ପରି ଶେଷ ରେ ଉଦଳା ରେ ସିପ୍ରନ ଇନ ଠାରେ ପ୍ରାକ ଅନୁଷ୍ଠିତ ହୋଇଥିବା ମଂଚ ଠାରେ ପହଂଚି ଥିଲେ । ସେଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଯୋଗଦାନ କରି ସାରିବାପରେ ପୁଣି ଉଦଳା ହାଇସ୍କୁଲ ପଡିଆକୁ ଫେରିଥିଲେ । ଉକ୍ତ ଦିବସରେ ବିଭିର୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରି ଥିବା ୨୫ଜଣ ବ୍ୟକ୍ତିଙ୍କୁ ସମ୍ମାନର ସହ ଉତରୀୟ ଓ ମାନପତ୍ର ପ୍ରଦାନ କରାଯାଇଥିଲା । ଆଜିର ଏହି ରାଷ୍ଟ୍ରିୟ କାର୍ଯ୍ୟ କ୍ରମ ରେ ପ୍ରୋକଳ୍ପ ପ୍ରଶାସନ ଅଧିକାରୀ ଆଇ.ଟି.ଡ଼.ଏ ଶ୍ରୀଯୁକ୍ତ ନରେନ୍ଦ୍ର ନାଥ ଖମାରୀ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଲକ୍ଷ୍ମୀକାନ୍ତ ପତି, ଉପ ଖଣ୍ଡର ସମସ୍ତ ବି.ଡ଼.ଓ, ତହସିଲଦାର, ସି.ଡ଼.ପି.ଓ ଅଂଶ ଗ୍ରହଣ କରିଥିଲେ । ଉଦଳା ତହସିଲଦାର ସୁପ୍ରଭା ଦାସ, ଉପଖଣ୍ଡର ଡେପୁଟି କଲେକଟର ପ୍ରତୀକ ପଣ୍ଡା, ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ସେମାନଙ୍କୁ କାର୍ଯ୍ୟାଳୟର କର୍ମଚାରୀ ରମେଶ ଚନ୍ଦ୍ର ପୃଷ୍ଟି ଓ ଅନ୍ୟ କର୍ମଚାରୀ ବୃନ୍ଦ ସହାୟତା କରିଥିଲେ । ଉଦଳା କୃଷି ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ ଶ୍ରୀୟାସ୍ମିତା ଦାସ କାର୍ଯ୍ୟ କ୍ରମ ର ଉଦ ଘୋଷିକା ଭାବେ ଦାୟିତ୍ୱ ସୁଚାରୁ ରୂପେ ସମ୍ପାଦନା କରି ଉପସ୍ଥିତ ସମସ୍ତ ପଦଯାତ୍ରୀ ଓ ଜନସାଧାରଣ ଙ୍କ ହୃଦୟ କୁ ଜିଣି ଯାଇଥିଲେ । ତେବେ ସମସ୍ତ କାର୍ଯ୍ୟକ୍ରମକୁ ଉଦଳା ଏନ.ଏ.ସି.ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟ ରଞ୍ଜନ ଜେନା ପରିଚାଳନା କରିଥିଲେ ।

# ସ୍ୱୟଂ ସହାୟିକା ଗୋଷ୍ଠୀ ମା' ମାନଙ୍କୁ ୧୧୭ କୋଟି ଟଙ୍କା ସୁଧ ଫେରସ୍ତ




ଭୁବନେଶ୍ୱର : ମହିଳା ସଶକ୍ତିକରଣ ହେଉଛି ବିକଶିତ ଓଡିଶା ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ମା ମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ସୁଦୃଢ କରିବା କ୍ଷେତ୍ରରେ ରାଜ୍ୟ ସରକାରଙ୍କର ବ୍ୟାଙ୍କ ଋଣ ଉପରେ ସୁଧ ଫେରସ୍ତ ବ୍ୟବସ୍ଥା ସହାୟକ ହୋଇଛି । ଏହା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କର ଭିତିକୁ ସୁଦୃଢ଼ କରିବା ସହିତ ଅଧିକ ବଜାର ସୁଯୋଗ ସୃଷ୍ଟି କରି ମହିଳା ଉଦ୍ୟୋଗୀ ମାନଙ୍କୁ ପ୍ରୋତ୍ସାହିତ କରୁଛି । ଆଜି ମିଶନ ଶକ୍ତି ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମ "ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ସୁଧ ଫେରସ୍ତ"ରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ । ସରକାର ମହିଳା ମାନଙ୍କ ପାଇଁ ଜୀବିକାମୂଳକ ଅର୍ଥନୈତିକ ମଡେଲ୍ ? ମାଧ୍ୟମରେ ସଶକ୍ତ କରିବା ପାଇଁ ସଦା ପ୍ରତିବଦ୍ଧ ବୋଲି ସେ କହିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ଜୀବନ ଜୀବିକାର ବିକାଶ ତଥା ଉଦ୍ୟୋଗୀ ମନୋଭାବକୁ ପ୍ରୋତ୍ସାହନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବ୍ୟାଙ୍କ ଋଣ ବ୍ୟବସ୍ଥା । ଗୋଷ୍ଠୀ ମାନଙ୍କ ଉପରେ ସୁଧ ପରିଶୋଧର ଭାର ହ୍ରାସ କରିବା ପାଇଁ ଓଡିଶା ସରକାର ସ୍ୱୟଂ ସହାୟକ ଗୋଷ୍ଠୀ ନେଉଥିବା ବ୍ୟାଙ୍କଋଣ ରାଶିକୁ ବୃଦ୍ଧି କରିବା ସହ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣରେ ବାର୍ଷିକ ସୁଧ ହାରକୁ ଶୂନ୍ୟ ପ୍ରତିଶତକୁ ଆଣିଛନ୍ତି । ଏହି ସୁଧ ଫେରସ୍ତ ରାଶି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଯାଇଥାଏ । ଆଜିର କାର୍ଯ୍ୟକ୍ରମରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ୨ ଲକ୍ଷ ୨୪ ହଜାର ୮୮୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ ୧୧୭ କୋଟି ୧୨ ଲକ୍ଷ ୫ ହଜାର ୧୬୪ ଟଙ୍କାର ସୁଧ ରାଶି ଫେରସ୍ତ କରିଥିଲେ । ଏହି ପଦକ୍ଷେପ ମହିଳା-ନେତୃତ୍ୱାଧୀନ ଉଦ୍ୟୋଗ ଗୁଡ଼ିକୁ ଆର୍ଥିକ ଭାବେ ସଶକ୍ତ କରିବା ସହିତ ରାଜ୍ୟର ବିକାଶ ଏବଂ ଆର୍ଥିକ ପ୍ରଗତି ପ୍ରତି ସରକାରଙ୍କ ସଂକଳ୍ପକୁ ପୁଣିଥରେ ସ୍ପଷ୍ଟ କରିଛି । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗ ନିର୍ଦ୍ଦେଶକା ଡଃ ମୋନିକା ପ୍ରିୟଦର୍ଶିନୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ଜ୍ୟୋତି ଶଙ୍କର ମହାପାତ୍ର ଓ ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀମାନେ ଏବଂ ବିଭିନ୍ନ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ମିଶନ ଶକ୍ତି ବିଭାଗର ଏହି ପଦକ୍ଷେପ ମହିଳା ଉଦ୍ୟୋଗୀ ମାନଙ୍କ ଦକ୍ଷତା ବୃଦ୍ଧି, ବିକାଶ ଓ ମହିଳା ସଶକ୍ତିକରଣ ପ୍ରତି ଅଟଳ ପ୍ରତିବଦ୍ଧତାକୁ ପ୍ରକାଶ କରୁଛି, ଯାହା ଓଡ଼ିଶାର ମହିଳାମାନଙ୍କ ସାମାଜିକ ଓ ଆର୍ଥିକ ସଶକ୍ତିକରଣର ଯାତ୍ରାକୁ ଆହୁରି ଉଜ୍ଜ୍ୱଳ କରିବ ।

## ଜଗତସିଂହପୁର ରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଶୂନ୍ୟ ମୃତାହତ ପକ୍ଷ ସଚେତନତା ରଥ ଉଦଘାଟିତ



ଜଗତସିଂହପୁର : ଜଗତସିଂହପୁର ଆଂଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡ଼ିଆ ପରିସରରେ ଶୂନ୍ୟ ମୃତାହତ ପକ୍ଷ ସଚେତନତା ରଥ ଉଦଘାଟିତ ହୋଇ ଯାଇଛି । ନଭେମ୍ବର ୧୮ରୁ ନଭେମ୍ବର ୩୦ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲା ବୁଲିବାକୁ ଥିବା ଏହି ସଚେତନତା ରଥକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ ଏବଂ ଉପଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ ପତାକା ଦେଖାଇ ଉଦଘାଟନ କରିଥିଲେ । ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ଦିପକ କୁମାର ସେଠୀ ପୌରହିତ ରେ ଏହି ସଚେତନତା ରଥ ଉଦ୍ଘାଟନ ହୋଇ ଥିଲା । ଏଥିରେ କନିଷ୍ଠ ମଟର ଯାନ ନିରିକ୍ଷକ ମନୋରମା ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ,ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ପ୍ରତାପ କୁମାର ବେହେରା ଗୁରୁଗୋରେଖ ଟ୍ରାଭେଲରସ୍ ପରିଚାଳକ ସୂର୍ଯ୍ୟ ନାରାୟଣ ମହାନ୍ତି ଉପସ୍ଥିତ ଥିଲେ । ଆଂଚଳିକ ପରିବହନ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ଚମ୍ପିୟାନସିପରେ ପିସିପୂର ସ୍କୁଲର ଦୁଇ ଖେଳାଳି

ରାଇରଙ୍ଗପୁର : ସୁନ୍ଦରଗଡ଼ ଜିଲ୍ଲାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବନାଇ ଠାରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ଚମ୍ପିୟାନସିପ ଅନୁଷ୍ଠିତ ହେବାକୁ ଯାଉଅଛି ଓ ଚଳିତ ମାସ ୨୦ ରୁ ୨୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଚମ୍ପିୟାନସିପରେ ୧୪ ବର୍ଷରୁ କମ ମୟୁରଭଞ୍ଜ ଦଳରେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଗାଜ ଟୁଡୁ (୭ମ ଶ୍ରେଣୀ ) ଓ ନିମାଇଁ ମୁର୍ମୁ ( ୮ମ ଶ୍ରେଣୀ) ସ୍ଥାନ ପାଇଛନ୍ତି ଓ ଉଭୟ ଖେଳାଳି ବିଶୋଇ ଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଚମ୍ପିୟାନସିପରେ ଉଚ୍ଚମାନର ଖେଳ ପ୍ରଦର୍ଶନ କରି ଏହି ସୁଯୋଗ ପାଇଥିବାରୁ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, କ୍ରୀଡା ଶିକ୍ଷକ ଅଭିଷେକ ବେହେରା, ୱାର୍ଡେନ ସରୋଜ କୁମାର ସାବତ, କଳା ଶିକ୍ଷକ ମହେଶ୍ୱର ମାର୍ଣ୍ଡି ସମେତ ସମସ୍ତ ଶିକ୍ଷକ /ଶିକ୍ଷୟତ୍ରୀ ତଥା ଛାତ୍ରଛାତ୍ରୀ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି ଓ

# ନବରଙ୍ଗପୁର ଜିଲ୍ଲାରେ 'ଏକତା ପଦଯାତ୍ରା' ପ୍ରଥମ ଦିନ ମହାସମାରୋହରେ ଅନୁଷ୍ଠିତ




ନବରଙ୍ଗପୁର : ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମତିଥି ପାଳନ ଅବସରରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା ପ୍ରଶାସନ ତରଫରୁ ଆୟୋଜିତ ଭବ୍ୟ ସମାରୋହ 'ଏକତା ପଦଯାତ୍ରା'ରେ ଆଜି ମୁଖ୍ୟ ଅତିଥି ରୂପେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗ ଦେଇଥିଲେ । ବିଶିଷ୍ଟ ଅତିଥି ରୂପେ ମାନ୍ୟବର ଲୋକସଭା ସାଂସଦ ବଳଭଦ୍ର ମାଝି,ସମ୍ମାନୀତ ଅତିଥି ରୂପେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ପ୍ରମୁଖ ଯୋଗ ଦେଇ ପାପଡ଼ାହାଣ୍ଡି ସ୍ଥିତ ସହିଦ ମିନାର ସ୍ମୃତିସ୍ତମ୍ଭ ଠାରେ ସହିଦ ମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଏକତା ପଦଯାତ୍ରା ରେ ସାମିଲ ହୋଇ ଥିଲେ । ପଦଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଂଟିଆ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ବର୍ମନ୍, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ସମାଜସେବୀ କୁଞ୍ଜ ବିହାରୀ ଦାସ,ପି ଏ, ଆଇ ଟି ଡି ଏ ରାଜୀବ ସାହୁ , ଡି ଇ ଓ ଛତ୍ରପତି ସାହୁ, ଡି ଡ଼ବ୍ଲୁ ଓ ରବୀନ୍ଦ୍ର ପାଳକା, ଡି ଆଇ ପି ଆର୍ ଓ ମନୋଜ ବେହେରା, ବି ଡି ଓ ନନ୍ଦାହାଣ୍ଡି କ୍ଷୀରୋଦ ଚନ୍ଦ୍ର ସାହୁ, ବି ଡି ଓ ତେନ୍ତୁଲିଖୁଂଟି ମନୋଜ ପାଣିଗ୍ରାହୀ,ବି ଡି ଓ ନବରଙ୍ଗପୁର ସୁନିଲ ଖୁରା, ଡି ସି ଓ ଘାଷିଆ ହରିଜନ,କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିକାରୀ,ଅନ୍ୟ ବିଭାଗୀୟ ଅଧିକାରୀ , ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀ,ସ୍ୱେଛାସେବୀ ସଂଗଠନ କର୍ମକର୍ତା,ଯୁବକ, ଏସ ଏଚ୍ ଜି ମହିଳା, ଅଙ୍ଗନୱାଡ଼ି କର୍ମୀ,ବହୁ ଜନସାଧାରଣ , ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଯୋଗ ଦେଇ ବନ୍ଦେ ମାତରଂ,ଭାରତ ମାତା କି ଜୟ ,ଜାତୀୟ ଏକତା ଜିନ୍ଦାବାଦ ନାରା ସହ ପ୍ରାୟ ୧୫ କିମି ପାଦରେ ଯାତ୍ରା ପୂର୍ବକ ଆର୍ ସି ଡି ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସମାବେଶ ହୋଇଥିଲେ । ପଦଯାତ୍ରାରେ ପାଇକ ଆଖଡ଼ା, ବିଭିନ୍ନ ସାଂସ୍କୃତିକ ଦଳ ନିଜ ନିଜର ରଣକୌଶଳ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ । ଆର୍ ସି ଡି ହାଇସ୍କୁଲ ଖେଳ ପଡିଆ ରେ ଆୟୋଜିତ କାର୍ଯ୍ୟକ୍ରମରେ ପଦଯାତ୍ରା ରେ ସାମିଲ ଥିବା ଅତିଥି ଗଣ ମାନ୍ୟବର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମାନ୍ୟବର ସାଂସଦ ବଳଭଦ୍ର ମାଝି, ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ,ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ ଓ ବିଶ୍ୱଜିତ ବର୍ମନ୍,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାଏକ, ସମାଜ ସେବୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ମଂଚାସିନ ଥିଲେ । ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ନିଜ ବକ୍ତବ୍ୟରେ ଆଜିର ଯୁବପିଢ଼ି ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଦେଶ ମାତୃକାର ସେବା ରେ ନିଜକୁ ନିୟୋଜିତ ଏବଂ ନିଜକୁ ସ୍ୱାବଲମ୍ବୀ ମଣିଷ ରୂପେ ଗଢି ତୋଳିବା ପାଇଁ ଆହ୍ୱାନ କଲେ । ମାନ୍ୟବର ସାଂସଦ ବଳଭଦ୍ର ମାଝି ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ଙ୍କ 'ଏକ ଭାରତ ଆତ୍ମ ନିର୍ଭର ଭାରତ' ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ଉତ୍ପାଦ ଦ୍ରବ୍ୟର ବ୍ୟବହାର ଓ 'ଶ୍ରେଷ୍ଠ ଓ ସମୃଦ୍ଧ ଭାରତ' ର ସ୍ୱପ୍ନକୁ ସାକାର କରିବାରେ ନିଜ ଉଦ୍ୟମ ଓ ସହଯୋଗକୁ ଗୁରୁତ୍ୱ ଦେଲେ । ମାନ୍ୟବର ବିଧାୟକ ଗୌରୀ ଶଙ୍କର ମାଝୀ ନିଜ ବକ୍ତବ୍ୟରେ ଦେଶର ଏକତା, ସଦ୍ଭାବ, ଜାତୀୟ ସଂହତି ଓ ଭାଇଚାରାର ବାର୍ତା ଦେଉଥିବା ଏହି ପଦଯାତ୍ରାରେ ସାମିଲ ସମସ୍ତଙ୍କୁ ଧନ୍ୟବାଦ୍ ଦେବା ସହ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଙ୍କ ଆଦର୍ଶ ରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରିଥିଲେ । ଏହି କାର୍ଯ୍ୟକ୍ରମ ଉପଲକ୍ଷେ ସଭାରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ସମସ୍ତଙ୍କୁ 'ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଓ ଆତ୍ମନିର୍ଭର ଭାରତ'ର ଶପଥ ପାଠ କରାଇଥିଲେ । ଏହି ଅବସରରେ ହାଇସ୍କୁଲ ସ୍ତର ପ୍ରବନ୍ଧ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀଙ୍କୁ ଅତିଥି ଗଣ ପୁରସ୍କାର ପ୍ରଦାନ କରିଥିଲେ । ସଭା ପରେ ବିଭିନ୍ନ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା ପାପଡ଼ାହାଣ୍ଡି ସହିଦମିନାର ସଭା ଏବଂ ଆର୍ ସି ଡି ହାଇସ୍କୁଲ ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଘାଷିଆ ହରିଜନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶାନ୍ତ ନାୟକ କାର୍ଯ୍ୟକ୍ରମ ର ସଫଳ ରୂପାୟନରେ ସହଯୋଗ କରିଥିଲେ ।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀର ୩ୟ ଅଧିବେଶନ



ଭୁବନେଶ୍ୱର : ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସମ୍ମିଳନୀର ପ୍ରଥମ ଦିନର ତୃତୀୟ ଅଧିବେଶନମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟର ଶିଳ୍ପ ଅଭିବୃଦ୍ଧି, ବ୍ୟବସାୟ ସୁବିଧା , ପ୍ରୋଜେକ୍ଟ ମନିଟରିଂ ଗ୍ରୁପ(ପିଏମଜି ପୋର୍ଟାଲ) ମାଧ୍ୟମରେ ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ ଓ ସମୀକ୍ଷା, ପାରସ୍ପରିକ ଆଲୋଚନା ଆଧାରରେ ରାଜ୍ୟରେ ଶିଳ୍ପ ଇକୋସିଷ୍ଟମରେ ପରିବର୍ତନ ସଂପର୍କିତ ବିଷୟଭିତିକ ଏହି ଆଲୋଚନାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ ଯେ, ପ୍ରଶାସନିକ ଅଧିକାରୀମାନେ ଯେତେବେଳେ ସମ୍ମିଳିତ ଭାବରେ ରାଜ୍ୟର ପ୍ରଗତି ପାଇଁ କାର୍ଯ୍ୟ କରିବେ, ସେତେବେଳେ ଓଡ଼ିଶାର ଅଭିବୃଦ୍ଧି ଅଧିକ ତ୍ୱରାନ୍ୱିତ ହେବ । ପ୍ରକଳ୍ପ ଅନୁମୋଦନର ସରଳୀକୃତ ପଦ୍ଧତି ଯୋଗୁଁ ନିବେଶ ଆକର୍ଷିତ କରିବାରେ ଓଡ଼ିଶାକୁ ସମସ୍ତେ ପ୍ରଥମିକତା ଦେଉଛନ୍ତି । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ଜିଲ୍ଲାମାନଙ୍କରେ ବ୍ୟବସାୟ କରିବାର ସହଜତା ପ୍ରଦାନ କରିବାରେ ଜିଲ୍ଲାପାଳମାନଙ୍କ ଭୂମିକା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସିଏମଡି, ଓପିଟିସିଏଲ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଓଡ଼ିଶାରେ ଶକ୍ତି କ୍ଷେତ୍ର ଏବଂ ଏହା ଆକର୍ଷିତ କରୁଥିବା ନିବେଶ ଏବଂ ଶିଳ୍ପ ପାଇଁ ଅବଶ୍ୟକ ବିଦ୍ୟୁତ୍ ଯୋଗାଣ ବିଷୟରେ ବିସ୍ତୃତ ଉପସ୍ଥାପନ କରିଥିଲେ । ଅଧିବେଶନରେ "ପ୍ରଗତି" ତଦାରଖ ବ୍ୟବସ୍ଥା ମାଧ୍ୟମରେ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯାଉଥିବା ସଂପର୍କରେ ଗୁରୁତ୍ୱ ଦିଆଯାଇଥିଲା । ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ କମିଶନର-ତଥା ଶାସନ ସଚିବଡି. ପ୍ରଶାନ୍ତ କୁମାର ରେଡ୍ଡୀ, ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଅନୁଗୁଳ ଜିଲ୍ଲାପାଳ କଲେକ୍ଟର ଅବଦାଲ ଏମ ଅଖତର, ସୁନ୍ଦରଗଡ ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ଝାରସୁଗୁଡା ଜିଲ୍ଲାପାଳ ଶ୍ରୀ କୁନାଲ ମୋତିରାମ ଚହ୍ୱାଣ ପ୍ରମୁଖ ଯୋଗଦେଇ ବ୍ୟବସାୟ ଅଭିବୃଦ୍ଧିର ଦ୍ରୁତ ଅଭିବୃଦ୍ଧି ସଂପର୍କରେ ବିଭିନ୍ନ ଉପସ୍ଥାପନା କରିଥିଲେ ।

# ଜିଲ୍ଲାରେ ପ୍ରତିବର୍ଷ ଧାନକିଣାରେ ହେଉଥିବା କୋଟି କୋଟି ଟଙ୍କାର ଦୁର୍ନୀତିକୁ ବନ୍ଦ କରାଯାଉ

ବ୍ରହ୍ମପୁର – ରାଜ୍ୟର ଏକ କୃଷି ପ୍ରଧାନ ଜିଲ୍ଲା ଭାବେ ଗଞ୍ଜାମ ଜିଲ୍ଲାରେ ପ୍ରାୟ ୫.୨ ଲକ୍ଷ ଚାଷୀ ଓ ୨.୫ ଲକ୍ଷ ଭାଗଚାଷୀ ଧାନ ଚାଷ କରିଥାନ୍ତି । କେବଳ ମାତ୍ର ୪୦% ଭାଗ ଜମି ହିଁ ଜଳସେଚିତ ହୋଇଥିବାରୁ ଚାଷୀମାନେ କେବଳ ଧାନ ଫସଲକୁ ହିଁ କରିଥାନ୍ତି । ଏହି କାରଣରୁ ଜିଲ୍ଲାର କୃଷି ଅର୍ଥନୀତି କହିଲେ କେବଳ ଧାନ ଫସଲକୁ ହିଁ ବୁଝାଉଛି । କିନ୍ତୁ ଦୁଃଖର କଥା, ଜିଲ୍ଲାର ଏତେ ସଂଖ୍ୟକ ଚାଷୀ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ ଭୟଙ୍କର ଶୋଷଣ ଓ ଠକାମୀର ଶିକାର ହେଇ ଆସିଛନ୍ତି । ସରକାରୀ ଅଫିସର ଓ ମିଲ୍ ମାଲିକଙ୍କ ଅଶୁଭ ମେଂଟ ଯୋଗୁଁ ପ୍ରତିବର୍ଷ ଧାନ ସଂଗ୍ରହ ବେଳେ କୋଟି କୋଟି ଟଙ୍କାର ଦୁର୍ନୀତି ହେଉଥିବା ବେଳେ ଚାଷୀମାନେ ଭୟଙ୍କର ଶୋଷର ଓ ପ୍ରତାଡ଼ନାର ଶିକାର ହେଉଛନ୍ତି । ସରକାର ଗତବର୍ଷ ଧାନ କ୍ୱିଂଟାଲ ପିଛା ୮୦୦ ଟଙ୍କା ଦେବା ପରି ଏକ ଭଲ ପଦକ୍ଷେପ ନେଇଥିଲେ ବି ତା'ର ସୁଫଳ ସବୁ ଚାଷୀଙ୍କୁ ମିଳିପାରିଲା ନାହିଁ । ପୂର୍ବରୁ ଭାଗଚାଷୀଙ୍କ ପଞ୍ଜୀକରଣ ନିୟମ ସରଳ ଥିବା ବେଳେ ତାକୁ ବର୍ତ୍ତମାନର ସରକାର ଜଟିଳ କରି ଦେଇଥିବାରୁ ଜିଲ୍ଲାର ୨.୫ ଲକ୍ଷ ଭାଗଚାଷୀ ଧାନ ସଂଗ୍ରହ ଓ ବୋନସ୍ ପାଇବାରୁ ସମ୍ପୂର୍ଣ୍ଣ ଭାବେ ବଂଚିତ ରହିଛନ୍ତି । ସରକାର ଭାଗଚାଷୀଙ୍କ ଧାନ ସଂଗ୍ରହ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଆମେ ଦାବି କରୁଛୁ ।




ଜିଲ୍ଲାରେ ୩୬୦ଟି ସମବାୟ ସମିତି, ୧୦୦ରୁ ଅଧିକ ମହିଳା ସ୍ୱଂୟ ସହାୟିକା ଗ୍ରୁଫ୍ ଏବଂ ଗୋଟିଏ ପାଣି ପଂଚାୟତ ଧାନ ସଂଗ୍ରହକାରୀ ଏଜେନ୍ସୀ ଭାବେ ଅଧିକୃତ ହୋଇଥିବା ବେଳେ ବସ୍ତୁତଃ ମିଲ୍ ମାଲିକମାନେ ହିଁ ଚାଷୀଙ୍କ ଠାରୁ ସିଧାସଳଖ ଧାନ କିଣୁଛନ୍ତି । ସରକାରଙ୍କ ତରଫରୁ ଏଯାଏଁଜିଲ୍ଲାରେ କୌଣସି ଧାନମଣ୍ଡି ନଥିବାରୁ ବସ୍ତୁତଃ ମିଲ ମାଲିକଙ୍କ ଧାନ ମିଲ୍ ଗୁଡ଼ିକ ସରକାରୀ ଘୋଷିତ ଧାନ କ୍ରୟ କେନ୍ଦ୍ର (ପିପିଏଚ୍) ରୂପେ କାର୍ଯ୍ୟକରୁଛି । ଗତ ସରକାର ସମୟରେ ଧାନ କିଣାରେ କଟନୀ ଓ ଛଟନୀକୁ ସମ୍ପୂର୍ଣ୍ଣ ବିରୋଧ କରୁଥିବା ବିଜେପି ଦଳ ଏବେ କ୍ଷମତାକୁ ଆସିବା ପରେ ମଧ୍ୟ ପୂର୍ବଭଳି କଟନୀ ଓ ଛଟନୀ ନାଁରେ ଚାଷୀ ଶୋଷଣର ଶିକାର ହେଉଛନ୍ତି । ଗତବର୍ଷ ଗଞ୍ଜାମ ଜିଲ୍ଲାରେ ଧାନ କ୍ୱିଂଟାଲ ପିଛା ୫-୧୨ କେ.ଜି ଚାଷୀମାନଙ୍କ ଠାରୁ କଟାଯାଉଛି । ଏହା ବ୍ୟତିତ ସରକାର ଧାନ ସଂଗ୍ରହ ଓ ମିଲିଂ ବାବଦରେ ସବୁ ଖର୍ଚ୍ଚ ବହନ କରୁଥିବା ବେଳେ ମିଲରମାନେ ଚାଷୀଙ୍କ ଠାରୁ ବେଆଇନ ଭାବେ ସେମାନଙ୍କ ଅଖା ରଖିଦେବା ସହ ଧାନ ସଂଗ୍ରହ କେନ୍ଦ୍ର ପର୍ଯ୍ୟନ୍ତ ପରିବହନ ଖର୍ଚ୍ଚ ଓ ଲୋଡ଼ିଂ ଅନ୍ ଲୋଡ଼ିଂ ବାବଦରେ ଖର୍ଚ୍ଚକୁ ଚାଷୀଙ୍କୁ ନଦେଇ ହଡ଼ପ କରି ନେଉଛନ୍ତି । ଏସବୁ ବାବଦରେ ମିଲରମାନେ ପ୍ରତିବର୍ଷ ଚାଷୀଙ୍କ କୋଟି କୋଟି ଟଙ୍କା ହଡ଼ପ କରୁଥିବା ବେଳେ ସରକାରୀ ଅଧିକାରୀ ଓ ରାଜନୈତିକ ନେତାମାନେ ଚୁପ୍ ରହିବା ସେମାନଙ୍କ ସହଯୋଗୀତାକୁ ପ୍ରମାଣିତ କରୁଛି । ଏ ସମ୍ପର୍କରେ ଅତିତରେ ଜିଲ୍ଲାର ବିଭିନ୍ନ ଅଂଚଳର ଚାଷୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ ବି ସେନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି । ସରକାରଙ୍କ ଦାୟୀତ୍ୱହୀନତା କାରଣରୁ ଜିଲ୍ଲାରେ ଫସଲବୀମା ନାଁରେ ଘରୋଇ ବୀମା କମ୍ପାନୀମାନେ ଚାଷୀମାନଙ୍କୁ ଫସଲ କ୍ଷତିପୂରଣ ଠିକ୍ ରୂପେ ଦେଉନଥିବା ବେଳେ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଠାରୁ ପ୍ରମିୟମ୍ ବାବଦରେ ପ୍ରତିବର୍ଷ କୋଟି କୋଟି ଟଙ୍କା ଲୁଟ୍ କରି ନେଉଛନ୍ତି । ଗତବର୍ଷ ଡ଼ିସେମ୍ବର ମାସରେ ହୋଇଥବା ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କ ମଧ୍ୟରୁ ଫସଲ ବୀମା କରିଥିବା ୧,୪୫,୯୫୩ ଜଣ ଚାଷୀଙ୍କ ମଧ୍ୟରୁ ମାତ୍ର ୪୧,୫୯୫ ଜଣ ହିଁ ମୋଟ ୯.୨୯ କୋଟି ଟଙ୍କାର ବୀମା ସହାୟତା ପାଇଥିଲେ । କମ୍ ସମୟ ମଧ୍ୟରେ ଅନ୍?ଲାଇନ୍ ଜରିଆରେ ଆବେଦନ କରି ନପାରିବା ନାଁରେ କମ୍ପାନୀ ଅଧିକାଂଶ ଚାଷୀଙ୍କୁ ଫସଲ କ୍ଷତିପୂରଣରୁ ବଂଚିତ କରିଥିଲା । ଏପରିକି ସରକାରଙ୍କ ତରଫରୁ ଇନ୍‌ପୁଟ୍ ସବସିଡ଼ି ପାଇଥିବା ଅନେକ କ୍ଷତିଗ୍ରସ୍ତ ଚାଷୀ ମଧ୍ୟ ଘରୋଇ ବୀମା କମ୍ପାନୀଙ୍କ ଠାରୁ ଫସଲ ବୀମା ବାବଦରେ କୌଣସି ସହାୟତା ପାଇନଥିଲେ । ଗତବର୍ଷ କେବଳ ଗଞ୍ଜାମ ଜିଲ୍ଲାର ଚାଷୀଙ୍କୁ ଫସଲ ବୀମା ଯୋଗାଇବା ନାଁରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତଥା ଚାଷୀ ପ୍ରମିୟମ୍ ବାବଦରେ ୭୬.୨୩ କୋଟି ଟଙ୍କା ଘରୋଇ ବୀମା କମ୍ପାନୀ, ରିଲାଏନ୍ସକୁ ଦେଇଥିବା ବେଳେ କମ୍ପାନୀ ମାତ୍ର ୯.୨୯ କୋଟି କ୍ଷତିପୂରଣ ଦେଇ ବଳକା ୬୭ କୋଟି ଟଙ୍କା ନେଟ୍ ଲାଭ ପାଇଛି । ଯଦି ଫସଲ ବୀମା ଠିକ୍ ରୂପେ କାର୍ଯ୍ୟକାରୀ ହୋଇଥାନ୍ତା, ତାହେଲେ ଜିଲ୍ଲାର ଚାଷୀମାନେ କମ୍ ସେ କମ୍ ୩୦ କୋଟି ଟଙ୍କା କ୍ଷତିପୂରଣ ବାବଦରେ ପାଇଥାନ୍ତେ । ଏହି ପରିପ୍ରେକ୍ଷୀରେ ଆମେ ଗଞ୍ଜାମ ଜିଲ୍ଲାରେ ଧାନ ସଂଗ୍ରହ ନାଁରେ ମିଲ୍ ମାଲିକ ଓ ସରକାରୀ ଅଧିକାରୀଙ୍କ ଦ୍ୱାରା ଚାଲିଥିବା ଦୁର୍ନୀତିକୁ ବନ୍ଦ କରି ଚାଷୀଙ୍କୁ ଶୋଷଣରୁ ରକ୍ଷା କରିବାକୁ ଆମେ ଉଭୟ ଚାଷୀ ସଂଗଠନ ଦାବି କରୁଛୁ । ଏଫଏକ୍ୟୁ ମାନ ନାଁରେ ଚାଷୀଙ୍କ ଧାନରେ ମନଇଛା କଟନୀ ଛଟନୀ କରାଗଲେ ଜିଲ୍ଲାରେ ଚାଷୀମାନେ ପ୍ରତିବାଦ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଆମେ ଚେତାବନୀ ଦେଉଛୁ । ସରକାର ଧାନ ସଂଗ୍ରହ ବେଳେ ଚାଷୀଙ୍କୁ ସେମାନଙ୍କ ଅଖା ଫେରାଇବା ସହ ପରିବହନ ଖର୍ଚ୍ଚ ଓ ଲୋଡ଼ିଂ ଅନ୍?ଲୋଡ଼ିଂ ଖର୍ଚ୍ଚ ବାବଦରେ ପ୍ରାପ୍ୟ ଦେବାକୁ ମିଲମାଲିକମାନଙ୍କୁ ବାଧ କରିବାକୁ ଆମେ ଦାବି କରୁଛୁ । ଫସଲ ବୀମା ନାଁରେ ଚାଷୀଙ୍କୁ ପ୍ରତାରିତ କରି ଘରୋଇ ବୀମା କମ୍ପାନୀଙ୍କୁ ଲାଭ ପହଂଚାଇବାର ନୀତିକୁ ବନ୍ଦ କରିବାକୁ ଦାବି କରୁଛୁ । ଆଜିର ସାମ୍ବାଦିକ ସମ୍ମିଳନୀରେ ଋଷିକୂଲ୍ୟା ରୟତ ମହାସଭାର ସମ୍ପାଦକ ସିମାଂଚଳ ନାହାକ, ଧନୁର୍ଦ୍ଧର ପଲେଇ, ପ୍ରକାଶ ପଲେଇ, ଅଖିଳ ଭାରତ କିଶାନ୍ ମଜଦୂର ସଭାର ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ଲଡ୍ଡୁ କିଶୋର ଡ଼ାକୁଆ ପ୍ରମୁଖ ଯୋଗ ଦେଇଥିଲେ ।

# ସୁପୋଷିତ ଓଡ଼ିଶା ମିଶନ ଶୁଭାରମ୍ଭ

ଭୁବନେଶ୍ୱର ରାଜ୍ୟରେ ସମସ୍ତ ଶିଶୁଙ୍କର ପୁଷ୍ଟି ସାଧନ ପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଶିଶୁମାନଙ୍କୁ ପୋଷଣଯୁକ୍ତ କରାଇବା ପାଇଁ ସୁପୋଷିତ ଓଡ଼ିଶା ମିଶନ ଲୋକାର୍ପିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଆଜି ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ଏହି ମିଶନର ଶୁଭାରମ୍ଭ କରିଛନ୍ତି । ଓଡ଼ିଶା ପୁଷ୍ଟି ମିଶନ ଅଧୀନରେ ସୁପୋଷିତ ଓଡ଼ିଶା ମିଶନ ରାଜ୍ୟରେ ଶିଶୁମାନଙ୍କୁ କୁପୋଷଣରୁ ରୋକିବା ସହିତ ପ୍ରତ୍ୟେକ ଶିଶୁର ସ୍ୱାସ୍ଥ୍ୟ ଏବଂ ଅଭିବୃଦ୍ଧିକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରହିଛି । ଏହି ମିଶନ ଦ୍ୱାରା ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ସୁପୋଷିତ କେନ୍ଦ୍ରରେ ପରିଣତ କରାଯିବାର ମହତ୍ୱାକାଂକ୍ଷୀ ଲକ୍ଷ୍ୟ ରଖାଯାଇଛି । କମ୍ ଓଜନ ଓ ଦୁର୍ବଳ ଶିଶୁଙ୍କ ପାଇଁ ଉପଯୁକ୍ତ ଯତ୍ନ ନିଆଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ । ଏତଦ୍‌ବ୍ୟତୀତ ବିଭାଗ ଦ୍ୱାରା ସମୀକ୍ଷା ଓ ତଦାରଖ ଡ୍ୟାସ୍‌ବୋର୍ଡ ପ୍ରଚଳନ କରାଯାଇଛି । ଏହା ଦ୍ୱାରା ପୋଷଣ ଟ୍ରାକର ତଥ୍ୟକୁ ତୁରନ୍ତ ସମୀକ୍ଷା କରାଯିବ । ଏହା ଦ୍ୱାରା ବାସ୍ତବିକ ବ୍ୟବଧାନକୁ ଚିହ୍ନଟ କରି ସମୁଚିତ ପଦକ୍ଷେପ ଗ୍ରହଣ କରାଯିବ । ଏଥି ସହିତ ଉନ୍ନତ ପୁଷ୍ଟି ଫଳାଫଳ ନିମନ୍ତେ ଆନ୍ତଃବିଭାଗୀୟ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ଏକ ମିଳିତ ପରାମର୍ଶ ଜାରି କରାଯିବ । ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମିଶନ ଶକ୍ତି, ପଂଚାୟତିରାଜ ଓ ପାନୀୟ ଜଳ, ଅନୁସୂଚିତ ଜନଜାତି ଓ ଅନୁସୂଚି



ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, କ୍ରୀଡ଼ା ଓ ଯୁବସେବା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମିଳିତ ଭାବରେ ଏକ ଏକୀକୃତ ସେବା ପ୍ରଦାନ ମଡେଲ ପ୍ରସ୍ତୁତ କରି ହିତାଧିକାରୀଙ୍କ ରକ୍ତହୀନତା, ଗେଡ଼ାପଣ, କ୍ଷୀଣକାୟ ଅବସ୍ଥା ହ୍ରାସ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ଏହା ଦ୍ୱାରା ରାଜ୍ୟରେ ଶିଶୁମାନଙ୍କର ପୁଷ୍ଟିସାଧନରେ ସମୁଚିତ ପଦକ୍ଷେପ ଗ୍ରହଣ କରାଯାଇପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି । ସେହିଭଳି ଓଡ଼ିଶାର ବିଭିନ୍ନ ସ୍ଥାନର ଖାଦ୍ୟକୁ ନେଇ ଏକ ରୋଷେଇ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଛି । ଏଥିରେ ଶହେ ପ୍ରକାରର ବ୍ୟଞ୍ଜନ ସ୍ଥାନ ପାଇଛି । ରାଜ୍ୟର ପ୍ରତ୍ୟେକ ଖାଦ୍ୟରେ ଭରି ରହିଛି ସ୍ୱତନ୍ତ୍ର ପରମ୍ପରା । ଗୋଟିଏ ସ୍ଥାନର ଖାଦ୍ୟକୁ ଅନ୍ୟ ସ୍ଥାନରେ ବାସ କରୁଥିବା ଜନସାଧାରଣଙ୍କ ନିକଟରେ ଏହା ପହଂଚାଇ ପାରିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଏତଦ୍‌ବ୍ୟତୀତ ଓଡ଼ିଶାରେ ପୋଷଣର ପରିଦୃଶ୍ୟ ଉପରେ ଏକ କଫିଟେବୁଲ୍ ବୁକ୍‌କୁ ମଧ୍ୟ ସେ ଉନ୍ମୋଚିତ କରିଛନ୍ତି । ଏହା ସମସ୍ତଙ୍କ ନିକଟରେ ଉପଲବ୍ଧ ହେବା ଦ୍ୱାରା ସମସ୍ତ ଅଙ୍ଗନବାଡ଼ି କର୍ମୀ, ପାଚିକା, ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳା ସଦସ୍ୟା, ମା' ଏବଂ କିଶୋରୀମାନେ ମଧ ଖାଦ୍ୟ ଗୁଣବତାସଂପନ୍ନ ପ୍ରସ୍ତୁତ ପ୍ରଣାଳୀକୁ ଅନୁସରଣ କରିପାରିବେ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀ ଓ ଶିଶୁମାନଙ୍କ ଜୀବନକୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଅଗ୍ନି ନିର୍ବାପକ ବ୍ୟବସ୍ଥା କରାଯିବ । ଅଗ୍ନିଜନିତ ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ବାଲିବସ୍ତା ଓ ଅଗ୍ନିନିର୍ବାପକ କମଳ ଭଳି ସରଞ୍ଜାମ ରଖାଯିବ । ସେହିଭଳି ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନରେ ଏକ ସିଲାଇ ୟୁନିଟ୍?ର ମଧ ଲୋକାର୍ପଣ ହୋଇଛି । ଏହା ଦ୍ୱାରା ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜରମାନଙ୍କୁ ବ୍ୟବହାରିକ ଜ୍ଞାନ, ଆୟବୃଦ୍ଧି ନିମନ୍ତେ ଦକ୍ଷତା ବିକାଶ ପ୍ରଦାନ କରିବ । ଏହି ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ସମ୍ବନ୍ଧିତ ଶିଶୁ ବିକାଶ ସେବା ନିର୍ଦ୍ଦେଶିକା ଶ୍ରୀମତୀ ମନୀଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସ୍ୱୟଂପ୍ରଭା ମହାନ୍ତି, ଶ୍ରୀ ନିଲୁ ମହାପାତ୍ର, ଶ୍ରୀ ଅନନ୍ତ ନାରାୟଣ ସିଂ ଲାଗୁରି ଓ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଏକତା ପଦଯାତ୍ରା, ସାମିଲ ହେଲେ ସବୁବର୍ଗର ଜନସାଧାରଣ ଓ ଛାତ୍ରଛାତ୍ରୀ

ଭୁବନେଶ୍ୱର : ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏହି ପଦଯାତ୍ରା ମହାପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସବୁବର୍ଗର ଜନସାଧାରଣ ସାମିଲ ହୋଇଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ଏକତା ପଦଯାତ୍ରରେ ସାମିଲ ହୋଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଓ ତ୍ୟାଗର ସ୍ମୃତିଚାରଣ କରିଥିଲେ । ଲୌହମାନବଙ୍କ ବଳିଷ୍ଠ ନେତୃତ୍ୱରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଏକତା ଓ ସଂହତି ପ୍ରତିଷ୍ଠିତ ହୋଇପାରିଥିଲା ବୋଲି ସେ




ମତବ୍ୟକ୍ତ କରିଥିଲେ । ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଭାରତର ସାର୍ବଭୌମ୍ୟ ଓ ଏକତା ଅକ୍ଷୁଣ୍ଣ ରଖିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଏକାମ୍ର ବିଧାୟକ ଶ୍ରୀ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ ମଧ୍ୟ ଅନୁରୂପ ଭାବରେ ଭାରତରତ୍ନ ସର୍ଦ୍ଦାର ପଟେଲଙ୍କର ତ୍ୟାଗ ଓ ଅବଦାନ ସଂପର୍କରେ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ରନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରିଆ, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଓଡ଼ିଶା ଅଲମ୍ପିକ ଆସୋସିଏସନ୍?ର ସଭାପତି ଶ୍ରୀ ସମୀର ମହାନ୍ତି, ସମାଜସେବୀ ଶ୍ରୀ ଜଗନ୍ନାଥ ପ୍ରଧାନ, ଶ୍ରୀ ମନମୋହନ ସାମଲ, ଭୁବନେଶ୍ୱର ବିଡ଼ିଓ ଶ୍ରୀ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା କ୍ରୀଡାଧିକାରୀ ଗୀତାଞ୍ଜଳି ପଣ୍ଡା, ସମସ୍ତ କର୍ପୋରେଟର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ପଂଚାୟତ ସ୍ତରୀୟ ଜନ ପ୍ରତିନିଧି, ବୁଦ୍ଧିଜୀବୀ ପ୍ରମୁଖ ସାମିଲ ଥିଲେ ।

# ପାଳସାହି ଗାଁରେ ଡକାୟତି, ଲୁଟିନେଲେ ଲକ୍ଷାଧିକ ଟଙ୍କାର ଅଳଙ୍କାର




କଷିଆ ସାମୁଦ୍ରିକ ଥାନା ପାଳସାହି ଗାଁରେ ଆଜି ରାତିରେ ସଶସ୍ତ୍ର ଡକାୟତି ଘଟିଛି । ରାତିପ୍ରାୟ ସାଢେ ନଅଟା ସମୟରେ ୪ ଜଣ ଡକାୟତ ପ୍ରଫୁଲ୍ଲ ଲେଙ୍କାଙ୍କ ଘରେପଶି ଲକ୍ଷାଧିକ ଟଙ୍କାର ସୁନା ଗହଣା ଲୁଟିନେଇଛନ୍ତି । ଲୁଟ ସମୟରେ ପ୍ରତିବାଦ କରିବାରୁ ଲୁଟେରା ମାନେ ପ୍ରଫୁଲଙ୍କ ସ୍ତ୍ରୀ କମିନୀ ଲେଙ୍କାକୁ ଆକ୍ରମଣକରି ଆହତ କରିଛନ୍ତି । କମିନୀଙ୍କ ମୁଣ୍ଡରେ ଡକାୟତ ଜଣଙ୍କ ବ୍ୟାବାହାର କରୁଥିବା ବନ୍ଧୁକ ମୁନରେ ମୁଣ୍ଡକୁ ପିଟିଦେବାରୁ ଗଭୀର ଆଘାତ ଲାଗିଛି । ଚିକିତ୍ସା ପାଇଁ କମିନିଙ୍କୁ ବାସୁଦେବପୁର ଡାକ୍ତର ଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ, ଲୁଟକରି ବୋଲେରୋ ରେ ଫେରାର ମାରୁଥିବା ଲୁଟେରାଙ୍କୁ ଲକ୍ଷ୍ମୀଦାସପୁର ଠାରେ ଗ୍ରାମବାସୀ ଅଟକାଇ ପୁଲିସରେ ଜିମା ଦେଇଛନ୍ତି । ଖବରପାଇ ନାୟକାଣିଡ଼ିହି, କଷିଆ ସାମୁଦ୍ରିକ ପୁଲିସ ଘଟଣା ସ୍ଥଳରେ ପହଂଚି ଗାଡିକୁ ଜବଦ କରିଛି ।

# ବରିଷ୍ଠ ସାମ୍ବାଦିକଙ୍କ ପିତ ବିୟୋଗ



ରଘୁନାଥପୁର : ଜଗତସିଂହପୁର ଜିଲ୍ଲା ରଘୁନାଥପୁରବ୍ଲକ ଜଗନ୍ନାଥ ପୁର ପଂଚାୟତ ବାଗସାହି ଗ୍ରାମର ବରିଷ୍ଠ ସାମ୍ବାଦିକ କଲ୍ୟାଣ ସେନଙ୍କ ପିତା ରବିନ୍ଦ୍ର ନାଥ ସୁଙ୍କ ୯୦ବର୍ଷ ବୟସରେ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ବାର୍ଦ୍ଧକ୍ୟ ଜନିତ ଅବସ୍ଥାରେ ସୋମବାର ମଧ୍ୟରାତ୍ରରେ ତାଙ୍କର ଦେହାନ୍ତ ଘଟିଥିଲା । ମୃତ୍ୟୁ ସମୟରେ ତାଙ୍କ ପାଖରେ ତାଙ୍କ ବଡପୁଅ କଲ୍ୟାଣ, ସାନପୁଅ ସାଧନ, ପୁତ୍ରବଧୂ ସବିତା, ବନୀତା ଓ ନାତି ଅମିତ, ଅଙ୍କିତ ଉପସ୍ଥିତ ଥିଲେ । ଖବରପାଇ ମଙ୍ଗଳବାର ସକାଳେ ରଘୁନାଥପୁର ବ୍ଲକର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ମାନ୍ୟଗନ୍ୟବ୍ୟକ୍ତି ବିଶେଷ ତାଙ୍କ ବାସଭବନରେ ପହଂଚି ସ୍ୱର୍ଗତ ସୁଙ୍କ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ ପରିବାରକୁଙ୍କୁ ସମବେଦନା ଜଣାଇଥିଲେ । ଗ୍ରାମ ବାସୀ, ସାହିପଡିସା, ବନ୍ଧୁବାନ୍ଧବଙ୍କ ଗହଣରେ ନାମସଙ୍କିର୍ତ୍ତନ ରେ ତାଙ୍କ ମରାଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶସ୍ମାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।ବଡପୁଅ କଲ୍ୟାଣ ସେନ ମୁଖାଗ୍ନି ଦେଇଥିଲେ ।

# ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ପକ୍ଷରୁ ବିଶାଳ 'ଏକତା ପଦଯାତ୍ରା'

ଢେଙ୍କାନାଳ : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ଏକତା ଦିବସ ଅନୁଷ୍ଠିତ ହୋଇଯାଇଛି । ଭାରତର ପ୍ରଥମ ଉପ ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜନ୍ମଜୟନ୍ତୀ ପାଳିତ । ଭାରତର ଏକତା ଓ ସଂହତି ଦିଗରେ କାର୍ଯ୍ୟ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ମଧ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ସର୍ଦ୍ଦାର ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ 'ଏକତା ପଦଯାତ୍ରା' ଆୟୋଜନ କରାଯାଉଛି । ମାଳପୁରା ଠାରୁ ଏକ ବିଶାଳ ରାଲି କାମାକ୍ଷାନଗର ସାରଙ୍ଗଧର ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲା । ସମାଜର ସବୁ ବର୍ଗର




ଲୋକମାନଙ୍କୁ 'ଏକ ଭାରତ ଆତ୍ମନିର୍ଭର ଭାରତ 'ର ବାର୍ତ୍ତା ଦେବା ଏହି ପଦଯାତ୍ରାର ମୂଳ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତୃଘନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଏବଂ ସ୍ଥାନୀୟ ବ୍ଲକ ଅଧ୍ୟକ୍ଷଙ୍କ ସହିତ ବହୁ ଲୋକପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

# ନିଖିଳ ଉତ୍କଳ ଶିଶୁ ମେଳା ସମିତି ପକ୍ଷରୁ ୪୬ତମ ବର୍ଷିକ ଉତ୍ସବ ଓ ଶିଶୁ ମେଳା ଅନୁଷ୍ଠିତ

ଧର୍ମଶାଳା : ଯାଜପୁର ଜିଲ୍ଲା ଚଣ୍ଡିଖୋଲ ମିଲତନଗର ସ୍ଥିତ ସେଂଟ ଜାଭିୟର୍ସ ପବ୍ଲିକ ସ୍କୁଲ ପରିସରରେ ନିଖିଳ ଉତ୍କଳ ଶିଶୁ ମେଳା ସମିତି ପକ୍ଷରୁ ୪୬ତମ ବାର୍ଷିକ ଉତ୍ସବ ଓ ଶିଶୁ ମେଳା ସମିତିର ସଭାପତି ଡ. ପ୍ରିୟନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ସଙ୍ଗିତ ପ୍ରତିଯୋଗୀତା, ହସକଥା ପ୍ରତିଯୋଗିତା, ନୃତ୍ୟଧାରା ପ୍ରତିଯୋଗିତା ଓ ନୃତ୍ୟଧାରାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଏହି କାର୍ଯ୍ୟକ୍ରମଗୁଡିକୁ ଶ୍ରୀମତି ଦେବସ୍ମିତା ପହୀ, ବିପିନି ବିହାରୀ ସ୍ୱାଇଁ,ଶ୍ରୀମତୀ ଦିପ୍ତୀଶ୍ରୀ ମହାପାତ୍ର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଶିଶୁ ମେଳା ସମିତି ପକ୍ଷରୁ ଚକୋଲେଟ୍ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ବେଳେ ଏହି ପ୍ରତିଯୋଗିତାକୁ ଅଧ୍ୟାପକ ଅରୁଣ କୁମାର ନାୟକ ପରିଚାଳନା କରିଥିଲେ ଓ ପରେପରେ କୃତି ଛାତ୍ରଛାତ୍ରୀ ମାନଙ୍କୁ



ପୁରସ୍କାର ବିତରଣ ଓ କିଛି ବରିଷ୍ଠ ବ୍ୟକ୍ତିତ୍ୱଙ୍କୁ ସମ୍ବୋର୍ଦ୍ଧିତ କରାଯାଇଥିଲା ।ଏହି ଉତ୍ସବରେ ଉଦଘାଟକ ଭାବେ ବିଶିଷ୍ଟ ସାହିତିକ ଶ୍ରୀଯୁକ୍ତ ଧନଞ୍ଜୟ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ କବି ଦ. ତୁହିନାଂଶୁ ରଥ ଓ ମୂଖ୍ୟ ବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତିକ ଶ୍ରୀଯୁକ୍ତ ମାନସ ରଞ୍ଜନ ସାମଲ, ସେଂଟ ଜାଭିୟର ସ୍କୁଲର ଅଧକ୍ଷ ଶ୍ରୀଯୁକ୍ତ ଦୁଷ୍ମନ୍ତ କୁମାର ପଣ୍ଡା ଓ ଶିଶୁ ମେଳା ସମିତିର ସମ୍ପାଦକ ଶରତ କୁମାର ନାୟକ ଯୋଗଦେଇ ବହୁମୂଲ୍ୟ ବକ୍ତବ୍ୟ ଦେବାସହ ଛାତ୍ରଛାତ୍ରୀ ମନଙ୍କୁ ପୁରସ୍କାର ବିତରଣ କରିଥିଲେ ।ଏହି କାର୍ଯ୍ୟକ୍ରମରେ ନିଖିଳ ଉତ୍କଳ ଶିଶୁ ମେଳା ସମିତିର ସମସ୍ତ ସଦସ୍ୟ ଯୋଗ ଦେଇଥିଲା ବେଳେ ୧୭ଜଣ ପ୍ରତିଭାଧାରୀ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରସୁଲପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଧର୍ମଶାଳା : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ରସୁଲପୁର ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ ।ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୧୦୫ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୩ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୨୭ ଗୋଟି ଅଭିଯୋଗର ଏବଂ ରେଡକ୍ରସ ସହାୟତା ପାଣ୍ଠିରୁ ୦୧ ଟି



ଅଭିଯୋଗର ଶୁଣାଣି କରାଯାଇଥିଲା । ୩୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଶ୍ରୀ ଯଶପ୍ରତାପ ଶ୍ରୀମାଳ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ଲମ୍ବୋଦର ଖୁଂଟିଆ, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରସୁଲପୁର, ଶ୍ରୀ ସତ୍ୟାନନ୍ଦ ଦାସ, ତହସିଲଦାର, ରସୁଲପୁର, ଶ୍ରୀ ସିଦ୍ଧାର୍ଥ କୁମାର ବେହେରା ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗର ଶୁଣାଣି କରିଥିଲେ ।

# ଭଦ୍ରକ ଗୋ ସେବକମାନେ୨୫ ଗୋମାତାଙ୍କୁ ଉଦ୍ଧାର କଲେ

ଭଦ୍ରକ : ଭଦ୍ରକ ଗୋ ସେବକ ମାନଙ୍କ ବଡ ସଫଳତା ୨୫ ଗୋମାତାଙ୍କୁ ଉଦ୍ଧାର କରି ପୁରୁଣା ବଜାର ଥାନା ଅଧିକାରୀଙ୍କୁ ହସ୍ତାନ୍ତର । ଘଟଣା ରୁ ଜଣାପଡିଛି ଭଦ୍ରକ ଜିଲ୍ଲାରେ ଗୋ ମାଫିଆ ସକ୍ରିୟ ହୋଇ ଉଠିଛନ୍ତି । ପ୍ରତିଦିନ କିଛି ନା କିଛି ଗୋ ମାତା ଉଦ୍ଧାର କରାଯାଉଛି । ଜାତୀୟ ରାଜପଥରେ ଖୁଲମଖୁଲା ଗୋମାତା ନେଇକରି ଯିବାର ଦୃଶ୍ୟ ଆଗରୁ ଦେଖାଇ ଥିଲୁ । ଏହି କିଛି ଦିନ ହେବ ଗୋମାତା ଚୋରୀ ସକ୍ରୀୟ ହୋଇ ଉଠିଛି । ଗତ କାଲି ରାତ୍ରୀ ରେ ଗୋ ସେବକ ମାନେ ଜାଣିବାକୁ ପାଇଥିଲେ । ପୁରୁଣା ବଜାର ଥାନା ଅଧୀନ ପଠାନ ମହଲା ଠାରେ ତିନୋଟି କୋଠରୀରେ ବହୁ ସଂଖ୍ୟା ରେ ଗୋମାତା ବନ୍ଧା ହୋଇ ଅଛନ୍ତି । ଏହି ବିଷୟରେ ଭଦ୍ରକ ବିଧାୟକ ଶିତାଂଶୁ ଶେଖର ମହାପାତ୍ର ଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିଥିଲେ । ବିଧାୟକ ଜିଲ୍ଲା ଏସପିଙ୍କ ସହିତ ଆଲୋଚନା କରି ଗୋ ସେବକ ମାନଙ୍କୁ ଯିବା ପାଇଁ କହିଥିଲେ । ପୁରୁଣା ବଜାର ଥାନା ସହଯୋଗ ରେ ପଚିଶି ଟି ଗୋମାତାଙ୍କୁ ଉଦ୍ଧାର କରି ଗୋଶାଳା ପଠା ଯାଇଛି ।

# ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର : ରାଇଘର ପଂଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଁଆ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଉପ ଜିଲ୍ଲାପାଳ,ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର , ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝଙ୍କର,ଏସ ଡି ପି ଓ ଉମରକୋଟ ଶୁଭେନ୍ଦୁ ଶବର, ବି ଡି ଓ ,ରାଇଘର ରିତୁ ସିଂ ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୩୧ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୨୦ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୧ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା ।୫ ଟି ଅଭିଯୋଗର ସମାଧାନ ତତକ୍ଷଣାତ କରାଯାଇଥିଲା । ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ଦିବ୍ୟାଙ୍ଗ ମାନଙ୍କୁ ୮ ଟି ହୁଇଲ ଚେୟାର ଏବଂ ୩ ଟି ଟ୍ରାଇସାଇକଲ ପ୍ରଦାନ କରାଯାଇଥିଲା ।

## ସମୀର ଦାଦାଙ୍କ ଜନସେବା ଆଜି ବି ସମସ୍ତଙ୍କ ମନରେ ଜୀବନ୍ତ ରହିଛି : ମୁଖ୍ୟମନ୍ତ୍ରୀ

କଟକ,୧୮।୧୧ : ଚାହୁଁ ଚାହୁଁ ବର୍ଷେ ହୋଇ ଗଲାଣି। ଯେଉଁ ବଡ ଭାଇ ଆମ ହାତ ଧରି ଏହି ରାଜନୀତିର ରଣଭୂମିରେ ଠିଆ କରାଇଥିଲେ ଆଉ କହୁଥିଲେ-ମୁଁ ତୁମମାନଙ୍କ ପଛରେ ସବୁବେଳେ ଅଛି । ସେଇ ବଡ ଭାଇ... ଆମ ସମୀର ଦା, ବର୍ଷେ ହେଲାଣି ଆମ ଗହଣରେ ଆଉ ନାହାନ୍ତି। ଏକଥା ବିଶ୍ୱାସ ହେଉନାହିଁ କିନ୍ତୁ ଏହାହିଁ ସତ୍ୟ। ଏ ସତ୍ୟ ସହିତ ଆମକୁ ବଞ୍ଚିବାକୁ ପଡିବ ବୋଲି ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କ ଶ୍ରାଦ୍ଧବାର୍ଷିକୀରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।




କଟକ ସହିଦ୍ ଭବନ ଠାରେ ଆୟୋଜିତ ସ୍ମୃତି ସଭା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇ କହିଥିଲେ ଯେ ସମୀର ଦା'ଙ୍କ ଜନସେବା, ସରଳତା, ପରିଶ୍ରମ ଓ ଦୃଢ଼ ସଙ୍କଳ୍ପ ଆଜି ମଧ୍ୟ ଆମ ସମସ୍ତଙ୍କ ମନରେ ଜୀବନ୍ତ। ସମୀର ଦା'ଙ୍କ ରାଜନୈତିକ ଯାତ୍ରା କେବଳ ଦଳୀୟ ରାଜନୀତି ପର୍ଯ୍ୟନ୍ତ ସୀମାବଦ୍ଧ ନଥିଲା। ସେ ଥିଲେ ସାଧାରଣ ଲୋକମାନଙ୍କ ମଧ୍ୟରୁ ଉଠିଆସିଥିବା ଜଣେ ଦୃଢ଼ ପ୍ରତିନିଧି। ବିଭିନ୍ନ ଅଞ୍ଚଳର ଉନ୍ନତି, ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ, ଯୁବମାନଙ୍କ ଆକାଂକ୍ଷା, ଓ ଦୁର୍ବଳ ବର୍ଗଙ୍କ ଅଧିକାର ଏ ସବୁ ତାଙ୍କ ସେବାର କେନ୍ଦ୍ରବିନ୍ଦୁ ଥିଲା। ଜଣେ ସରଳ ସଚ୍ଚୋଟ ଉଦାର ମଣିଷଟେ ଥିଲେ ଦାଦା।

ମନ୍ତ୍ରୀ ଭାବେ ତାଙ୍କ କାର୍ଯ୍ୟକାଳ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନର ସାକ୍ଷୀ। ସଂଗଠନଶୀଳ ନେତୃତ୍ୱ, ଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଓ ଉନ୍ନତି ପାଇଁ ଅତୁଟ ସଙ୍କଳ୍ପ- ଏହି ଗୁଣଗୁଡ଼ିକ ସମୀର ଦାଦାଙ୍କୁ ଜନମାନସରେ ଅମର କରି ରଖିଛି। ଆଜିର ଏହି ଶ୍ରାଦ୍ଧ ବାର୍ଷିକୀ କେବଳ ଶୋକ ପାଳନ ନୁହେଁ; ଏହା ହେଉଛି ଗୋଟିଏ ଆନ୍ତରିକ ସଂକଳ୍ପ ଯେ, ସମୀର ଦା'ଙ୍କ ଉଦ୍ଦେଶ୍ୟ, ତାଙ୍କ ମୂଲ୍ୟବୋଧ, ତାଙ୍କ ଆଦର୍ଶକୁ ଆମେ ଆଗକୁ ବଢ଼ାଇନେବୁ।

ଜଣେ ଖାଣ୍ଟି କଟକିଆ ଥିଲେ ସମୀର ଦା। କଟକର ମାଟି, ପାଣି, ପବନ ସହିତ ସେ ଓତପ୍ରୋତ ଭାବେ ଜଡିତ ଥିଲେ। କଟକ ସହର ଯେଉଁ ଭାଇଚାରା ପାଇଁ ପ୍ରସିଦ୍ଧ, ସମୀର ଦା' ଥିଲେ ତାହାର ଜ୍ୱଳନ୍ତ ପ୍ରତୀକ। କଟକର ସବୁ ସଂଗଠନ, ସବୁ କମିଟି, ବିଭିନ୍ନ କ୍ରୀଡା ସଂଘ, ବିଭିନ୍ନ କର୍ମଚାରୀ ସଂଗଠନ- ସବୁଥିରେ ସେ ଥିଲେ ଆଗ ଧାଡିର ସଂଗଠକ ଓ ନେତା।

ତାଙ୍କର ଅଭାବ ଆମେ ସମସ୍ତେ ଅନୁଭବ କରୁଛୁ ଓ ଆଗକୁ ମଧ୍ୟ ତାଙ୍କ ଅଭାବ ଅନୁଭୂତ ହେବ। କିନ୍ତୁ, ତାଙ୍କର ଦିବ୍ୟାତ୍ମା ଏକ ଉଜ୍ଜଳ ଦୀପଶିଖା ଭଳି ଆମକୁ ନିଶ୍ଚୟ ରାସ୍ତା ଦେଖାଇବ ଏଥିରେ ସନ୍ଦେହ ନାହିଁ। ସମୀର ଦା ଆମ ପାଖରେ ଶାରୀରିକ ଭାବେ ନାହାନ୍ତି ସତ, କିନ୍ତୁ ସେ କାନେ କାନେ କହି ଯାଇଥିବା ଦାୟିତ୍ୱବୋଧ, ସେ ବୁଣିଥିବା ଉନ୍ନତିର ସୁତା, ଓ ସେ ଶିଖାଇଥିବା ସେବାଭାବ ଆଗାମୀ ପିଢ଼ୀ ପାଇଁ ଏକ ପଥଦର୍ଶକ ହୋଇ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କେନ୍ଦୁଝର ଜିଲ୍ଲା ୧୨ ଘଣ୍ଟିଆ ବନ୍ଦ ଡ଼ାକରା

ବଡ଼ବିଲ : କେନ୍ଦୁଝର ଜିଲ୍ଲା ବାଂଶପାଳ ରେ ଦିବ୍ୟାଙ୍ଗ ନାବାଳିକାକୁ ଦୁଷ୍କର୍ମ ଓ ଅନୁପ୍ରବେଶ କାରୀଙ୍କ ଅସାମାଜିକ କାର୍ଯ୍ୟକଳାପ ପ୍ରତିବାଦ ରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ କେନ୍ଦୁଝର ଜିଲ୍ଲା ୧୨ ଘଣ୍ଟିଆ ବନ୍ଦ ଡ଼ାକରା ଦେଇଥିଲା । ସକାଳୁ କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ଛକ ଅତ୍ୟାବଶ୍ୟକ ସେବା ଛାଡ଼ି ଦୋକାନ, ବଜାର, ସ୍କୁଲ୍, କଲେଜ, ଯାନବାହାନ ଚଳାଚଳ ବନ୍ଦ ରହିଛି । ବାଂଲାଦେଶ ଅନୁପ୍ରବେଶକାରୀ, ଉପଦ୍ରବକାରୀ, ଅସାମାଜିକ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଜିଲ୍ଲାରୁ ବାହାର କରିବା ଦାବିରେ ବନ୍ଦ ଡ଼ାକରା ଦିଆଯାଇଛି । ଆଜି ସକାଳୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ସଦସ୍ୟମାନେ ପିକେଟିଂ କରି ବିଭିନ୍ନ ସ୍ଥାନରେ ବନ୍ଦ କରିଛନ୍ତି। ସେହି ପରି ଗୁଆଲି ଓ ରୁଗୁଡ଼ି ରେ ମଧ ଜାତୀୟ ରାଜପଥ ୫୨୦ କୁ ସମ୍ପୂର୍ଣ ବନ୍ଦ କରିଥିଲେ । ସହ ସହ ଗାଡ଼ି ରାସ୍ତା ରେ ଛିଡ଼ାହୋଇଥିଲା । ଆଇନ ଶୃଙ୍ଖଳା କୁ ଦୃଷ୍ଟିରେ ରଖି ପୋଲିସ ପ୍ରସାସନ ପକ୍ଷରୁ ବିଭିନ୍ନ ଛକ ଓ ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଏହି ବନ୍ଦ ହୋଇଥିଲା।



## ଭୁବନେଶ୍ୱରରେ ଏକତା ପଦଯାତ୍ରା, ସାମିଲ ହେଲେ ଜନସାଧାରଣ ଓ ଛାତ୍ରଛାତ୍ରୀ

ଭୁବନେଶ୍ୱର ୧୮/୧୧ : ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଏହି ପଦଯାତ୍ରା ମହାପ୍ରଭୁ ଲିଙ୍ଗରାଜଙ୍କ ପୀଠରୁ ବାହାରି ରାମମନ୍ଦିର ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସବୁବର୍ଗର ଜନସାଧାରଣ ସାମିଲ ହୋଇଥିଲେ । କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ, ଏହା ଆୟୋଜିତ ହୋଇଛି।




ଏହି ଏକତା ପଦଯାତ୍ରରେ ସାମିଲ ହୋଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସର୍ଦ୍ଧାର ବଲ୍ଲଭଭାଇ ପଟେଲଙ୍କ ଅବଦାନ ଓ ତ୍ୟାଗର ସ୍ମୃତିଚାରଣ କରିଥିଲେ । ଲୌହମାନବଙ୍କ ବଳିଷ୍ଠ ନେତୃତ୍ୱରେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଏକତା ଓ ସଂହତି ପ୍ରତିଷ୍ଠିତ ହୋଇପାରିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ । ସେହିଭଳି କ୍ରୀଡ଼ା ଓ ଯୁବସେବା ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଭାରତର ସାର୍ବଭୌମ୍ୟ ଓ ଏକତା ଅକ୍ଷୁଣ୍ଣ ରଖିବା ପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ । ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାକୁ ସର୍ଦ୍ଦାର ପଟେଲଙ୍କ ଆଦର୍ଶ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ । ଏକାମ୍ର ବିଧାୟକ ବାବୁ ସିଂ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମଧ୍ୟ ଅନୁରୂପ ଭାବରେ ଭାରତରତ୍ନ ସର୍ଦ୍ଦାର ପଟେଲଙ୍କର ତ୍ୟାଗ ଓ ଅବଦାନ ସଂପର୍କରେ ନିଜର ମତ ରଖିଥିଲେ ।

ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଭୁବନେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ, ଭୁବନେଶ୍ୱର ଉପଜିଲ୍ଲାପାଳ ଡ. ମନୋରଞ୍ଜନ ସାହୁ, ଓଡ଼ିଶା ଅଲମ୍ପିକ ଆସୋସିଏସନ୍ର ସଭାପତି ସମୀର ମହାନ୍ତି, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଭୁବନେଶ୍ୱର ବିଡ଼ିଓ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲ୍ଲା କ୍ରୀଡାଧିକାରୀ ଗୀତାଞ୍ଜଳି ପଣ୍ଡା, ସମସ୍ତ କର୍ପୋରେଟର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ପଂଚାୟତ ସ୍ତରୀୟ ଜନ ପ୍ରତିନିଧି, ବୁଦ୍ଧିଜୀବୀ ପ୍ରମୁଖ ସାମିଲ ଥିଲେ ।

### ଚାଷୀ ଭାଇଭଉଣୀମାନଙ୍କୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଉ ଏକ ବଡ଼ ଉପହାର

## ଖରିଫ ୨୦୨୬ରୁ ନୂତନ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ

ନୂଆଦିଲ୍ଲୀ : କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅଧୀନରେ ଚାଷୀମାନଙ୍କୁ ଏକ ବଡ଼ ଉପହାର ଘୋଷଣା କରିଛି। ବନ୍ୟପ୍ରାଣୀଙ୍କ ଉପଦ୍ରବ ଏବଂ ଧାନ କ୍ଷେତରେ ଜଳବନ୍ଦୀ ସମସ୍ୟା ଯୋଗୁଁ ଫସଲ କ୍ଷତି ଲାଗି କ୍ଷତିପୂରଣ ଦେବା ପାଇଁ ମନ୍ତ୍ରଣାଳୟ ଆନୁଷ୍ଠାନିକ ଭାବରେ ନୂତନ ପ୍ରକ୍ରିୟାକୁ ଅନୁମୋଦନ କରିଛି।



ସଂଶୋଧିତ ବ୍ୟବସ୍ଥା ଅନୁଯାୟୀ, ସ୍ଥାନୀୟ ବିପଦ ବର୍ଗ ଅଧୀନରେ ବନ୍ୟ ପ୍ରାଣୀମାନଙ୍କ ଦ୍ୱାରା ଫସଲ ନଷ୍ଟକୁ ପଞ୍ଚମ 'ଆଡ୍-ଅନ୍ କଭର' ଭାବରେ ସ୍ୱୀକୃତି ଦିଆଯାଇଛି। ରାଜ୍ୟ ସରକାରଗୁଡ଼ିକ ବନ୍ୟପ୍ରାଣୀଙ୍କ ସୂଚୀ ଅଧିସୂଚୀତ କରିବେ ତଥା ଐତିହାସିକ ତଥ୍ୟ ଆଧାରରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲା/ବୀମା ୟୁନିଟଗୁଡ଼ିକୁ ଚିହ୍ନଟ କରିବେ। ଚାଷୀମାନଙ୍କୁ ଫସକ୍ଷ କ୍ଷତି ସୂଚନା ୭୨ ଘଣ୍ଟା ମଧ୍ୟରେ ଫସଲ ବୀମା ଆପ୍ରେ ଜିୟୋ-ଟ୍ୟାଗ ହୋଇଥିବା ଫଟୋ ସହିତ ଦାଖଲ କରିବାକୁ ହେବ।

ବିଭିନ୍ନ ରାଜ୍ୟର ଦୀର୍ଘକାଳୀନ ଦାବି ଏବଂ ଚାଷୀମାନଙ୍କୁ ଆକସ୍ମିକ, ସ୍ଥାନୀୟ ଓ ଗୁରୁତର ଫସଲ କ୍ଷତିରୁ ସୁରକ୍ଷା ଦେବା ପାଇଁ ଏହି ନିଷ୍ପତ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ପ୍ରକ୍ରିୟାଗୁଡ଼ିକୁ ପିଏମଏଫବିୱାଇ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ଅନୁସାରେ ବୈଜ୍ଞାନିକ, ସ୍ୱଚ୍ଛ ଏବଂ ବ୍ୟବହାରିକ ଭାବରେ ଡିଜାଇନ୍ କରାଯାଇଛି ଏବଂ ଖରିଫ ୨୦୨୬ରୁ ସାରା ଦେଶରେ କାର୍ଯ୍ୟକାରୀ କରାଯିବ।

ହାତୀ, ଜଙ୍ଗଲି ଘୁଷୁରୀ, ନୀଳଗାଈ, ହରିଣ ଏବଂ ମାଙ୍କଡ଼ ଭଳି ବନ୍ୟ ପ୍ରାଣୀଙ୍କ ଆକ୍ରମଣ ଯୋଗୁଁ ସାରା ଦେଶର ଚାଷୀମାନେ ଦୀର୍ଘ ଦିନ ଧରି ଫସଲ କ୍ଷତିର ସମ୍ମୁଖୀନ ହୋଇଆସୁଛନ୍ତି। ବିଶେଷକରି ବନାଞ୍ଚଳ, ଜଙ୍ଗଲ କରିଡର ଏବଂ ପାହାଡିଆ ଅଞ୍ଚଳ ନିକଟରେ ରହୁଥିବା ଚାଷୀମାନେ ପ୍ରାୟତଃ ଏହି ସମସ୍ୟାର ସାମ୍ନା କରିଥା'ନ୍ତି। ଏପର୍ଯ୍ୟନ୍ତ, ଫସଲ ବୀମା ଯୋଜନା ଦ୍ୱାରା ଏପରି କ୍ଷତିକୁ କଭର କରାଯାଇ ନଥିଲା, ଯାହା ଫଳରେ ସେମାନେ ଯଥେଷ୍ଟ ଆର୍ଥିକ କ୍ଷତି ସହିଥା'ନ୍ତି। ଅନ୍ୟପକ୍ଷରେ, ଉପକୂଳ ଓ ବନ୍ୟାପ୍ରବଣ ଅଞ୍ଚଳର ଧାନ ଚାଷୀମାନେ ବର୍ଷା ଯୋଗୁଁ ଜଳବନ୍ଦୀ ଏବଂ ନଦୀ ଓ ଝରଣାରେ ବଢ଼ି ପାଣି ଆସିବା କାରଣରୁ ପ୍ରଚୁର କ୍ଷତି ସହିଥା'ନ୍ତି । ୨୦୧୮ରେ ସ୍ଥାନୀୟ ବିପର୍ଯ୍ୟୟ ବର୍ଗରୁ ଏହି ବିପଦକୁ ବାଦ ଦେବା ପରେ ଚାଷୀଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବ୍ୟବଧାନ ସୃଷ୍ଟି ହୋଇଥିଲା। ଏହି ପରିବର୍ତ୍ତିତ ଆହ୍ୱାନଗୁଡ଼ିକୁ ଦୃଷ୍ଟିରେ ରଖି, କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଏକ ବିଶେଷଜ୍ଞ କମିଟି ଗଠନ କରିଛି। କମିଟିର ରିପୋର୍ଟକୁ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଅନୁମୋଦନ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସହିତ, ସ୍ଥାନୀୟ ସ୍ତରରେ ଫସଲ କ୍ଷତି ସହୁଥିବା ଚାଷୀମାନେ ଏବେ ପିଏମଏଫବିୱାଇ ଅଧୀନରେ ସମୟୋଚିତ ଓ ପ୍ରଯୁକ୍ତିବିଦ୍ୟା ଆଧାରିତ ଦାବି ସମାଧାନର ଲାଭ ପାଇବେ।

ନୂଆ ବ୍ୟବସ୍ଥା ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, କର୍ଣ୍ଣାଟକ, କେରଳ, ତାମିଲନାଡୁ, ଉତ୍ତରାଖଣ୍ଡ ସମେତ ଆସାମ, ମେଘାଳୟ, ମଣିପୁର, ମିଜୋରାମ, ତ୍ରିପୁରା, ସିକିମ ଓ ହିମାଚଳ ପ୍ରଦେଶ ଭଳି ହିମାଳୟ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଚାଷୀମାନଙ୍କୁ ସର୍ବାଧିକ ଲାଭ ଦେବ, ଯେଉଁଠାରେ ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷତି ଏକ ପ୍ରମୁଖ ଆହ୍ୱାନ ପାଲଟିଥାଏ। ଧାନ ଫସଲ ଜଳବନ୍ଦୀ ହେବା ସମସ୍ୟାକୁ ସ୍ଥାନୀୟ ବିପର୍ଯ୍ୟୟ ବର୍ଗରେ ପୁନଃ ସାମିଲ କରିବା ଦ୍ୱାରା ଓଡ଼ିଶା, ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତରାଖଣ୍ଡ ଭଳି ଉପକୂଳବର୍ତ୍ତୀ ଓ ବନ୍ୟାପ୍ରବଣ ରାଜ୍ୟଗୁଡ଼ିକର ଚାଷୀମାନେ ସିଧାସଳଖ ଲାଭ ପାଇବେ, ଯେଉଁଠାରେ ପ୍ରତିବର୍ଷ ଜଳବନ୍ଦୀ କାରଣରୁ ବାରମ୍ବାର ଧାନ ଫସଲ କ୍ଷତି ଘଟୁଛି।

ବନ୍ୟପ୍ରାଣୀଙ୍କ ଦ୍ୱାରା ଫସଲ କ୍ଷତି ଏବଂ ଧାନ ଫସଲ ଜଳବନ୍ଦୀ ହେବା ଉଭୟ ସମସ୍ୟାକୁ ସାମିଲ କରିବା ଦ୍ୱାରା ପିଏମଏଫବିୱାଇ ଅଧିକ ସମାବେଶୀ, ପ୍ରତିକ୍ରିୟାଶୀଳ ଏବଂ ଚାଷୀ ଅନୁକୂଳ ହୋଇଛି, ଯାହା ଭାରତର ଫସଲ ବୀମା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ସ୍ଥିର କରିବାରେ ସାହାଯ୍ୟ କରିବ।

## ଇଫକୋ ପରିସରରେ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ପାରାଦୀପ : ବିଶ୍ୱର ସର୍ବବୃହତ୍ତ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଜନ୍ମଦିବସ ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପରିସରରେ ସୋମବାର ଦିନ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ରକ୍ତଦାତାଙ୍କୁ ଉତ୍ସାହିତ କରିବା ପାଇଁ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଇଫକୋ ପାରାଦୀପ ୟୁନିଟ୍ ହେଡ୍ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ.ମହାପାତ୍ର । ଏହି ଶିବରରେ ଇଫକୋର ବରିଷ୍ଠ ପ୍ରବନ୍ଧକ ଏନ.ଆର.ନାୟକ, ସାଧାରଣ ପ୍ରବନ୍ଧକ କେ.ଆର.ଏନ୍.ମୂର୍ତ୍ତୀ, ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ମହାନ୍ତି, ଡି.ଜି.ଏମ୍. ବି.କେ.ପରିଡା, ଇଫକୋ ଅଫିସର୍ସ ସଂଘ ସଭାପତି ସୁଶା' କୁମାର ଜେନା, ସାଧାରଣ ସମ୍ପାଦକ ସତ୍ୟଜିତ ଖୁଣ୍ଟିଆ, ଇଫକୋ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ତୃପ୍ତିରଂଜନ ପୁହାଣ ଉପସ୍ଥିତ ଥିଲେ। ଜୀବନରେ ରକ୍ତର ଆବଶ୍ୟକତାକୁ ଅନୁଭବ କରି ଇଫକୋର ଅଧିକାରୀ, କର୍ମଚାରୀମାନେ ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଜନ୍ମଦିନରେ ଅନୁଷ୍ଠିତ ଏହି ମେଗା ରକ୍ତଦାନ ଶିବିରରେ କଟକ କେନ୍ଦ୍ରୀୟ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ ସହଯୋଗ କରିଥିଲେ।



## ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ଟି.ଭେନୁ ଗୋପାଲ

ପାରାଦୀପ : ସୋମବାର ଦିନ ବିଶାଖାପାଟନା ବନ୍ଦରର ପୂର୍ବତନ ସଚୀବ ଟି.ଭେନୁ ଗୋପାଲ ପାରାଦୀପ ବନ୍ଦର ଉପାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଶାଖାପାଟନା ବନ୍ଦରରେ ୧୯୯୫ ମସିହାରେ ବରିଷ୍ଠ ଅଧିକାରୀ ଭାବେ ଯୋଗ ଦେଇବା ପରେ ୨୦୧୯ ମସିହାରେ ଦୀନଦୟାଲ ବନ୍ଦର ସଚୀବ ଭାବେ କାର୍ଯ୍ୟ କରିଥିଲେ । ବିଶାଖାପାଟଣା ବନ୍ଦର ସଚୀବ ଭାବେ ୨୦୧୪-୨୦୧୮ ପର୍ଯ୍ୟନ୍ତ ଭାରପ୍ରାପ୍ତ ସଚୀବ ଭାବେ କାର୍ଯ୍ୟ କରିବାରେ ତାଙ୍କର ଅଭିଜ୍ଞତା ରହିଛି । ୨୦୨୦ ମସିହାରେ ବିଶାଖାପାଟନା ବନ୍ଦର ସଚୀବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେଠାରେ ଅତିରିକ୍ତ ଭାବେ ଟ୍ରାଫିକ ମ୍ୟାନେଜର, ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱ ନେଇ ନିଜର କାର୍ଯ୍ୟ ଦକ୍ଷତା ପ୍ରମାଣିତ କରିଥିଲେ । ଇଣ୍ଟରନ୍ୟାସନାଲ୍ କ୍ରୁଜ୍ ସିପ୍ ପରିଚାଳନା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍କିଲ୍ ଡେଭଲପମେଣ୍ଟଆଦି କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ଅବଦାନ ରହିଛି । ଦାୟିତ୍ୱ ଗ୍ରହଣ କରିବା ପରେ ବନ୍ଦର ଅଧକ୍ଷ ପି.ଏଲ. ହରନାଦଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ । ପାରାଦୀପ ବନ୍ଦର ବିଭାଗୀୟ ମୁଖ୍ୟ, ଅଧିକାରୀମାନେ ଶ୍ରୀ ଭେନୁ ଗୋପାଲଙ୍କୁ ପାରାଦୀପ ବନ୍ଦରକୁ ସ୍ୱାଗତ କରିଥିଲେ । ପ୍ରକାଶଥାଉକି, ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତାଙ୍କ ବଦଳି ହେବା ପରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଶ୍ରୀ ଭେନୁ ଗୋପାଲଙ୍କୁ ପାରାଦୀପ ବନ୍ଦର ଉପାଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା ।



## ଅସମ୍ଭାଳ ଜାଡ଼ରେ ଥରୁଛି ଘୁ ଉଦୟଗିରି, ୫.୬ ଡିଗ୍ରୀକୁ ଖସିଲା ପାରଦ

ଘୁ. ଉଦୟଗିରି, ୧୮/୧୧ : ଅସମ୍ଭାଳ ଜାଡ଼ରେ ଥରୁଛି କନ୍ଧମାଳ ଜିଲ୍ଲାର ପର୍ବତ ମାଳାଞ୍ଚଳ ଘୁ. ଉଦୟଗିରି। ୫.୬ ଡିଗ୍ରୀକୁ ଖସିଲା ପାରଦ। ରାଜ୍ୟର ସର୍ବନିମ୍ନ ତାପମାତ୍ରା ଥିବା ସହର ପାଲଟିଲା ଘୁ. ଉଦୟଗିରି। ପର୍ଯ୍ୟଟନ ସ୍ଥଳୀଗୁଡିକରେ ଲାଗିଲା ଭିଡ଼। ଆଗକୁ ଆହୁରି ଖସିବ ପାରଦ। ସୂଚନାନୁଯାୟୀ, କନ୍ଧମାଳ ଜିଲ୍ଲାର ଘୁ. ଉଦୟଗିରିରେ ମଙ୍ଗଳବାର ସକାଳେ ୫.୬ ଡିଗ୍ରୀ ସେଲସିଅସ୍ ତାପମାତ୍ରା ରେକର୍ଡ ହୋଇଛି। ଅସହ୍ୟ ଜାଡ଼ ଯୋଗୁଁ ସଞ୍ଜ ସକାଳେ ଲୋକମାନେ ଘରୁ ବାହାରିବା ମୁସ୍କିଲ୍ ହୋଇଯାଉଛି। ବିଶେଷକରି ମୂଲ ଲାଗି ଚଳୁଥିବା ଦିନ ମଜୁରିଆ ହଇରାଣ ହେଉଛନ୍ତି। ପିଲାଙ୍କଠୁ ବୁଢା ଯାଏ ସମସ୍ତଙ୍କ ପାଇଁ ଏ ହାଡ଼ଭଙ୍ଗା ଜାଡ଼ ଅସହ୍ୟ ହେଉଛି । ଗ୍ରାମାଞ୍ଚଳରେ ଲୋକମାନେ ନିଆଁ ହିଁ ଏକମାତ୍ର ସାହାରା ପାଲଟିଛି। ଜାଡ଼ ବଢ଼ିବା ଯୋଗୁ ଅସହାୟ, ବୃଦ୍ଧ ଓ ରାସ୍ତାରେ ରହୁଥିବା ଜନତାମାନଙ୍କ ପାଇଁ ଆଶ୍ରୟସ୍ଥଳୀ ଖୋଲିବାକୁ ଓ ଗରିବ ଦୀନହୀନମାନଙ୍କୁ କମ୍ବଳ ବିତରଣ କରିବାକୁ ଦାବି ହୋଇଛି। ସ୍ଥାନୀୟ ସଂଗଠନ ଏବଂ ସମାଜସେବୀମାନେ ବ୍ଲକ ପ୍ରଶାସନଙ୍କୁ ପ୍ରସ୍ତାବ ଦେଇଛନ୍ତି। କାରଣ ଆଗାମୀ କିଛି ଦିନରେ ଆହୁରି ପ୍ରଚଣ୍ଡ ଶୀତ ହେବାର ସମ୍ଭାବନା ରହିଛି।



ସେପଟେ ଘୁ ଉଦୟଗିରିରେ ପାରଦ ଖସୁଥିବାରୁ ଆଖପାଖ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଭିଡ଼ ଲାଗିଲାଣି। ବୃକ୍ଷଲତା ଉପରେ ପଡ଼ିଥିବା କାକରବିନ୍ଦୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ସ୍ଥାନୀୟ ଲୋକମାନେ ପର୍ଯ୍ୟଟନ କ୍ଷେତ୍ରକୁ ଆଗକୁ ଆଣିବା ପାଇଁ ସୁବ୍ୟବସ୍ଥିତ ରାସ୍ତା, ରାତି ରହଣି ସୁବିଧା କରିବା ପାଇଁ କହିଛନ୍ତି। ପାଣିପାଗ ବିଭାଗ ଅନୁଯାୟୀ, ପାହାଡ଼ିଆ ବତାସ ତୀବ୍ର ହେବା ଫଳରେ ଆଗାମୀ ଦିନଗୁଡିକରେ ତାପମାତ୍ରା ଆହୁରି ହ୍ରାସ ପାଇପାରେ। ସାଧାରଣ ଲୋକଙ୍କୁ ଗରମ ପୋଷାକ ପିନ୍ଧିବା ଓ ଶୀତ ଦିନିଆ ରୋଗରୁ ସତର୍କ ରହିବା ପାଇଁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

### ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀର ପ୍ରଥମ ଦିନର ଦ୍ୱିତୀୟ ଅଧିବେଶନ

## ସମସ୍ତ ପ୍ରଶାସନିକ କାର୍ଯ୍ୟର କେନ୍ଦ୍ରରେ ନାଗରିକଙ୍କ ସମ୍ମାନକୁ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର-୧୮/୧୧ : ରାଜ୍ୟ କନଭେନସନ ସେଣ୍ଟର ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ସମ୍ମିଳନୀର ପ୍ରଥମ ଦିନର ଦ୍ୱିତୀୟ ଅଧିବେଶନ ମୁଖ୍ୟ ଶାସନ ସଚିବ, ଓଡିଶା ଶ୍ରୀ ମନୋଜ ଅହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅଧିବେଶନରେ ଆଲୋଚ୍ୟ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଏହି ଅଧିବେଶନରେ ନାଗରିକ କେନ୍ଦ୍ରିକ ସେବା ପ୍ରଦାନରେ ନୈତିକତା, ଲୋକସେବା ଅଧିକାର ଅଧିନିୟମ ଅନ୍ତର୍ଭୁକ୍ତ ସେବା ପ୍ରଦାନ, ବ୍ୟକ୍ତିଗତ ଅଧିକାର, ସରକାରୀ କଲ୍ୟାଣ ଯୋଜନା, ସାମୁହିକ ସମ୍ପଦ ଏବଂ ଜନ ସାଧାରଣଙ୍କୁ ସୁବିଧାରେ ସରକାରୀ ସେବା ପ୍ରଦାନ ସଂପର୍କିତ ବିସ୍ତୃତ ଆଲୋଚନା କରାଯାଇଥିଲା । ସମ୍ମିଳନୀରେ ଯୋଗ ଦେଇଥିବା ଜିଲ୍ଲାପାଳ ତଥା ରାଜ୍ୟ ପ୍ରଶାସନର ସଚିବ ତଥା ବରିଷ୍ଠ ପଦାଧିକାରୀଙ୍କୁ ସମ୍ବୋଧନ କରି ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା କହିଥିଲେ ଯେ, ନାଗରିକମାନେ ହେଉଛନ୍ତି ଆମ ରାଜ୍ୟର ପ୍ରମୁଖ ସମ୍ପଦ । ପ୍ରତି ପ୍ରଶାସନିକ କାର୍ଯ୍ୟ ଓ ସେବା ପ୍ରଦାନ ବେଳେ ସେମାନଙ୍କର ମର୍ଯ୍ୟାଦା ପ୍ରତି ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଲୋକସେବା ଅଧିକାର ଅଧିନିୟମକୁ କାର୍ଯ୍ୟକାରୀ କଲାବେଳେ ତଥା ନାଗରିକ କେନ୍ଦ୍ରିକ ସେବା ପ୍ରଦାନ କ୍ଷେତ୍ରରେ ନୈତିକ ମୂଲ୍ୟବୋଧକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ କହିଥିଲେ । ପ୍ରତି ଗାଁ ଗାଁରେ ନାଗରିକମାନେ ସମ୍ମାନର ସହିତ ଜୀବନ ଯାପନ କରିବା ପାଇଁ ସେମାନଙ୍କ ପାଇଁ ପାନୀୟ ଜଳ, ସ୍ୱାସ୍ଥ୍ୟ ସେବା, ଗମନାଗମନ ପାଇଁ ସଡ଼କ ସୁବିଧା, ମୋବାଇଲ ଯୋଗାଯୋଗ, ବିଦ୍ୟୁତ୍ ସେବା ସହ ଜନକଲ୍ୟାଣକାରୀ ଯୋଜନାର ସୁଫଳ ପହଁଚିବା ଆଦି ସମସ୍ତ ସୁବିଧା ସୁଯୋଗକୁ ସୁନିଶ୍ଚିତ କରିବାକୁ ତ୍ୱରାନ୍ୱିତ ପଦକ୍ଷେପ ଓ ସୁବ୍ୟବସ୍ଥା କରିବା ସଂପର୍କରେ ସେ ଆଲୋକପାତ କରିଥିଲେ । କିଭଳି ସ୍ୱଚ୍ଛତାର ସହ, ବିନା ଅସୁବିଧାରେ ପ୍ରଶାସନିକ ଢାଞ୍ଚାରେ ଆବଶ୍ୟକ ସୁଧାର ଓ ବୈଷୟିକ ଜ୍ଞାନକୌଶଳ ଉପଯୋଗ ମାଧ୍ୟମରେ ତ୍ୱରିତ ଓ ସୁବିଧାରେ ଜନସାଧାରଣ ଉଦ୍ଦିଷ୍ଟ ସେବା ପାଇପାରିବେ, ସେ ସଂପର୍କରେ ମୁଖ୍ୟ ଶାସନ ସଚିବ ବିସ୍ତୃତ ଭାବେ ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରି ପରାମର୍ଶ ଦେଇଥିଲେ ।



Printed, Published and Owned by Sri Jyoti Prakash Jena, Printed at Mahesh Printing Press, 30 Industrial Colony, Kharavela Nagar, Bhubaneswar-751001
& Published from Markendswar Sahi, P.S-Puri Town, Dist-Puri, (Odisha) Pin- 752001
Editor : Jyoti Prakash Jena
Mob : 8018003328 / 9437653328 E-mail : teerthkhetra@gmail.com
ସମ୍ପାଦକ : ଜ୍ୟୋତି ପ୍ରକାଶ ଜେନା
ସହ ସମ୍ପାଦକ : ଶଶାଙ୍କ ଶେଖର ନାୟକ